# ଧାରା ଶ୍ରାବଣ



ମୂଲ୍ୟ ଏକଟଙ୍କା

ଲେଖକ

ଶ୍ରୀ ଘନଶ୍ୟାମ ମିଶ୍ର

ଭୁବନେଶ୍ୱର

ପ୍ରଥମ ସଂସ୍କରଣ ୧୯୬୯

ପ୍ରକାଶକ

ରାଷ୍ଟ୍ରଭାଷା ପ୍ରକାଶନ ସମିତି

ରାଷ୍ଟ୍ରଭାଷା ରୋଡ଼, କଟକ

# ଉତ୍ସର୍ଗ

ସେଇ କ୍ଷୁଦ୍ର ଶିଶୁଟି—ମାତ୍ର କେତୋଟି ଦିନ ପାଇଁ ଯେ ମୋର କ୍ଷୁଦ୍ର ପରିବାର ଭିତରେ ଆହୁରି କ୍ଷୁଦ୍ର ଗୋଟେ ନିଷ୍ପାଦନିଆ ଜଂଜାଳ ଲଗେଇ ଦେଇଥିଲା—ଯିଏ ଅଟେ ବୋଲି କେତେ ନାକଟେକା, ହାତ ଛିଞ୍ଚଡ଼ା ଭିତରେ ବି ଟାଣି ପାରିଥିଲା ଗୋଟେ ମୋହର ପାତଳ ପରଦା—ରକ୍ତ ମାଂସର ମୋହି—ଆଖି ପିଛୁଡ଼ାକେ କୁଆଡ଼େ ମିଳେଇ ଗଲା ପାଣି ଫୋଟକା ପରି, ଶ୍ରାବଣର ଗୋଟିଏ ବରଷା ଆଭୁର ଅନ୍ଧାର ଘଣ୍ଟରେ—ସେଇ ଶିଶୁଟିର ସୁଭାଷିଣୀ ପରି ଜୀବନ୍ତ ସ୍ମୃତି ଉଦ୍ଦେଶ୍ୟରେ——...

ଭୁବନେଶ୍ୱର<br>
ତା ୧୦।୮।୫୧ରିଖ<br>
ଶୁକ୍ରବାର

ଲେଖକ—

## ଶ୍ରାବଣ ରାତିର ମେଘ ଅନ୍ଧାର !

ସେଦିନ ପୁଣି ହୋଇଥାଏ 'ଚିତାଲାଗି ଅମାବାସ୍ୟା'। ମେଘ ଅନ୍ଧାର ଭିଡ଼ି ଦେଇଛନ୍ତି କାହିଁରେ କିଏ। ବିଜୁଳି, ଘଡ଼ଘଡ଼ି, ବରଷା-କେହି କାହାକୁ ଊଣା ନୁହନ୍ତି। ଭୁବନେଶ୍ୱର ନୂଆ ରାଜଧାନୀର ଟାଙ୍ଗରା ଭୂଇଁଟା ଖାଲି ପଡ଼ିଛି, ଉଠୁଛି ବାଆ ବତାସରେ।

ସାଇପଡ଼ା ଧାଉଡ଼ିଆ କୋଠାଘର କଟେଇ କଟେଇ ଲମ୍ବି ଯାଉଛି ଗୋଟିଏ ସରୁ ରାସ୍ତା। ରାସ୍ତା କଡ଼ରେ ବିଜୁଳିବତୀ ଖୁଣ୍ଟ ଗୁଡ଼ା ମେଘ ଅନ୍ଧାର ଭିତରୁ ଆଖିମିଟିକା ମାରୁଛନ୍ତି କାହିଁ କେତେ ପଛୁଆ ଦିନର ପୁରୁଣା କଥା ଶୁଣେଇ—ଏଇପରି ଦିନେ ଓଡ଼ିଶା ରାଜାଙ୍କ ଗନ୍ତାଘର ହୋଇଥିଲା— ଏକାମ୍ରକାନନ !

ଏଇଠି ଦିନେ ଏଇମିତିଆ ଅନ୍ଧାରରାତି ହୁଏତ ଦକ୍ଷିଣୀ ନାଚରେ ମୁଖର ହୋଇ ଉଠୁଥିଲା—କେତେ ହସଖେଳ, ନାଚକୁଦ, ମଉଜ ମଜଲିସ୍ ! ଆଉ ଆଜି ?

ଆଜି ସେ ରାଜାଙ୍କ ନାଁ ପିଲାଙ୍କ ଇତିହାସ ଗପ ହୋଇଛି। କେତେ ଶ୍ରାବଣ ଆସିଲାଣି, ଗଲାଣି ଘଣ୍ଟା କଣ୍ଟା ଧରି। ହେଉଁ ବା'ରକୁ ସେଇ ବା'ର ଭଙ୍ଗୁଛି ସଇଁତି ଅମଙ୍ଗଳା। ଘଣ୍ଟା କଣ୍ଟାଟା ଗୋଟେ ଗତ ପକେଇ ଘୂରି ବୁଲୁଛି।

## * ଦୁଇ *

ସେଇ ପୁରୁଣା ଯୁଗର ଶ୍ରାବଣ ହୁଏତ ଆଜିକାର ଏଇ ଉପର ଚକଚକିଆ ଯୁଗର ଶ୍ରାବଣ ସାଙ୍ଗରେ ସମତୁଲ ହେବ କି ନା, ଜାଣି ହେଉନି । କେମିତି ବା ଜାଣି ହେବ ?

ସେ ଯୁଗର ଶ୍ରାବଣ ତ ଏବକାର ପରି ଚଷାମନ ଗଣ୍ଡି ଧରୁ ନ ଥିଲା ! ଚଷା ମନ ଜାଣି ଅଜାଡ଼ି ଦେଉଥିଲା ସେ କୁବେର ସମ୍ପତ୍ତି ଶ୍ରାବଣରେ । ଆଉ ଆଜି ?—ଆଜି ହଳବଳଦ ହଣ୍ଡା-ବେପାରୀଙ୍କ ହାତରେ ଟେକି ଦେଇ ଚଷା ହୋଇଛନ୍ତି କୁଲି, ମଜୁରିଆ । ପେଟ ଖଣ୍ଡିକ ପାଇଁ ଘର ଦୁଆର, ପିଲା କବିଲା ଛାଡ଼ି ପର ପାଖରେ ଦାନ୍ତ ନିକୁଟି ହାତ ପାତୁଛନ୍ତି—ସେ କୁଲି—ସେ ମଜୁରିଆ !!

ଆଜି ସେଇ ଶ୍ରାବଣ ରାତି-- ପୁଣି 'ଚିତୋଉ ଅମାସିଆ' ।

ଭୁବନେଶ୍ୱର ନୂଆ ରାଜଧାନୀର ଗୋଟି ବସ୍ତି ରାସ୍ତାରେ ମେଘ ଅନ୍ଧାର ଠେଲି ଚାଲିଥାଏ ରିକ୍ସା । ସାମନାପଟରୁ ପାଣିଛିଟା ମାରି ଭିଜାଇ ଦେଲାଣି ଦେହ । ପବନ ଘାତରେ ତାଳପତ୍ର ପଖିଆଟା ସମ୍ଭାଳି ପାରୁନାହିଁ । ବରଷା ହାଲପ ଦେହସାରା ଥରାଇ ଦେଉଛି । ଭୋକରେ ପେଟ ଖୋଟା ଗୋଠା ହୋଇ ଯାଉଛି । ରିକ୍ସା ଚାଲିଛି । ଆଉଗୋଟେ ବତ୍ତିଖୁଣ୍ଟ ଡେଇଁଗଲେ ପଡ଼ିବ କଣ୍ଟ୍ରୋଲ ଚାଉଳ ଦୋକାନ । ଚଞ୍ଚଳ ନଗଲେ ଚାଉଳ ସରିଯିବ । ଦୋକାନଟା ଚଟ୍‌ପଟ୍ କବାଟ ଆଉଜାଇ ଦେବ । ଭୋକ ଉପାସରେ ତମେ ମଲେ କେତେ—ଗଲେ କେତେ !

ଏଇ ଦେଶର, ଏଇ ମୁଲକର ମଣିଷ ତ ସେମାନେ ! ଚଷୀ, ମୂଲିଆଙ୍କ ହାଡ଼ଭଙ୍ଗା ଗୋଳା ଖଟଣି ବଦଳରେ ସେମାନେ ହୋଇଛନ୍ତି ଅନ୍ନଦାତା । କୋଠାଘର, ମଠାଜାମା, ବନ୍ଦୁକବଣ୍ଡା, ଟଙ୍କା—ଏମିତି କେତେ କ'ଣ । କେଉଁଠୁ ଆସୁଛି ଏ ସବୁ ?

* ୧୭ *

ଖଟିଆ ଚଖା ଆଉ ଝୋଟିଙ୍କ ଏମାନେ । ସେଥିରେ ଘୁଣି ଚୋଡ଼ କ'ଣ ଦେଖିବ ?—ବଇଁଶା ହାସ୍ୟ ଦେଖି ଉତ୍ସୁକ ହାଣୁ ଥିଲୁକି ? ଆସିଲେ ଆମ ମାହାଯାଙ୍କେ ଝୁଲ୍‌କିଝୁଲିକା—ଗୁଡ଼ଲ ନେବେ— ଯା, ଗୁଡ଼ଲ ନାହିଁ ।.........

ମନଟା ଖାଲି ଉଦ୍ବେଳଇ ଖଟବେଇ ହେଉଥାଏ ସ୍ଥାଣିବ୍ହାର । ପେଟର ଜ୍ୱାଳା ତା'କୁ ପଗଳ କରିଦେଲାଣି ସେତେବେଳକୁ । ଓଦା କୁଣ୍ଡୁବୁଣ୍ଡୁ ଛତିଆଟାକୁ ତଳେ ଥୋଇ ଦେଇ କେଉଁ ଆଶାରେ ସେ ଉଠାଯାଇଥିଲା ଦୋକାନ ପିଣ୍ଡା ଉପରକୁ । ଗୁଡ଼ଲ କର୍ଣ୍ଣ ଖଣ୍ଡିକ ସାତ ପରସ୍ତ କରି ଅଣ୍ଟାରେ ଗୁଞ୍ଜିଥିଲା, କ'ଣ ଏଇଥିପାଇଁ ?

ଦାଢ଼ିଆଜଡ଼ା କବାଟ ଫାଙ୍କରେ ମୁହଁ ଗଳାଇ ସେ କହିଲା— ବାବୁ, ଆଜିକ ହେଲେ ଦେଇଥା—ଆଉ ଥରକୁ ସଅଳ ନ ଆସିଲେ ପଛେ ମନା କରିଦେବ । ଏ ବରଷଟାରେ ମୁଁ କେତେ କାଠରୁ ଦଉଡ଼ୁଛି, ଟିକଏ ମୁହଁକୁ ଅନଉନା !—

ସିଂଧା ସଳଖ ଭିତରୁ ଜବାବ ଆସିଲା—ନାହିଁରେ ବାବୁ, ହୋଇ ପାରିବ ନାହିଁ । ବିକାକିଣା ବନ୍ଦ ହେଲାଣି । ଯା, ଆଉ ପାଟି ଭୁଣ୍ଡ କରନା—ହିସାବ ଗୋଲମାଲ ହେବ ।—

ଲୋକଟର ତୋଟି ଚିପି ଦେବାକୁ ମନ ହେଲା । ନାଗୁର ସେ—କ'ଣ କରିବ ?—

ଛତିଆଟାକୁ କାନ୍ଧରେ ପକାଇ ଏ ଆଡ଼କୁ, ସେ ଆଡ଼କୁ ଢ଼' ଗୁରିଥର ଗୁହଁଲା ସାଜାବା । କୁକୁରଟାଏ ଭ' ହେଲେ ଭୁଲରେ ରସ୍ତାକୁ ବାହାରି ପଡୁ ନାହିଁ ଭୁକିବାକୁ ଭୁକା ବଢେଇ ହୋଇ ଚାଲିଛି । ଭଙ୍ଗା ମାଉସୀ ମନ୍ଦିର ପାଖରେ ନୁଆଣିଆ ଗୁଳ ଧାରରେ ରହେ ସାଜାବା । ଏତକ ବାଟ ଆହୁରି ଯିବାକୁ ପଡ଼ିବ ତା'କୁ ।

## ❋ ସ୍ମୃତି ❋

ସେଇ ପଂଜାଙ୍ଗ କାନତରାନ୍ତି ପାଇଁ ତା'ର ଅଙ୍କ ଏ ଅବସ୍ଥା । ମଜୁରି ଗଣ୍ଡାକ ପାଇଁ ଗୋଷ୍ଠ ଭର୍ତ୍ତି ଠିଆ ହୋଇ ହୋଇ ଅଙ୍କ ଗୁଡ଼ିକ ଗଣ୍ଡାଏ ବି ତା' ଭାଗ୍ୟରେ ଯୁଟିଲା ନାହିଁ । ହଉ, ଦେଖିବା ନାହିଁ—କାଲି ଫେରନ୍ତ ସେ କାମକୁ ଯିବ । ଗଲାମାସେ କେମିତି ସେ କାନତରାଣି କହିବ—ରାଜାବା ଚାଲୁଚ, କପେ ଚା' ଆଣିବୁ ସେ ସମନା ଦୋକାନରୁ ।—

ଚିତାଉ ଅମାସିଆ, ସେଇ ମେଘ ଅନ୍ଧାର ଟେଲି ବସ୍ତ୍ର ରେ ଗୁଳିବ୍ରି ରାଜାବା । ବାହାରେ ଗୁହା ଗୁହା ହୋଇ ବର୍ଷେ ଗୁଲିଛି ମେଘ । ଭିତରେ ଗୁହା ଗୁହା ହୋଇ ଚେତ ଉଠୁଛି ଟେଟେ କାଳର କେତେ ମଜଲା କଥା । ଠିକ୍ ଗାଈଗୋରୁ ଗୁହାଳେ ଶୋଇ ପାକୁଳ କଲାପରି ରାଜାବା ମନରେ ଗୋଟିକ ପରେ ଗୋଟିଏ କଥା ଜାଗି ଉଠୁଛି ।

ଆଜି 'ଚିତାଉ ଅମାସିଆ' । ଘରେ ଥିଲେ ବୁଢ଼ୀମା' କେତେ ଆଦର ଗଉର କରି ବଲ ଫେରନ୍ତି ରାଜାବା ଆଗରେ ବାଢ଼ି ଦେଇଥାନ୍ତା ଗୁଡ଼ ଚିତାଉ । ଗଲାବର୍ଷ ପରବଦିନେ ରାଜାବା କେତେ ରକମର ପିଠା ଖାଇଥିଲା । ମା' ବୁଢ଼ୀ ତା'ର ପଡ଼ିଶାଘର ଚଉଧୁରୀଙ୍କ କୁଟୁମ୍ବ ଗୋଟାକର କାମ ଯାଇଟି କରି ଦିଏ ବୋଲି ଚଉଧୁରାଣୀ ତା'କୁ ଖରି ସୁଖ ପାଆନ୍ତି । କଷ୍ଟ ହେଲେ ବି ବୁଢ଼ୀକି ଟିକିଏ ନ ଦେଇ ରହି ପାରନ୍ତି ନାହିଁ ।

ଆଜି ସୁନେଇ—ଲାଜକୁଳୀ ଟା । ଗ୍ରେଟିଆ ଚେଳା ମୁହଁଟି କୁହୁଳେଇ ଆସି ଫେରାଦ ହୋଇ ବସେ—ବାଡ଼ିରେ ହେଉଛି ସୁନୁସୁନିଆ ସାଗ । ସେଇଥିରୁ ଅଣିଏ ଅଣି ରସୁଣ ପକେଇ ଖରଡ଼ି ଦେଲେ ସକାଳୁ କାଲି ପଖାଳ ଖାଇ ବିଲକୁ ଯାଆନ୍ତ ନାଇଁ । ରାଜାବାର ବୁଦ୍ଧି ବଣା ହୋଇଯାଏ । ଆଗକୁ ପଛକୁ

ଗୃହିଁ ଓଡ଼ଣା ଭିତରେ ତା ଫୁଲିଲା ଗାଲକୁ ଚିପେଇ ଦେଇ ସେ କଅଣ ପାଏ କେଜାଣି !

ମନେ ପଡ଼ିଗଲା ଦିନ ଦେର ତଳର ଗୋଟାଏ କଥା । ସୁକେଇ ଦେଇ ଥିଲା । ଶ୍ୟାମଦାସ ବୁଢ଼ା ହରବର କରୁଛି ତା କରଜା ଧାନ ପାଇଁ । ଗାଁ ଛାଡ଼ିଲାବେଳେ ରଙ୍ଗାବା ଅଧାଅଧି ଶୁଝି ଦେଇଥିଲା । ବାକି ଅଧିକ ହୋଇଛି ଗୋଟେ କଣ୍ଠା । ବୁଢ଼ୀମା ଥିଲେ ରଙ୍ଗାବା କାହିଁକି ଗାଁ ଛାଡ଼ି ପଳାଇ ଆସି ଥାଆନ୍ତା ଏତେ ଦୂରକୁ ? କାହିଁ ଆସିକା ପାଖ ଭେଟନଇ ଗାଁ, ଆଉ କାହିଁ ଭୁବନେଶ୍ୱର !

ଏ ଜୀବନଟା କଣ ସତେ ମ ; କଥାପଦକୁ ନାହିଁ । କାଲି ପରି ଲାଗୁଛି । ଆଖିକି ଦିଶି ଯାଉଛି । ଗାଁ ନଈରେ ବୁଢ଼ୀମା ତାର କାନ୍ଦେ ଘଡ଼ା କୁହଁରୁ ମାଟିଆ ମାଟିଆ ପାଣି କାଖେଇ ଚାଲି ଆସୁଥିବ । ବାଷଠି ବରଷର ବୁଢ଼ୀ—ଚିକିଏ ଅଣ୍ଟା ଲଇଁଥିଲା ନା ? ଗନ୍ଧବରଷ ଚଇଧୁରୀଙ୍କ ଖଳାରୁ ବେଙ୍ଗଲା ସାରି ରଙ୍ଗାବା ଘରକୁ ଫେରିଲା ବେଳକୁ ସୁଟନଇଁ ଧଇଁ ଆସି ନାକ ସୁକୁ ସୁକୁ କରି କହିଲା—ବୁଢ଼ୀକି ହେଲାଣି ଜର । ଶୋଉଛମାଟା ଧଇଛ ।

ରଙ୍ଗାବା ଯାଇଁ ଦେଖିଲାବେଳକୁ କଥା ସରି ଆସିଲାଣି । ବୁଢ଼ୀର ଗୋଡ଼ ହାତ ବରଫ ପରି ଥଣ୍ଡା । ଯୁଆଡେ ଯେମିତି ବଦେ ଧାଁ ଦଉଡ଼ କଲା ରଙ୍ଗାବା—ହେଲେ ଆଉ କାହିଁ ଥାଏ ? ରାତି ପାହାନ୍ତା ବେଳକୁ ବୁଢ଼ୀ ଖତମ୍ । ପାଣି ଫୋଟକାପରି ଜୀବନଟା ଆଖି ପିଛୁଡ଼ାକେ ମିଳାଇଯାଏ । ସେହିପରି ମିଳାଇଗଲା ବୁଢ଼ୀମା ତାର ରାଜ୍ୟଟା ଯାକ ଛଳା ମୁଣ୍ଡ ଉପରେ

## * ଛଅ *

ଅଡାଙ୍ଗ ହେଇ । ରାଜାବା ହେଲା ଘରକୁ ଏକା । ସୁନେଇଟି ପାଖରେ ବସି ଶିକାଉଥାଏ । ପିଲାଟାଏ ସେ—କ'ଣ ବା କରିବ ?

ଚଷା'ଘର ପୁଅ ସେ—ଗୃହୀ । ଲଙ୍ଗଳ କାନ୍ଧେଇ ହା'ତରେ ଥିଲେ ଚଷାପୁଅର କେତେ ହିମତ । ହନ କେତେ ଚୌଧୁରୀଙ୍କ ମୂଲ ମଜଦୂରରେ ଚଳିଗଲା ରାଜାବାର ସଂସାର । କେତେଦିନ ବା ଏମିତି ଚଳିବ ? ମାବୃତୀ ଥିବାଯାଏଁ ରାଜାବାକୁ କେହି ଭରସି କିଛି କହିପାରୁ ନଥିଲେ । ସେ ଆଖି ବୁଜିଲା ବାସି ଦିନରୁ ଜଣ ଜଣ ହୋଇ ମାଲିକାର ପହଞ୍ଚିଗଲେ—କାହାର କେତେ ପ୍ରକାର ପାଉଣା ।

ବାପକମେଇ ଜମି ଦି'ଗୁଣ୍ଠ ବନ୍ଧା ପକାଇ ରାଜାବା ମା'କୁ ଶୁଝି ହେଲା । ଶାମଦାସଙ୍କ କରଜା ଧାନରୁ ଅଧିକ ଶୁଝି ସେ ଗାଁ ଛାଡ଼ି ଚାଲିଆସିଲା ଭୁବନେଶ୍ୱର— ନୂଆ ରାଜଧାନୀ କାମ ଲାଗିଛି । କେତେ କୁଆଡ଼ୁ ଆସି ସେଠି କୁଲିଗିରି କରୁଛନ୍ତି । ସେ ଏବେ ସେମାନଙ୍କ ସାଙ୍ଗରେ ମିସ୍ତ୍ରୀ ଜଣେ ହେବ । ବଳ, ବୟସ ଅଛି । ଗାଁ ସାଇରେ ଏଘର ସେଘର ହେବାଠୁଁ ବିଦେଶରେ ପର ପାଖରେ ହାତ ପତାଇବା ବରଂ ରାଜାବା ମତରେ ଭଲ ।

ଖାଲି ଏଇକି—ସୁନେଇଟି ଏକା ରହିଯିବ । ହଁ ପାଖ ପଡ଼ଶା ମାଉସୀ ପିଉସୀଙ୍କ ସାଙ୍ଗରେ ହେଲମେଳ ହୋଇ ଚଳିଯିବ ନାହିଁ ସେ···ସୁନେଇ ସାହସ ଦେଲା ।

ଏଇ 'ଶିବରାତ୍ରି ଅମାବାସ୍ୟା'—ସୁନେଇ ବାର ବାର କରି ଲେଖିଥିଲା ଗାଁକୁ ଯିବାପାଇଁ । ବେଶୀ ନ ହେଲେ ଦିନ ଦି'ଟା ରହି ଚାଲି ଆସିବ ରାଜାବା । ସେ'ଦିନର 'ମଞ୍ଜୁଷା କେଉଁଠୁ ଆସେ ?

# ✽ ସାତ ✽

ଅରଙ୍ଗଜବ'ଙ୍କୁ ଆସି ମେଥ୍ୟୁ ର ଏମିତି ଉପମେୟ କଲେ କାହାଁକି ଯିବ ? କାନଡବାଟିକ କ'ଣ ଅପ୍ରାପ୍ତ ହୋଇଛନ୍ତି କି ? ହେଲେ……

ଏଇ ବରଷା ଢୋକି ଯାଇଥିବ ଭେଟନଙ୍କ ଗାଁରେ । ସୁନେଇ ଥିବ ଘରଟି ଭିତରେ ଏକା……କେତେ ସାତ ପାଞ୍ଚ ଭାବନା ଘେରିଗଲା ରଙ୍ଗବା ମନକୁ । ପାପ ଛୁଇଁଲା……ସୁନେଇ ତା'ପାଇଁ ଏଇମିତି ଝୁରି ହେଉଥିବ ନା……

କି, ଗଜା ବୟସ, ରୂପର ଗଡ଼ଣ ଯେମିତି ଇଚ୍ଛା ସେମିତି । କେହି ନ ହେଲେ ଶାମ ଦାସ ପୁଅ ଅରକ୍ଷିତଆଟା ଆଖି ଆଗରେ ବଢ଼ି ଯାଉଛି । କରଜାଧାନ ମାଗିବା ବାହାନାରେ ରଙ୍ଗବା ଥିଲା ଦିନେ ବି କେବେ କେମିତି ଦାଣ୍ଡ ପଟରେ, ବାଡ଼ି ପଟରେ ଲଙ୍ଗର ପଙ୍ଗର ହେଉଥିବ…… ଦେଖନ୍ତି ଶିବଣ ଉଟଲା ରଙ୍ଗବାର । କ'ଣ ଗୁଡ଼େ ଭାବୁଛି ସେ ?

କେତେ ବେଗି ଗୋଟେ ବନ୍ଧୁକ ଟଳକ ପରି ମନେ ପଡ଼ିଗଲା ଫୁଲ ମୂଲଅଣୀ କଥା । ଘର ଏଇଠି ନଜଦିକରେ— କପିଳେଶ୍ୱର ଗାଁ । ଛୁଆଁ ଜାତି । ନିତି ସକାଳୁ ମୂଲ ଲାଗି ଆସେ, ସଂଧ୍ୟା ଗୁଂଜୁ ଗୁଂଜୁ ଘରକୁ ଫେରେ । ଭାରି ଦେଖି ପାରେ ସେ ରଙ୍ଗବାକୁ । ଗାଁରୁ କେତେ କ'ଣର ଫୁଲ ଫଳ ଆଣି ଦିଏ । ଏକୁଟିଆ ଲୋକ ଜାଣି କେତେଥର ଦେଖେଇ ଶୁଣେଇ କହିଲାଣି— ରଙ୍ଗବା'ଇ, ଆଜି ଗଲାବେଳେ ମତେ ତୋରାଣି ଦେବୁନା ପିଇବାକୁ……।

ସାଙ୍ଗ ସାଥୀଙ୍କ ହାବୁଡ଼ ପଡ଼ିଗଲେ ଟାହି ଟାପରା କରନ୍ତି କେତେ—ବୁଝିଲୁନା ଗୋବିନ୍ଦା ଇ, ଫୁଲ ତ ଖାଲି ବିଲକୁ ଫୁଲୁଛି । ହୁସିଆର ଥା'ବେ ରଙ୍ଗବା, ପାଲରେ ପକେଇ ଦେବନି !

❋ ଆଠ ❋

ମନେ ମନେ ଉତ୍କୁଣ୍ଠ ହୁଏ ରଞ୍ଜିତା । ସାଙ୍ଗ ସାଥୀଙ୍କ ଆଗରେ ମୁହଁ ଟେକି ପାରେନା । ଫୁଲ ଟିକିଏ ଦୂରେଇ ଗଲେ କାଣେଇ ଚାହିଁ ତା'କୁ ଦଣ୍ଡେ ଅଧେ । ମନଟା କ'ଣ ହୋଇଯାଏ......

ତାକୁ ସାଙ୍ଗରେ ବାଦ ଲଗାଇ ସୁନେଇର ମୁହଁଟି ଦିଶିଯାଏ ଆଖି ଆଗରେ — ଚମକି ପଡ଼େ ରଞ୍ଜିତା । ତା' ଭିତରଟି ଡରେ ଅଛି ଏକା । ଆପଣା ଅବଗୁଣରେ ଦୁନିଆଟା ବଦଳିଯାଏ...... ନା, ନା, ସେ ଫୁଲ ସାଙ୍ଗରେ ଆଉ ସେ'ଠି କାମ କରିବ ନାହିଁ । ଠିକା ୨ ଘଡ଼ି ଆଗରୁ ମାରକେଟ ଖଇ ବନ୍ଦ ହେଉଛି । ସେଇଠି ପଶିକି କାମ କରିବ । ଏକା ମଜୁରୀ ତ — ଏଠି କ'ଣ, ସେଠି କ'ଣ ?

ଏତେ କଥାକୁ କାନଡେରୁଛି ବାବୁଟା ରଞ୍ଜିତାକୁ ପାଖରୁ ଛାଡ଼ିବାକୁ ନ ରାଜି । ଭଲ ଲୋକ ସେ — କେତେବେଳେ ବୋଲନ୍ତେ, ହାକଟେ କହିଦେଲେ କରି ଦେଉଛି...... ଓହୋ, ଗଲାତ !

ଆଗରେ ଚଢ଼ିଲ ଜନ ର ଜଳ । କେତେ ଘଡ଼ିଯାଏଁ ଜଳ ଘୁଟିଲେ । ଲୋକବାକ ଥାଆନ୍ତି । ଟେଣିକି ଖାଲି ଅନ୍ଧାର । ଆଉ ବିଜୁଳି ବତ୍ତି ନାହିଁ । ପଲ୍ ବାରି ପାରିବ ନା ସେ ?

ବଢ଼ିଯାଉଛି ପାଣି ପବନ ବେଳକୁ ବେଳ ବେଶୀ ବେଶୀ । କରତଳ ପଖ ଗୁ' ଦୋକାନରେ ବରା ଗୁଲୁଗୁଲା ମିଳେ । କେତେଥର ସେଇ ଦୋକାନରୁ ରଞ୍ଜିତା ନେଇ ଖାଇଛି । କଣ୍ଟ୍ରୋଲ ଦୋକାନୀର ଚାଉଳ ଦେଇନାହିଁ । ଆଜି ସେଇ ବରା ଗୁଲୁଗୁଲାରେ ଚଳିଯିବ ରାତିକ ।

ପାଣି ପବନ ଭେଦି ଆଡ଼େଇ ଆଗେଇ ଚାଲିଛି ରଞ୍ଜିତା । ଗୁ' ଦୋକାନରେ ଖାଇବ କେମିତି ? ଦେହଟା ଯାକ ଓଦା ଜୁଡ଼ୁବୁଡ଼ୁ । ଠିଆ ହୋଇ ପାରିବ ନା ଆଉ — ଖାଇବା କଥା ତ ଦୂରରେ ।

## ✻ କଥା ✻

ସେଇ ଦିନ- ସେଇ ଅମାସିଆ ରାତି । ଫୁଲଟି ବରଷା ତୋଡ଼ରେ ଘରକୁ ଯାଇ ପାରିଲା ନାହିଁ । କାମରୁ ଫେରିଲା କ କ ଦେଖିଛି ସେ-ରାଜୀବା କାନନ୍ତରାଟିବାବୁ ପାଖରେ ଗୋଡ଼ ହେଙ୍ଗ ଠିଆ ହୋଇଥିଲା । ବାବୁଟା ଭଲ ଲୋକ ନୁହେ । ଫୁଲକୁ ଦେଖିଲେ ଆଖି ନଚେଇ ଥରୁଟେ ନିଶ୍ଚୟ ପଚାରି ଦେବ କମିତି ? ଭଲ କରି କାମ କରୁଛୁ ନା ?—

ମୁହଁ ମୋଡ଼ି ଚାଲିଯାଏ ଫୁଲ-ମଲରେ, କାମ ତାକୁ କରି ଆସି ନାହିଁ ଯେ ଏ ଶିଖେଇବ । କାମିକା ଘର ପିଲା । ରାତି ପାହିଲାଠୁଁ ରାତି ହବା ଯାଏଁ କାମରେ ଲାଗି ଯାଇଥିବ । ଏ କି କାମ ଦେଖ ଉଛି !

ବାବୁଟାର ଖାଲି ତା'ରି ଉପରେ ଆଖି । ଥରେ ଗୋଟାଣାକୁ କୁଆଡ଼େ କହୁଥିଲା-ଆରେ, ଏ ଫୁଲକୁ ଆମ ବସାରେ କାମ ଧାମ କରନ୍ତା ନାହିଁ ? ତା'କୁ ପଚାରି ବୁଝିଲୁ ।

ଫୁଲ କ'ଣ ଛୁଆଟିଏ ନା ପିଲାଟିଏ ହୋଇଛି ଯେ ଏ କଥାର ମରମ ବୁଝି ପାରିବ ନାହିଁ । ସେ ପରା କଂସ ର ଘରର ପାପ ! ସେ କାଳଚରଣ ବାବୁ ପାଖରେ ଯେତେ ମଧ୍ୟ କାମ କରନ୍ତୁ, ସବୁର ଭିତରେ ରାଜୀବାଟି ଟିକା ଫୁଲ ଆଖିକୁ ସୁନ୍ଦର ଦିଶେ । କେଡ଼େ ସୁନ୍ଦର ନରମ କଥା । ଚାଲି ଯାଉଥିବ ଯେ ପିମ୍ପୁଡ଼ି ମରିବ ନାହିଁ । ଭାରି ଗୁମର ରଖିଲା ବାଲା ଟୋକା । ସାଙ୍ଗ ସାଥିଙ୍କ ସାଙ୍ଗରେ ସେତେ ହସ ଖୁସି ହୁଏ ନାହିଁ । କେବେ କମିତି କଥା ପଡ଼ିଲେ ପଦେ ଅଧେ କହୁଥାଏ । ମରମ ଜାଳି ଦେବ ସେ କଥା !—

ଫୁଲ ସାଙ୍ଗରେ ଯେ କେତେ ଜଣ ତାଙ୍କ ଗାଁରୁ କାମକୁ ଆସନ୍ତି, ସେ ସବୁ ଏ ବରଷାରେ କାଏ କୁଆଡ଼େ ଗଲେ ଫୁଲକୁ

ତିନି

ଜଣା ନାହିଁ । ମନରେ ସାହାସ ଥାଏ, କିନ୍ତୁ ସ ହେଲା ବେଳକୁ ରାଜୀବା'ର ପଲ୍ ପଡ଼ିବ ଆଗରେ । ସେଇଠି ହୁଏତ ଅଟକି ଯିବ ଗାଡ଼ିଟା । ନାହିଁ ବା ଯଦି ବେଳସୁଁ ବରଷା ନଇଁ ଯାଏ, ତେବେ ରାଜୀବା'ର କି କହିଲେ ସେ କଣ ରେଳବନ୍ଧ କଡ଼ରେ ନେଇ ଟିକେ ଛୁଡ଼ି ଦେଇ ଆସିବ ନାହିଁ ଯେ·········

ଘରେ ତା'ର ମଣିଷ ବୋଲି ବୁଢ଼ୀମା, ଆଉ ତା ଛେଳି ଗାଈଟିଏ । ଫୁଲ କାମଦାମ କରି ତାଙ୍କ ମୁହଁରେ ଦିଏ । ଆଉ କିଏ ଅଛି ଯେ ରାଜୀବା'ର ପଲ୍‌ରେ ରାତିକ ରହିଗଲେ ଛେଳିକୁ ଚାଲି କରିବ ?

ନେଇଗଲା ବେଳକୁ ବୁଢ଼ୀମା ସାନ ଝିଅ ନଣିଆକୁ ସାଙ୍ଗରେ ଧରି ଫୁଲକି ଖୋଜି ଆସିବ । ନଣିଆଟା ଥରେ ଦି'ଥର ଫୁଲ ସାଙ୍ଗରେ କାମକୁ ଆସିଲାଣି । ରାଜୀବା'ର ପଲ୍ ସେ ଦେଖିଛି ।

ହେଇ ତ ନା କଣ ସେ ପଲଟା-ଫୁଲି ଗୋଡ଼ ବଢ଼ାଇ ଖାଇ କଡ଼କୁ ଡେଇଁ ଚଢ଼ିଲା । ମାଡ଼ି ଆସୁଛି ବରଷା ପାଣି । ରାଜୀବା'ର ପଲ୍ ଓଳିରେ ପୋଆ ହୋଇ ପଡ଼ିବ ତ ଟିକେ-ପାଣି ବେନରୁ ବରଷା ଯିବ ।

ନୂଆ ଶିଆ ଚଲୁଛନ୍ତି । ଝାଟି ମାଟି କାନ୍ଥ । ଉପରେ ଛଣ ଛପର ବନ୍ଧା ହୋଇଛି । ହାତ ଟେକିଲେ ମଥାଣି ଛୁଇଁ ହେବ । ଠାଏ ଠାଏ ପାଣି ଗଳିବ ନାହିଁ ବୋଲି ସିମେଣ୍ଟ କାଗଜ ବନ୍ଧା ହୋଇଛି ।

ସଡ଼କୁ ସଡ଼ ପଲ୍‌ତ ଠି ଅଣ୍ଡା ହୋଇଛି । ଖାଲି ପେଟିଙ୍କ ନୁହେଁ, ଚାଳଟିଏ ବି ଚଢ଼ିଛି । ରାଜୀବା'ର କ'ଣ ଏତେବେଳ ଯାଏଁ ସେ କାନତରାଟି ବାବୁଟା ପାଖରୁ ଆସିନାହିଁ ? ଝିଁ

## ✻ ଏଗାର ✻

ସେ ବାବୁଟାଙ୍କ ସେଇମିତିଆ । ସେ କିଣି ସହଜରେ ଶୁଣୁଥିବ—ଏଇଟା କର, ସେଇଟା କର, ଅମୁକ ଆଣ୍—ବାବୁ ଫରମାସି କରୁଥିବ । ଆହା, ସଞ୍ଜୀବା'ଇଟା ଏଇମିତିଆ ପଣଟେ କରି ରହିଛି । ଆଜ ଆସୁକ, ଫୁଲ ତାକୁ ତାଙ୍କ ଘରକୁ ଯିବାକୁ କହିବ । ଦେଖିବା କଣ କହୁଛି ।

କାନରେ ଗୁଡ଼ଳ ଗଣ୍ଡାକ ବନ୍ଧା ହୋଇ ପିଠି ପାଖରେ ପଡ଼ିଛି । ସେ ବୁକୁଲାଟି ଯତନ କରି ହାତରେ ଧରି ଫୁଲ ହେଉ ପଲ୍ଲି ଓଳରେ ଠିଆ ହେଲା । କେହି କୁଆଡ଼େ ନାହାନ୍ତି । ପଲ୍ଲି କଡ଼କୁ ହାଟ ବାଣ୍ଡି । ପଛରେ ରେଳବନ୍ଦ । ତା ସେ ପକ୍ଷେ ମାଞ୍ଜସୀ-ମନ୍ଦିର ଭଙ୍ଗାରୁଜା ହୋଇ ଭୂତପରି ଠିଆ ହୋଇଛି କେଉଁ କାଳରୁ । ପିଲାଟି ଦିନରୁ ତାକୁ ଦେଖି ଆସୁଛି ଫୁଲ। ଯେମିତି କି ସେମିତି । ଭଙ୍ଗା ପଥରଟାଏ ବି କେବେ ଖସି ପଡ଼ିନାହିଁ । କି କାରସାଦି ହୋଇଛି ସେ ପଥର ସନ୍ଧିରେ, ଦୂରରୁ ଦେଖିଲେ ଜଣା ଯାଉଛି, ଯେମିତି ଆଖି ପିଛୁଳାକେ ଉଜୁଡ଼ି ହୋଇ ସବୁ କୁଟେଇ ହୋଇ ପଡ଼ିବ । ହେଲେ ସେ କାହିଁକି ଠିକଏ ପଡ଼ନ୍ତା—ସେଇମିତି ଠିଆ ହୋଇଛି । ଯେମିତି ସାକ୍ଷୀ କଥା କହୁଛି ।

ଛୁଟି ହୋଇ ଗୋଡ଼ ଘୋଳେଇ ହେଲାଣି । ବରଷାରେ ଫଳେ ତିନ୍ତିଗଲଣି ଦେହ । ଖାଲି ସେଇ ଗୁଡ଼ଳ ବୁକୁଲାଟାକୁ ଘୋଡ଼େଇ ଘଡେଇ ଧରି କାନ୍ଥ କଡ଼କୁ ଆଉଜି ପଡ଼ିଥାଏ ଫୁଲ । ପାଖ ହେଉଆର ବୁଦାମୂଳେ କେଉଁଠି ଗୋଟିକିଆ ବିଲୁଆଟେ ହୋବାଳି ଛୁଟିଛି । ବରଷା ଛୋଡ଼ ନେଳୁଁ ନେଳ ବଢ଼ିବାରେ ଲାଗିଛି । ସତେ ଯେମିତି ଆଜି ଭୁବନେଶ୍ୱରଟା ଯାକ ସମୁଦ୍ର ପାଲଟି ଯିବ ।

## * ବାର *

କାହିଁ ରାଜାବା'ଇ ? ଭଲ କଥାତ ହେଲା । ଏପାଖ ହେଲା କାହିଁ କି ସେପାଖ ହେଲା ନାହିଁ । ରାଜାବା'ଇ କି ଭରସା କରି ରହିଗଲା ଯେ, ତାର ବି ଆଜି ଦେଖା ମିଳୁନାହିଁ ।...

ହେଲେ ଫୁଲ ଏଠା ନିଶ୍ଚୟ କରି ଜାଣେ ଯେ ରାଜାବା କେଉଁଠି ଅଟକିବା ଲୋକ ନୁହେଁ । ତା ନ ହେଲେ, ସେ କାହିଁକି ସାଙ୍ଗ ମୂଣ୍ଡରେ ପଲ୍ ମାରି ରହିଥାନ୍ତା । ଯେତେ ଭାବିଲେ ବି ଫୁଲ କିଛି ବୁଝି ପାରେନା କ'ଣ ଏ ରାଜାବା'ଇ ସତେ ! ଭଲ ହେଲେ ହଁ, ଖରାପ ହେଲେ ନଁ । ଖୁସି ନାହିଁ, ବାସିନାହିଁ କି ପରକୃତି ତା'ର ?

କଉତକିଲ ପାଖ ଗ୍ୱା ଦୋକାନରୁ ବଗା ଗୁଲୁଗୁଲ ଗୁଳଣାରୁ କଣି ଛୁଟିଛି ରାଜାବା ଡେଦା ସଡ଼ ବଡ଼ ହୋଇ । ପଶିଆଠାରୁ ଏଣିକି ମୋଟରେ ପାଣି ଗଳୁଛି । ନାହିଁ ନ ଥିବା ବରଷା ଆଜି । ଏ ବରଷେ ଫସଲ ଯାହା ହେବ, ରଖିବାକୁ ଥାନ ମିଳିବ ନାହିଁ । କାହିଁକି କେସ ହଳ ହାଙ୍ଗି ଦେଇ ପଡ଼ିଲେ ଆମିଲରେ—ମନଠା ଖାଲି ଉବେଇ ଟବେଇ ହେଉଥାଏ ।

ଆଗରେ ତା ପଲଗୁଳଠା । ରାଜାବା ମୁଁହାଇଲା ତାଙ୍କି ପାଖକୁ । ତାଟି ପାଖରେ କଏସେ ଜଣେ ଠିଆ ହୋଇଛି । ନାକି କସ୍ତା ଖଣ୍ଡ ଅନ୍ଧାରରେ ବାରି ହେଉନାହିଁ । ଜାଣି ଜାଣିକା ଜବାବ ଦେଉ ନ ଥାଏ ଫୁଲ ।

କିଏ ଲୋ ତୁ ?

ମଣିଷ— ୬୦ ଚପି ଥିରିକରି କହିଲା ଫୁଲ । କୁଆଡ଼େ ରହିଗଲୁକି ରାଜବା'ଇ ? ଏ ବରଷାରେ ଭିଜୁବୁଡ଼ି ଧାଇଁରୁ— ଜୋଉଟି ଟିକେ ଠିଆ ହେଇ ପଡ଼ିଲୁ ନାଇଁ !

## ✱ ଫେରି ✱

ଉଣିଆଁଟା ପଲକାନ୍ଦୁ କୁ ଫେରି ନେଇ ଲମ୍ବଡଙ୍କ ଗାଁଙ୍କ ଆଁଟା ଫିଟାଇ ଫିଟାଇ କହିଲା ରାଜାବା—ସେଇ କଣ୍ଟ୍ରୋଲ ଦୋକାନଟିରୁ ଫେରି ହେଲା । ଗୁଡ଼ଲ ଗଚ୍ଛ ଆଜି ମିଳିଲା ନାହିଁ ଯେ ବସ ଗୁଲୁଗୁଲୁ ଦଣ୍ଟା କିଣି ଆଣିବ । ତୁ କମିତ ଏଠି ? ଗାଁକୁ ଯିବୁ ନାହିଁ କି ?

ରାଜାବାର ଏଇ ପଗୁରବା ଠାଣି ଠାଣି ହେଲା ଗୋଟେ ଗମ୍ଭୀରିଆ ଗାର ଫୁଲ ଭିତରେ । ସେ ମନକି ମାରିଦେଇ କହିଲା—ଯାଇ ତ ପାରିଲି ନାହିଁ । ସାଙ୍ଗ ଲୋକ ସବୁ ଯେ ଯୁଆଡ଼େ ବାହାରି ଗଲେ । ମୁଁ ରହିଗଲି ଏକା । ଏ ବରଷା, ଅନ୍ଧାର ବାଟ ଘାଟ କିଣି ଦିଶୁନି ହେବଲ । ସେଥିରେ ପୁଣି ବରଷାରେ ଭିଜା ବୁଡ଼ା କରି ଯିବି—ଆଜି ଦେହ ଅଛି, ପା ଅଛି । କୁଆଡ଼ୁ କଣ ବିଗିଡ଼ି ଗଲେ ଘରେ ମା ବୁଢ଼ୀ ଆଉ ସାନ ଭାଇଟି ଭୋକିଲା ରହିବେ । ଭାବିଲି ଏତ ରି ପଲ୍ଲି ଓଳିରେ ଠିଆ ହୋଇ ପଡ଼ିବ । ବରଷା ନଇଁଗଲେ ଟେ ଟିଏ ଗୋଟିଏ ଚାଲିଯିବି ।

ପଲ୍ଲି ଓଳିରେ ଠିଆ ହୋଇ ପଡ଼ିବ ଅଭିଆଡ଼ୀ ଝିଅ ଫୁଲ ! ଏ ବରଷା ଅନ୍ଧାର—ସେଥିରେ ପୁଣ ଅମାଣିଆ ରାତି । ରଭୁମାସିଆ ମେଘ ଯେମିତ ଖଣ୍ଡମଣ୍ଡଳ ଚକଡ଼ା ମଡ଼େଇ ଘୋଟି ଯାଇଛି, ଏ କଣ ସହଜରେ ନଇଁବ ନା ଫୁଲ ତା' ଘରକୁ ଯିବ ! ଗୋଟେ ଅଜଣା ଆଶଙ୍କା ଚେତି ଉଠିଲା ରାଜାବା ମନରେ । ସେ ତାଲ ଖୋଲିଦେଇ ତାଟି ମେଲା କରି କୁହୁ କୁହୁ ହୋଇ କହିଲା ବରଷା ଭିଜା ଥରିଲା କଣ୍ଠରେ—ପଲ୍ଲି ଓଳିରେ ଠିଆ ହବୁ କାହିଁକି ଲୋ ? ମୁଁ କଣ ଏଡ଼େ ଅମଣିଷ ଭାବୁ ? ବଣ ଜଙ୍ଗଲର ବାଘ ଭାଲୁ ହେଲେ ବି ବଖତ ବେଳେ ସେମାନେ ତାଙ୍କ ପରକୃତି ଭୁଲି ଯାଆନ୍ତି । ଆଉ ତୁ ମୁଁ ତ ସହଜେ ମଣିଷ ।

ମୋ'ର ଆଖି ଆଗରେ ତୁ କରୁଛୁ ଟାଣ। ମନୁଆ ଆଉ ମୁଁ ଭଲେ ପଲ୍ଲ ଭିତରକୁ ଡ଼ କଲେ ଜାଣେ ମାଲ ହୋଇଯିବ । ତା ବୁଝେଁ ଯେ, ରହିଯିବୁ ସିନା, ଖାଇବୁ କଣ ? ହେଇତ ଦେଖୁଚୁ ଗୁଡ଼ାଳ ଗଛରେ ମିଳିଲା ନାହିଁ ବୋଲି. ବଣ 'ଗୁଲୁଗୁଲୁ ଦାଣ୍ଟ' ଧରି ଆସିଚି ।

ଫୁଲିକୁ ମାଡ଼ମାଡ଼ ପଡ଼ିଲା । ସେ ମୋଟେ ଆଶା କରି ନ ଥିଲା ଖଙ୍ଗାବା'ଇଠୁଁ ଏମିତିଆ ଦୁନଆଟୁଡ଼ା କଥା ଶୁଣିବ ବୋଲି । ମନେ ମନେ ବହେ କୋଡ଼ ବଦାର ହେଲା - ଖଙ୍ଗାବା'ଇଟା କଣ ସତେ ! ମନୁଆ, ଗୋବଦା ଉପରେପଡ଼ ବାଇ ଛୁଗୁଟକରି ବଗୁଚଲଇ ହୁଅନ୍ତୁ ପଛେ ସେ ପର ତାଙ୍କମାନଙ୍କ ପାଖ ପଶେ ନାହିଁ ! ଆଉ ଏ ଖଙ୍ଗାବା'ଇ ··········

ହେଲେ ବି ଫୁଲି ଆଡିରେ ଖଙ୍ଗାବା ଦଣେ ଖଣ୍ଡିଗିରି ପର ଝଡ଼, ଅଚଳ, ଅଟଳ । ଖଙ୍ଗାବା ହଳିଲା ପାଣିକି ଗୋଡ଼ ବଢ଼ାଏ ନାହିଁ । ଖୁ ହୁସିଆର । ତାର ଖାଇବା, ପିଇବା, ହସିବା, ବସିବା ସବୁଥିରେ ଅଛି ଗୋଟେ ଲୁଚ୍ଛପା ଆକର୍ଷଣ । ଆଉ କେହି ନ ଜାଣୁ, ଫୁଲି ଏ କଥା ଜାଣେ !

ଫୁଲିର ଏଇ ବସ୍ତୁର ଗୁଞ୍ଜିବାକୁ ଅଛପା ରହିଗଲା । ତେଣୁ ସେ ବୁଝି ପାରିଲା ନାହିଁ ଯେ ଏଇ ବସ୍ତୁର ବଳରେ ଫୁଲି ତାଂକୁ ଷୋଳଣା ଅଂଶରେ ଆପଣାର କରି ବସିଛି ।

ସେ ଆହୁରି ଆଶ୍ଚର୍ଯ୍ୟ ହେଲା, ଫୁଲି ଯେତେବେଳେ ତା ମନର ଭାବିଲା କଥାକୁ କାଟି କହିଲା—ଗୁଡ଼ାଳ ନ ମିଳିଲାତ କଣ ହୋଇଗଲା ଖଙ୍ଗାବା'ଇ ? ତୁ ବଣ ଗୁଲୁଗୁଲୁ ଦାଣ୍ଟ ଖାଇ ରାତିଟା କେମିତି କଟେଇବୁ ? ହେଇ, ମୁଁ ଗଛେ ଗୁଡ଼ାଳ କାନରେ ବାନ୍ଧିଚି ! ଏଇଥିରୁ ଗଛେ ଫୁଟେଇ ଦେଲେ··········

✻ [illegible] ✻

ଝୋଟ୍ ଅପମାନ ହେଲ ସଜାବାକୁ । ଆସ୍ତାବଟେ ଫୁଲ ସିନା ସେ ଘର ଛୁଡ଼ି ଆସି ବିଦେଶରେ କୁଳି ବେଉସା କରୁଛି । ତା କୁଳୀଙ୍କୁ ଏତେ ତଳକୁ ତ ସେ ଯାଇ ପାରିବ ନାହିଁ ! ଶାହ ପଡ଼ୃଶରେ ସେତ ପୁଣି ଜଣେ ମଣିଷ । ତା ର ପରି ଆଉମାନଙ୍କର ଜୀବନ ଅଛି, ବଞ୍ଚି ରହିବା ପାଇଁ ଗୋଟେ ଦାବି ଅଛି । ସେ ଫୁଲର ଏମିତି ଦେଖିପାରିବାକୁ ପସନ୍ଦ କଲା ନାହିଁ-ବୁଝିଲା ଠିକ୍ ହେଲଟା । ଫୁଲ ସିନା ଚାଟି କ'ଣ ଦେଖି ନିଆଁ ଭିତରକୁ ଡେଇଁ ପଡ଼ିବାକୁ ଆଗଭର ହେଉଛି । କିନ୍ତୁ ସଜାବାର ସେ ସଞ୍ଜକ ଅଛି କି ନାହିଁ ସେ କଥା ଫୁଲ ଅପେକ୍ଷା ସଜାବା କହିବ ବେଶୀ ନା !

ଓବରଟାକୁ ଲଗାଇବାକୁ ପଲ ଭିତର ଅଣ୍ଡାଙ୍କୁ ଅଣ୍ଡାଙ୍କୁ ସଜାବା ଏମିତି କେତେ କଣ ଭାବି ଯାଉଥାଏ । ଲୋକ ସରଳିଆ ହେଲେ ତା ପେଟ ଭିତରେ କୌଣସି କଥା ଲୁଚିଛପି ରହି ପାରେ ନାହିଁ । ବେଶୀ ବେଳ ସମ୍ଭାଳି ହୋଇ ରହି ନ ପାରି ସଜାବା କହିଲା — ଭଲତ କହୁଛୁ ଲୋ ? ଥରେ ପଚାରି କହିଲି, ମୁଁ ଜାନୁଆରୁ ନୁହେଁ, ମଣିଷ । ତୋ ର ମୁହଁରେ ତୁ ନିଜେ କହୁଚୁ ଯେ ତୋ'ର ବଦ ଦା, ହାନି ଲାଭ ହେଲେ ଘରର ସାନଭାଇ ଆଉ ବୁଢ଼ୀମା ଭୋକିଲା ରହିଯିବେ । ପୁଣି କୋଉ ମୁହଁରେ ଗୃହଳ ଗଣ୍ଡାଙ୍କ ବଢ଼େଇ ଦେଉଚୁ ? ତିନି ତିନୋଟି ପ୍ରାଣୀଙ୍କ ଆହାର ମୁହଁରେ ପାହାର ଦେବାକୁ କହୁଚୁ କମିତି ଲୋ ?—

ଫୁଲ ବୁଝି ପାରିଲା ନାହିଁ ତା'ର ଅପରାଧ କେଉଁଠି । ବାହାରେ ଜରଷ'ର ତେଜ କମିନାହିଁ । ସେଇମିତି ପବନ, ସେଇମିତି ଝରଝର, ଫରଫର ଲାଗି ରହିଛି । ପାଣି ଛୁଆଁଡା ମାଣ ପଲ ଭିତରେ ଭିଜି ଗଲଣି । ଅପରାଧୀଙ୍କ ପରି ପଲ ଚାଟି ପାଖରେ

ଠିଆ ହୋଇଥାଏ ସେ । ସାମନା ପାଖ ପାଚିଲା ନାଲି ରାସ୍ତାଟା ବରଷା ପାଣିରେ ଚିଦା ହୋଇ ଜଡ଼ ଯାଇଥାଏ ଦେହରେ, ଗୁଣ୍ଡରେ । ତଳେ ପାଣି ନଗିଡି ପଡୁଥାଏ ଥପ୍ ଥପ୍ । ଖୁଣ୍ଟଳ ବୁଢ଼ୁଲାଟା ହାତରେ ତା'ର ଜାବ ପଡ଼ି ଯାଇଥାଏ ।

ନ ପାଇଲା ଦରବଟା ଯେତେ ସୁଆଦ ହେଲେବି ଖୋଜଲୁ ଲୋକକୁ ଦେଖ ସରିକି ଆସିଲା ନାଗ । କ'ଣ କରିବ ସେ ? ଆଖି ଆଗରେ ଦେଖୁଛି ସୁଆଦଆ ଚିଜଟାକୁ, ଅଥଚ ହାତ ବଢ଼ାଇଲେ ପାଉ ନାହିଁ । ସେ ସୁଆଦରେ ଯାଏ କେତେ ଆସେ କେତେ ? ମଣିଷ ମନ ତ ! ତାକୁ ଆୟତ୍ତ କରିବା ବୟସରେ ନ ପହଞ୍ଚିବା ଯାଏଁ ମଣିଷ ଜାଣିକରି ହେଉ ବା ଅଜାଣରେ ଓଡ଼ିଲା ଭଲକୁ ଭେଲ ମଣୁଥାଏ । ସେଇ ବୟସ ଗୁହାରେ ଟଳଟଳ ହୋଇ ଫୁଲ ଯାହା କରୁଛି କରି ଯାଉଛି ବା କହି ଯାଉଛି, ସେ ଗୁଡ଼ାକ ଖରାପ ହେଲେ ବି ତା'କୁ ଭଲ ଲାଗିବାର କଥା । ଭଲ ମନ୍ଦ ବାଛିବାର କରାମତି ଯଦି ତା'ର ଥାନ୍ତା, ତେବେ ଏ ଝଡ଼ ପାଗ, ଏ ମେଘ ଅନ୍ଧାରରେ ତା' ସାଙ୍ଗ ସାଥୀଙ୍କୁ ଛାଡ଼ି, ଘର ଦୁଆର, ତା' ବୁଢ଼ୀମା, ସାନଭାଇ—ଏମାନଙ୍କ କଥା ଭୁଲି ସେ କାହିଁକି ରାଣୀବା ଦୁଆରେ ଧାରଣା ଦେଇଥାନ୍ତା ?

ବହୁ କଷ୍ଟରେ ସେ କହିଲା— ତୋ ପେଟରେ ଏତେ କଥା ଅଛି ବୋଲି ମୁଁ ଜାଣି ନ ଥିଲି ଲୋ ମା' । ମୁଁ ସିନା ଏଠି ଥିଲିକୁ ଏତେ କଥ ହେଲା । —ଆଉ ବା କ'ଣ କହିଥାନ୍ତା । ଅହଂଗୁଣ, ଅଭିମାନରେ କଣ୍ଠ ରୋକ ହୋଇଗଲା ଫୁଲର । ସେଇ ଅନ୍ଧାର, ବରଷା ଆଉ ପବନ ସୁଅରେ ବଲୁରି ମାରିଲା ପରି ପଳାଇ ଗଲା-ବେଳେ ଖାଲି ଏତିକି କହିଗଲା—ଯାଉଚି ରାଣୀବା'ଇ । ଗାଳି ଦବୁ ନାହିଁ............

## ❋ ଝଡ଼ର ❋

ମଣିଷ ଅବସ୍ଥାର ଦାସ । ରାଜୀବା ସେତେବେଳେ ଯେଉଁ ଅବସ୍ଥାରେଥିଲା, ଯେତେ ବଡ଼ ଜାଣିବ ଶୁଣିବା ଲୋକ ହେଲେ ବି ପଦେ ନ କହି ରହି ପାରନ୍ତା ନାହିଁ । ଫୁଲକୁ ଯାହା କହିବାର କହିଦେଇ ରାଜୀବା ପଲା ଭିତରେ ଖୁମାଣ ହୋଇ ବସି ପଡ଼ି ଭାବୁଥିଲା କେତେ ଆଗପଛ କଥା । ଯେତେ ଯାହା ବର୍ତ୍ତରିଲେ ବି ଫୁଲର ଲୋତକଲୁ ଆଖି ତା ମନରୁ ଯାଉ ନ ଥାଏ । ତା ଭିତରରେ ଫୁଲି ହୋଇଥାଏ ଯେମିତି ଖଣ୍ଡେ ବରଷିଲା ମେଘ । ଶ୍ରାବଣ-ଧାର ସାଙ୍ଗରେ ଆପଣାର ଲୋତକିଆ ଧାରଟିକୁ ମିଶାଇ ଦେବାକୁ ବୁଝେଁ ଫୁଲି । ଏତିକି ବେଳେ ରାଜୀବା ଯଦି ଟିକଏ କାଗଡିଆର ହେବ, ତେବେ କେଜାଣି ବରଷି ଯିବ କାନ୍ଦୁଅ ପାଣିରୁ । ନୋହିଲେ ତା ସୁନେଇଟି ବାର ଲୋକଙ୍କ ଆଖିରେ ହୋଇଯିବ ଗଛତଳରୁ ସାଉଁଟି ଆଣିଲା ପରି ଖୁଣ୍ଟିଖାଇ-ଅଙ୍କୁଳରେ ବାଏଁ ବାଏଁ ଭାସିଯିବ !

ରାଜୀବା ବସିଥାଏ ସେଇଠି ସେଇମିତି । ଉବରଟା ଧାସ ଥେକା କରୁଥାଏ ହୁତ୍ ହୁତ୍ । ଓଦା ଲୁଗାଟା ଦେହରେ ସେଇମିତି ଥାଏ । ଫୁଲର ଶେଷ କଥା ଝଦକରେ ଚେତା ଆସିଲା ତାର । ସେ ମୁହଁ ଥେକା ଗୁହିଁଲା ବେଳକୁ ଫୁଲିର ଛୁଇ ଲୁଚି ଗଲାଣି ଅନ୍ଧାର ଭିତରେ ।

ବୁଦ୍ଧି ହଜିଗଲା ରାଜୀବାର । କଣ କରିବ ସେ ?

ଭେଟନଇ ଗାଁର ସେଇ ରାଜୀବ ପାଣ୍ଡ ତ ସେ—ଠିକ୍ ସେଇମିତି ଅଛି । ଭିତରେ ତାର ସେଇ ବିବେକ ଅବିକଳ ରହିଛି । ପେଟ ମୋଡ଼ା ଯାଚାମି କଣ୍ଡେଇ ପରି ଗୋଡ ହାଟା ଛୁଏଁ ଘେନ ଆସିଲା ତାକୁ ପଲା ବାହାରକୁ—କାହିଁ ଫୁଲି ?

## ❋ ଷଷ୍ଠ ❋

ଦୁନିଆରେ ବେଳେବେଳେ ଘଣ୍ଟା ଘଣ୍ଟା ଧରି ଝଡ଼ ତୋଫାନ ବହେ ପ୍ରଳୟର ସୂଚନା ଦେଇ । ସେଥିରେ କାହାର କଣ ହୁଏ ? କିନ୍ତୁ ସେଇମିତିକା ଝଡ଼ର କାଣିଚୁଏ ବେଗ ନେଇ ମଣିଷ ମନରେ ଯେତେବେଳେ ଚେତିଉଠେ ହଁ ନାହିଁର ତୋଫନ, ସେତେ-ବେଳେ ମୁହୂର୍ତ୍ତିକ ଭିତରେ ମଣିଷ ଭିଆଇ ଦିଏ ଅଘଟଣରେ ଘଟଣ । ଜନ୍ମ ବଦଳିଯାଏ ତାର । ଖୁବ୍ ସମ୍ଭବ ସେ ଭୁଲିଯାଏ ତାର ଘଡ଼ିକ ଆଗର ଆପଣା ଠିକଣା । ଭାବିଥାଏ ଯାହା ହୁଏତ କରେ ତାର ଠିକ୍ ଓଲଟା ।

ରାଜାବା ମନରେ ସେଇମିତିକା ଗୋଟେ ତୋଫାନ ଉଠିଲା । ଫୁଲ ପରି କେତେ ଝିଅଙ୍କ ସେ ଜାନଦରାଶି ପାଖରେ ମୂଲ ନାଗିଛନ୍ତି । ନିତି ରାତି ପାହିଲେ ତାଙ୍କ ସାଙ୍ଗରେ ଦେଖା ହେଉଥିଲା । ଟାପରା—ମୁଣ୍ଡ ଉପରକୁ ବୋଝ ଟେକାଟେକି, ଆଉ ଏ ଫୁଲ ପାଖରେ କଣ ଏତେ ମହୁ ବରଷିଛି ? ଏଇମିତି ଝଡ଼ ବରଷାରେ ବାଟରେ ଚାଲିଗଲା ଲୋକ କଏ କେତେ କାହା ଓଲରେ କ'ଣ ଠିଆ ହୋଇପଡ଼ୁନାହାନ୍ତି ? ବରଷା ନଇଁଗଲେ ଯେ ଯାହା ବାଟ ବରଗି ଚାଲି ଯାଉଛନ୍ତି ନା ?

ମଣିଷ ଯେତେ ଡଲଆଟରେ ହେଉପଛେ ସବୁରି ଭିତରେ ବିବେକ ଅଛି । କିଛି ନା କିଛି କାମରେ ହାତ ଦେଲାବେଳକୁ ତାହାର ବିବେକ ସଭିଙ୍କୁ ଥରେ ଅଧେ ଚେତାଇ ଦିଏ । ଏଟା ଭଲ ସେଟା ମନ୍ଦ । ମଣିଷ ମାନୁ ନ ମାନୁ ଚେତେଇ ଦେବାଟା ବିବେକର ଯେମିତି ଗୋଟେ ନିତି ଦିନିଆ କାମ । କିନ୍ତୁ ବିବେକକୁ ମାନି ଚଳିବା ଲୋକ କେତେ ଜଣ ? ଖୁବ୍ ନାମଯାଦା ଲୋକେ ବି ବିବେକର ମନା ଏଡ଼ି ଦେଇ ଆଜକାଲିକା ସଭ୍ୟତାର ଗୁଇଡଲେ ଚାଳା ହୋଇ ଆଗେଇ ଚାଲିଛନ୍ତି—ନିଧଡ଼କ

# ❋ ଊଣେଇଶ ❋

ଏତେଟିକେ ଶାନ୍ତି ନା ଦୟା ଅଛି ତାଙ୍କର ? ଆମ ଗାଁ ଗହଳରେ ଲୋକେ କହନ୍ତି, ପଣ୍ଡିତ ପୁଅ ମାଙ୍କଡ଼ ମାରିଲେ ଦୋଷ ନାହିଁ । ମିଛ ନୁହେଁ—ପଣ୍ଡିତଙ୍କ ଖାତିରରେ ତାଙ୍କ ପୁଅଙ୍କୁ ସେତକ ଛୁଟି ମିଳିଥିବ ।

ଖାଲି ଲେଖିଦେଲେ କି କହିଦେଲେ କଥାଟାର ଓଜନ କମି ଯିବ ନାହିଁ ଯେ ମଣିଷ ଭିତରେ ମନ ବୋଲି ଯେଉଁ ଜିନିଷଟା ଅଛି, ତାର ତାଡ଼ନାରୁ ଆପଣାକୁ ବଂଚାଇବା ବଡ଼ କାଠିକର ପାଠ । ଅନେକ ସମୟରେ ଏଇ ମନ ପାଖରେ ବିବେକ ହାର ମାନିଥାଏ । ଚୋର, ଖଣ୍ଟ, ଡକାଇତ—ଏମାନଙ୍କୁ କିଏ ନ ଡରେ ? ସେଇମିତି ମଣିଷ ମନଟା ଗୋଟେ ଦାଗୀ, ଡକାଇତ । ତାର ହୁକୁମକୁ ବେଖାତିର କରିବା ଅର୍ଥ ଦୁଃଖ, ଲାଞ୍ଛନା, ଧନ୍ଦଗଂଜ ଭୋଗିବା ।

ରାଣୀବା ସେ ଦିନ ମନର ତାଡ଼ନାକୁ ଏଡ଼ି ଦେଇ ପାରିଲା ନାହିଁ । ତାର ନିହାତି ଅଜଣାରେ ହୃଦୟର କୋମଳ ପରଦାଟିକୁ ଟେକିଁ ଉଠିଲା ଭଲ ପାଇବାର ମୋହ । ଫୁଲର ଫୁଲ ପରି ଉଶ୍ୱାସିଆ ପ୍ରାଣରେ ଆଘାତ ଦେବା ବଡ଼ ଅସହଣୀୟ ବୋଧହେଲା ତାକୁ । କାହିଁକି, ତା ସେ କହି ପାରିବ ନାହିଁ । ଯଦି ସେଠି କାହିଁକିର ପ୍ରଶ୍ନ ଉଠେ, ତେବେ ରାଣୀବାକୁ ସେଠା କାମ ଛାଡ଼ି, ବାଟେ ବାଟେ ଘରକୁ ଫେରି ଯିବାକୁ ପଡ଼ିବ, ଯାହାକି ସେ କରି ପାରିବ ନାହିଁ ।

ଦେହରେ ଓଦା ଲୁଗାଟା ସେଇମିତି ଜଡ଼ି ରହିଥାଏ । ରାଣୀବା ପଲା ବାହାରକୁ ଛୁଟି ଆସିଲା ଗୋଟେ ଲହସରେ । ଚାରିଆଡ଼କୁ ଚାହିଁଗଲା ପରସ୍ତେ । କେହି କୁଆଡ଼େ ନାହାନ୍ତି । କଳା କଟିମିଟି ଅନ୍ଧାର । ଖଣ୍ଡେ ଦୂରରେ କରଡକଳର ବଡ଼ ଆଲୁଅଟା ଶୀତଦାନ୍ତିଆ

## ❋ କୋଡ଼ଏ ❋

ଯାହାନ୍ତ ଭଗ୍ନ ପରି ଜକ୍‌ଜକ୍ ଦିଶୁଥାଏ । ତା ଆଗକୁ ବତୀ ଖୁଣ୍ଟ ଆଲୁଅ କେତେଟା ବାହା-ମଶାଲ ଧାଡ଼ି ଲଗେଇ ଦେଇଥାଏ । ଶଡ଼କ ପାଖର ବୁଦବୁଦିକିଆ ପଡ଼ିଆ ଭିତରେ ବରଷା ଲଗେଇ ଥାଏ ଝୁଲଣି ଗଛର ଗୋଟି ପିଲା ନାଚ—ଝୁମ୍ ଝୁମ୍ । କାହିଁ କେତେ ଦୂରର ଚନ୍ଦକା ଜଙ୍ଗଲ ପଟୁଁ ଖଣ୍ଡଗିରି ମଥାଛୁଆଁ ବହୁଥିବା ପବନଟା ବଜୁଳି ତାର ଝଙ୍କାରି ବେହେଲା ସଙ୍ଗତ କରୁଥାଏ କେଡ଼େ ସୁନ୍ଦର ରିମ୍ ଝିମ୍ । ପ୍ରକୃତିର ସେଇ ରୁକ୍ଷତା ଭିତରେ ବି ରଞ୍ଜିବା ଦେଖି ପାରିଲା ଯେମିତି ଗୋଟେ ମିଳନ ସାଜଭରା ଅପରୂପ କାନ୍ତି ଘେରି ରହିଛି ତା ଘର ପାଖର ଦୁନିଆକୁ । ସେ ଭୁଲିଗଲା ତା ଘଡ଼ିକ ଆଗର ଚେତନା, ଯାହାବଳରେ ଫୁଲ ପରି ଅଭିଆଡ଼ୀ ଝିଅକୁ ସେ ଆଖି ଆଗରୁ ଆଡ଼େଇ ଦେଇ ପାରିଛି ।

ଦାଗୀ ମନଟା ତାକୁ ବାଉଳା କରି ପକାଇଲା । ଯୁଆନ୍ ଗୁଡ଼ି ଭିତରେ ଛୁଟି ଚାଲିଲା ଗୋଟେ ପାହାଡ଼ଟେଲା ସୁଅ । ସେ ସୁଅରେ ସୁନେଇ ଆଜି ପିଛଡ଼ାକେ କୁଆଡ଼େ ଯେ ଭାସିଗଲା, ତାର ପତ୍ତା ମିଳିଲା ନାହିଁ । ରଞ୍ଜିବା ସେ ପାଣି ପବନକୁ ଖାତିର୍ ନ କରି ପଡ଼ିଆ ଦାଣ୍ଡିରେ ଆଟେଇ ଗଲା କେତେ ପାହୁଣ୍ଡ—କାହିଁ ଫୁଲ ?

ତେବେ କଣ ଫୁଲ ସତରେ ଅଭିମାନ କରି ଚାଲି ଗଲା ? କିନ୍ତୁ ଏ ଅନ୍ଧାର, ବରଷା, ପବନ ତୋଡ଼ରେ ପାହୁଣ୍ଡ ଟେକି ହେଉନାହିଁ । ସେ କମିତି ଯାଉଥିବ ଏକୁଟିଆ ? ଫୁଲ ! ଫୁଲଲୋ ! ହେ....... ।

ରଞ୍ଜିବାର ଡାକ ଫୁଲକି ଶୁଭିଲା କି ନାହିଁ ଜାଣି ହେଲାନି । ପଡ଼ିଆ ଭିତର ବାଟକଡ଼ରୁ ଜଙ୍ଗଲି ବୁଦା କେତୁଟା ଭାଙ୍ଗି ତାକୁଇ ମୁଣ୍ଡ ଉପରେ ଥୋଇ ଫୁଲ ବାଘୁଣୀଙ୍କ ପରି ବାଟ ଅବାଟ ନ ମାନି ଧାଇଁ ଥାଏ । ଦେହ ମୁଣ୍ଡକୁ ଏତେ ଟିକେ ନଜର

## * : ଏକୋଇଶ *

ନାହିଁ । ଅନ୍ଧାରରେ ମୁହଁକୁ ମୁହଁ ଦିଶୁ ନ ଥାଏ, ତଥାପି ଫୁଲି ଗୋଡ଼ ଘୋଷାରି ଆଗେଇ ଥାଏ । ନିତିଦିନିଆ ଚଲାବାଟ ସେ, ।ଇ । ଜନ୍ମ ହେଲା ଦିନରୁ ଦୀର୍ଘ କୋଡ଼ିଏ ବର୍ଷ କାଳ ସେ କଟାଇ ଲାଣି ଏଇ ବଣ ପାହାଡ଼ ଘେରା ମାଟି ଉପରେ । ଆଜି ଏମିତି କଣ ହୋଇ ଯାଇଛି ଯେ ଘର ଯାଏଁ ଯାଇ ପାରିବ ନାହିଁ ? ମା ପଚାରିଲେ କହିବ — କଣ କରିବି ଲୋ ମା, ସେ କାନତରାଠି ବାବୁଟା କାଲିଠୁ କଣ ମାଲକେ ମଜୁରି ଗଣ୍ଡାକ ବଢ଼ାଉଛି । ଯେଉଁଥି ସକାଶ ଡରୁଥିଲା, ଶେଷକୁ ସେଇ ହରକତରେ ପଡ଼ିଲା ।

ଖାଲି ସେଇ ରେଳବନ୍ଧ କଡ଼ ମଶାଣି ଖଣ୍ଡକୁ ଯାହା ଟିକିଏ ଡ଼ର । କଣ ହୋଇଯିବ ? ସତେ କଣ ଡାହାଣୀ ଭୂତ ଗୁଡ଼ା ଜିଅନ୍ତା ମଣିଷଙ୍କୁ ଏମିତି କଂଚୁ ଚୋବାଇ ପକାଇବେ ? ସେ ଦିନ ପରା ସୁଆଁଠୁ ଆହୁରି ଡେରିରେ ସେ ଘରକୁ ଫେରିଥିଲା ? ଏଇମିତି କଳା ଅନ୍ଧାର···କେତେ କ୍‌ ଖାଇଗଲେ ତାକୁ ?

ଗୋଟେ ରିସାରେ ସିନା ଚାଲୁଥାଏ ଫୁଲି, ହେଲେ ସେଇ ଅଭିମାନ, ରିସା ଭିତରେ ବି 'ମନରେ ରହି ରହି ଆସୁଥାଏ ଗୋଟେ ଲୁଚ୍ଛପା ଭାବନା—ରାଜୀବା'ଇ ପଛରେ ଆସୁଛି କି ? ଅସମ୍ଭବ କଣ ? ଏମିତି ବଡ଼ ବଡ଼ କଥା କହୁଥିଲା—ଜାନୁଆର ନୁହେଁ ମଣିଷ······ଏଗୁଡ଼ା କଣ ଖାଲି ମନରଖା କଥା ? ଫୁଲି ଠାରେ ତାର କଣ ଏତେ ଟିକେ ସହାନୁଭୂତି ନାହିଁ ?

ଏଇ ଭାବନା ସାଙ୍ଗେ ସାଙ୍ଗେ ପାଦ ଦିଟା ଫୁଲିର ପଛକୁ ଟାଣି ହୋଇ ଯାଉଥାଏ—କାଳେ ରାଜୀବା'ଇ ତାକୁ ଖୋଜି ଖୋଜି ପଛରେ ଛୁଟି ଥିବ ! କାହିଁ ? ଟିକିଏ ଖୁଡ଼ୁ କି ଖାଡ଼ୁ,

କାନ୍ଥୁ ତ ଖୁଣ୍ଟୁ ନାହିଁ ? ମନ ହେଉଥାଏ ଥରୁଟେ ପଛକୁ ମୁହଁ ବୁଲାଇ ପରୁଖି ଦେବ—କିଏ, ରାଜାବା'ଇ କରେ ?

ଏଇମିତି ବାରସ୍ତୁଆଳିଆ ଭାବନା ଭିତରେ କେତେବେଳେ ଯେ ଫୁଲ ଘର ପାଖିଆ ହୋଇଗଲା, ତାକୁ ମୋଟେ ଜଣା ପଡ଼ିଲା ନାହିଁ । ମନଟା ସନ୍ତୁଳ ହେଉଥାଏ ଭିତରେ—ଆଜ ଦି'କୋଶ ଦୂରେଇ ଯାଆନ୍ତା କି ଘରଟା !

ସେତେବେଳକୁ ବରଷା ଟିକଏ ନଇଁ ଆସିଲାଣି । ଯାହା ବା ଟୋପି ଟୋପି ପାଣି ପଡ଼ୁଥାଏ, ପବନ ସୁଅରେ ଦେହକୁ ଲାଗୁ ନ ଥାଏ ମୋଟେ । ଖାଲି ସୁ ସୁ ଘୁ ଘୁ ପବନ—ଦୂର ତୋଟା ବଣ ମଝି ଛୁଟିଥାଏ କେଡ଼େ ବେଗରେ ।

ଫୁଲ ତାଙ୍କ ଘର ପହଣ୍ଡି ଉପରକୁ ଠେଲି ପେଲି ହୋଇ ଉଠି ପଡ଼ିଲା । ସେ କାକରିଆ ପବନ ସୁଅରେ ଦେହ ଭସାଇ ଦେବାକୁ ମନ ଓଟାରି ହେଉଥାଏ । ସତରେ କଣ ତେବେ ରାଜାବା'ଇଟା ଆସିଲା ନାହିଁ ! ଏତେ ଦୁଃଖ, କଷ୍ଟ, ବରଷାମାଡ଼...ରାଜାବା'ଇ ଛାତିରେ କଣ ଟିକଏ ହେଲେ ବାଜିଲା ନାହିଁ !......

ଦାଣ୍ଡ ଦୁଆର ମୁହଁରେ ଗୈରିଣୀଙ୍କ ପରି ଠିଆ ହୋଇ ଭାବୁଥାଏ ଫୁଲ କେତେ ଆଉ କେତେ କଥା । ଅହଂଗୁଣ, ରାଗରେ ଜଳି ସଢ଼ି ହୋଇ ଯାଉଥାଏ ଦେହସାରା—ହଉ, ଦେଖିବା ଦେଖି, କେମିତି ସେ ମନୁଆ, ଗୋବନ୍ଦା ହେରିକାଙ୍କ ସାଙ୍ଗରେ ତାଳି ପକେଇ କାମ କରିବ ସେଠି !

କେତେ ଭାବିବ ଫୁଲ ସେ ପୋଡ଼ପାଡ଼ ଭାବନାରୁ ? ଦକ୍‌ଦାର ହୋଇ ମାଆକୁ ଡାକେ ଦଡ଼ାକି ମାରିଲା—ମା ମାଆଲୋ, କବାଟ ଫିଟାଇଲୁ ?

## ❊ ଝେଙ୍କେଣି ❊

କବାଟ ଫିଟାଇ ଦେଇ ମା' ତାର ଚାଟକା ହୋଇଗଲା ଝିଅଟା ଗୋଟାପଣେ ଭିଜି ଯାଇଛି ।

କହେ, ଏତେ ମଠ କଲୁ କାହିଁକି ମ ? ଯଦି ବା ଦେଖିଲୁ ମଠ ହେଲୁ, ତେବେ କାହା ଓଳିରେ ଟିକଏ ଠିଆ ନ ହୋଇ ତୁ ଏ କଚଡ଼ା ବରଷାଟାରେ ଭିଜି ବୁଡ଼ି ଧାଇଁଛୁ—ଦେ, ଆଇଲୁ ଭିତରକୁ ?

ମାଆର ଏତେ ଗୁଡ଼ାଏ କଥା ଭିତରୁ ଫୁଲି କାନକୁ କଣ ଶୁଭିଲା କେଜାଣି, ସେ ଚିଡ଼ି ଚିଡ଼ି ହୋଇ କହିଲା—ମଠ ତ ହେଲି ଏଥି ଲାଗି କଣ କହୁଚୁ ତୁ ! ନ ଆସି ଆଉ କୋଉ ବାଇରେ ମରିଥା'ନ୍ତି ଲୋ ?

ମଅ, କଣ କହୁଚି ଏ ଝିଅଟା···କହେ, କେଉଁ ନୋହିଲା ବେଳକୁ ତୋ ସାଙ୍ଗବା'ଇ ଚାଳ କଡ଼ରେ କଣ ଟିକଏ ମଥା ଗୁଞ୍ଜି ଦେଇନଥାନ୍ତି ?

ଜଳିଗଲା ଦେହ ଫୁଲିର । ସେ ଘଷାଳ କରିଆ ଖଣ୍ଡ ପାଲଟି ପାଲଟି ନାକ ଫୁଲେଇ ଝାମ୍ପି ପଡ଼ିଲା ତା ମାଆ ଉପରେ କେତେ ସେ ସାଙ୍ଗବା'ଇ ସାଙ୍ଗବା'ଇ ହଉଚୁ ଲୋ ? କି ସାଙ୍ଗବା'ଇ ······ତା ନିଜ କଥାରେ ଠୋ, ଠା, ଠି, ଆଉ ମୁଁ ତା ଚାଳ କଡ଼ରେ ଯାଚି ହେଇ ମଥା ଗୁଞ୍ଜି ଥାଆନ୍ତି···କଣ କହିବ ନାହିଁ ଆଉ······

ବଣରେ ନିଆଁ ଲାଗିଲେ କୋଶ କୋଶ ଦୂରର ଲୋକଙ୍କ ଆଖିକି ଦିଶେ । ସମସ୍ତେ ଜାଣନ୍ତି ବଣରେ ନିଆଁ ଲାଗିଛି । କିଏ କେତେ ଆମୋଦ କରେ । କିଏ ଦୁଃଖ କରି କହେ—ଆହା, ଜୀବଜନ୍ତୁ ଗୁଡ଼ିକ କି କଲବଲ ହେଉଥିବେଟି ! ମନର ନିଆଁ-ଗୁଳୁ ଗୁଳୁ କେହି ତ ଦେଖି ପାରନ୍ତି ନାହିଁ, କିମିତି ଜାଣିବେ ?

## * ଭଉଣି *

ସେ ନିଆଁ ମଣିଷ ଭିତରେ କୁହୁଳି ମଣିଷକୁ ତିଳ ତିଳ କରି ପୋଡ଼େ, ସୁଖ ସହେଁଇ ଦିଏ । ମଣିଷ ନାଚାର । ତାର ଉପାୟ କିଛି ନ ଥାଏ । ମନ ଖୋଲି କହି ପାରେ ନା । ସେଇମିତି ଫୁଲି ଭିତରେ ଯେଉଁ ନିଆଁ ଟିକିକ କୁହୁଳୁ ଥିଲା, ତାକୁ ତା ମା'କି କେହି ଜାଣି ପାରିଲେ ନାହିଁ । ସେ ଆପଣା ଭିତରେ ସନ୍ତୁଳି ହୋଇ କଣ ଖାଇଲା, କଣ କଲା, ତା ଯେ ଦିନରାତି କରୁଛି, ତାକୁହିଁ ଜଣାଥିଲେ ଥିବ !

ପେଟଟର ଜନ୍ମ କରିଛି ମା—ସେ ବେଳେବେଳେ ଡ଼ିମା ଡ଼ିମା ଆଖି କାଢ଼ି ଫୁଲିକି ଅନାଏ । କେଡ଼େ ବଡ଼ ଝିଅ—ରୂପ-ରଗରେ ଫାଟିପଡ଼ୁଛି । ମନର ସାଧ ଥାଏ, କିଏ ଗୋଟିଏ ମିଳନ୍ତାକି ତାକୁ ଘର ଜୋଇଁଅ କରି ରଖନ୍ତା । ଫୁଲି, ନଖିଆ ଦୁହେଁଯାକ ବୁଢ଼ୀ ଆଖି ଆଗରେ ତା' ମଲାପାଏଁ ଚଳ ବଚଳ ହେଉଥାନ୍ତେ । ପୋଷିଲା ଝିଅ ଫୁଲିକି କାହା ଗଳାରେ ଛନ୍ଦିଦେଇ ସେ ପାଖରୁ ଦୂର ଜମିତି ରହିବ ?

ଶ୍ରାବଣମାସର ଅମାସିଆ ରାତି—ଚଉଠାଉ ଅମାସିଆ । ବରଷା, ପବନ ସାଙ୍ଗରେ ଧରି ଲଗାଇଛି ଗୋଟେ. ଅନ୍ଧାରି ମଉଳୁଛି । କେତେବେଳେ ଦୂର କନ୍ଦରେ, କେତେବେଳେ କାନ୍ଥି ପାଖରେ ଘାହାଧରି ଗରଜି ଉଠୁଛି ରହି ରହି । ବୁଢ଼ୀ ଶୋଇଥାଏ ଘର ମଝିରେ । ଦୁଇ ପାଖରେ ତାର ଶୋଇଥାନ୍ତି ଫୁଲି ଆଉ ନଖିଆ ଯୋଡ଼ି ଯାଡ଼ି ହୋଇ । ଆଖିରେ ତାଙ୍କର ଯୋଟି ଯାଇଥାଏ ନାହିଁ ନ ଥିବା ନିଦ । ଫୁଲି ଦେଖୁଥାଏ ଘରପୋଡ଼ି ସପନ କି କଣ, ବାଉଳି ଗୁଉଳି ହୋଇ କଣ ଗୁଡ଼େ ବକି ଯାଉଥାଏ ତା ପେଟ ଭିତର ଛପିଲା କଥାଗୁଡ଼ା, ଯାହା ଶୁଣିଲେ ମାନେ କାରୁଦରେ ନିଆଁ ଧରିଲା ପରି ମଣିଷ ଅନ୍ଧ ଜାଳିଦିଏ ।

## ❋ ଝଲକି ❋

ଫୁଲ ସପନ ଦେଖୁଥାଏ ମନ ପୂରାଇ—ଗୋବନ୍ଧା ବେକରେ ଗାମୁଛା ବାନ୍ଧି ଲଟକି ପଡ଼ିଛି ଗାଁ ମୁଣ୍ଡ ଆମ୍ବ ଡାଳରେ । ଲୋକବାକ କେତେ ଜମା ହୋଇ ନଦେଖି ଅନେଇଛନ୍ତି ତା ଶବଟାକୁ । କେତେ କେତେ ଆଖି କାଢ଼ି ଜିଭ କାମୁଡ଼ି ଶବ ହଟେଇ ଦେଇଛି ଗୋବନ୍ଧା ! ମନୁଆ ଚାରିଆଡ଼େ ରାଷ୍ଟ୍ର କରୁଛି କପିଳେଶ୍ୱର ଗାଁର ଫୁଲ ମୂଲିଆଣୀ ଲାଗି ବେକରେ ଦଉଡ଼ି ଲଗେଇ ଗୋବନ୍ଧା ମରିଗଲା । ଚାରିଆଡ଼େ ଡବଡ଼ବ ନାଗରା ! ଫୁଲ ଏଣେ କରୁଛି କଣ, ନା, ହାଣ୍ଡି କଳା ପରି ଅନ୍ଧାର ରାତିରେ ଘର ଦୁଆର ଛାଡ଼ି ଧାଇଁଛି ତା ରଙ୍ଗାବା'ଇ ପଛରେ । ରଙ୍ଗାବା'ଇ ଆଖିକାଢ଼ି ଫୁଲକ ମାରି ଗୋଡ଼ାଉଛି, ହେଲେ ବି ଫୁଲ କଣ୍ଟାଝଣ୍ଟା ନ ମାନି ଧାଇଁଛି ଯୋଜନ ବାଟ, ଅସରନ୍ତି ବାଟ ଯେତେ ଧାଇଁଲେ ବି ସରୁନାହିଁ । ମୁହଁରେ ତାର ଖାଲି ସେଇ ପଦୁଟିଏ କଥା—ରଙ୍ଗାବା'ଇ, ମତେ ସାଙ୍ଗରେ ନବୁ ନାଇଁ............?

ଫୁଲର ସେଇ ସପନ ଏଣେ ଜୀବନ୍ତ ହୋଇ ଉଠିଥାଏ ରଙ୍ଗାବା ଆଖିରେ । ବରଷା ପାଣିରେ ତିନ୍ତି ଦେହଟା ତାର ଗୋଟାସରି କାଲୁଆ ହୋଇ ଯାଇଥାଏ । ସେ ବିଛଣା ଉପରେ ପଡ଼ି ଏକଡ଼ ସେକଡ଼ ହେଉଥାଏ । ଆଖିରେ ମୋଟେ ନିଦ ନାହିଁ । ଯେତେ ଭାବିଲେ ବି କୂଳକିନାରା କିଛି ମିଳୁ ନ ଥାଏ ତାକୁ । ଦୁଇ ଆଖିରେ ତାର ଦୁଇଟି ଛବି ଫୁଟି ଉଠୁଥାଏ ଦୁଇଟି'ଠାଣିରେ ଗୋଟିଏ ସୁନେଇ, ଆଉ ଗୋଟିଏ ଫୁଲ । ଜଣକର ସର୍ବନାଶ ଆଉ ଜଣକର ପୁଷମାସ । ଜଣେ ପାଇବାକୁ ଚାହୁଁଛି ଦୁଃଖରେ, ଆଉ ଜଣେ ପାଇସାରି ଚାହୁଁଛି ସୁଖରେ । କଥାରେ କହନ୍ତି—ଯେ ପଖାଳ ଖାଇଛି, ସେ ତବତ ଖାଉ, ଯେ ଜମା ନ ଖାଇଛି, ସେ ଗାଧୋଇ ଯାଉ । ବଣ ପାହାଡ଼ ଘେରା ମାଳତଳ ଗାଁଇରେ ବଢ଼ିଲା

## ✻ [illegible] ✻

ଝିଅ ସୁନେଇ, ଅଥଳ ଦରିଆ ପରି ଯାହାର ହୃଦୟ, ଯେମିତି ଝିଅଟି ମନତଳେ ଘର କରିଥିବ ସିଏ, ସିଏ କାହିଁକି ଏ ଅବୁଝାମଣା ରାଇଜର ବାଲି ହରିଣ ପରି ଧାଇଁ ବୁଲୁଥିବା ଉପୁଡ଼ିଙ୍ଗର ଝିଅଗୁଡ଼ାଙ୍କୁ ମନ ବଳାଇବ ? ଏଗୁଡ଼ାକ ମଦ୍ଦମାନଙ୍କୁ ହାଟ ବଜାରର ବାଇଗଣ ପରିବା ପରି ମଣନ୍ତି କି କଣ, ଆଜି ଦେଖିଥିବ ଜଣକ ପାଖରେ ତ ତାଙ୍କୁ କାଲି ଦେଖିବ ଆଉ ଜଣକ ପାଖରେ । କେତେ ମୂଲସୂଲ······କେତେ ଠଙ୍କା ଦବ ? ଶୁଆ-ପକ୍ଷିଆ ରଙ୍ଗର ଚନ୍ଦ୍ରବୁଣା ଶାଢ଼ୀ ଖଣ୍ଡେ ଦବନା ? ସେ ଅମୁକ ଅତର ଶିଶି·············।

ସୁନେଇ ତା ପହିଲି ବୟସରେ ଖାଇବାକୁ ଯାହା ପାଇଛି, ସେ କମିତି ଜାଣୁ ଜାଣୁ ତା ଖାଇବା ଦରବକୁ ଆଉଜଣେ ଛଡ଼ାଇ ନେବାର ଦେଖିବ ? ସେଥିରେ କାହାର ଦେହ ସହେ, ନା ତାର ସହିବ ? ରାଜୀବା ଭାବିପାରିଲା ନାହିଁ, କଣ କହି ସେ ତା ନିଜ ମନକୁ ତୋଷିବ । ଫୁଲି ହାତରେ ଧରା ଦେବା ଅର୍ଥ ସୁନେଇର ଘର ଭାଙ୍ଗି ଦେବା । ସୁନେଇ ସାଥିରେ ତା ଦିନଗୁଡ଼ିକ ଯେମିତି କଟିଛି, କାଏ ଜାଣିଛି ଫୁଲିକି ଧରା ଦେଲେ ରାଜୀବାର ଦିନ ସରିବ କି ନାହିଁ ? ନା, ନା, ପାରିବ ନାହିଁ ରାଜୀବା·········କିନ୍ତୁ ଫୁଲି······ହସକୁରା ଝିଅଟିକି ଚୁହିଁ ଦେଲା ମାତ୍ରେ ରାଜୀବାର ମନ ପ୍ରାଣ ଚହଲି ଉଠେ ଗୋଟେ ଝୁଙ୍କରେ । କାମକ ଜାଗାରେ ସେ ବିକାମ କରିପକାଏ । କାଲି ଯେତେ-ବେଳେ ସେଇ ଫୁଲି ରାଜୀବା ଉପରେ ମୁହଁ ଫୁହୁଲେଇ ତାର ନିତିଦିନିଆ ଠାଣିରେ ଜ ପଚାରିବ—ରାଜୀବା'ଇ, ଆଜି ମତେ ତୋରାଣି ଦବୁନା ପିଇବାକୁ·······କଣ କହିବ ରାଜୀବା ?

## * ସଜ୍ଜଭଙ୍ଗୀ *

କମିତ ଯେ ସୁନ୍ଦର ଏଇ ଟାଂଗରା ଭୁଇଁଟାରେ ପଡ଼-ହାଉଡ଼ଗା ଖଟଣି କରିବ ? ପାରିବ ନାହିଁ ସେ ।

ଜୀବନଟାକୁ ସରସ ସୁନ୍ଦର କରିବାକୁ କିଏ ନ ଚାହେଁ ? ଦିନସାକର ଧାଲବୁହା ଖଟଣିରୁ ଛୁଟିଣ ମିଳିଲେ ଲୋକ ଖୋଜେ ଟିକେ ଆରାମ, ଟିକେ ନରମ ଗଳାର ଆବାଜ—ମଧୁରିଆ ବଚନ । ମଣିଷ ମାନେ ଏ କଥା ଖୋଜିଥାନ୍ତି । ସେଥିରେ ମୂର୍ଖ, ପଣ୍ଡିତ, ଧନୀ, ଦରିଦ୍ର, ରଜା ପ୍ରଜାର ଭେଦ ବିଚାର ନ ଥାଏ । ଖାଲି ଚମଡ଼ାର ଗୋରା, କଳା, ସଫା, ମଇଳା ଭେଦ ଯାହାଥାଏ ସେତିକି; ଆଉ ସେଇ ଭେଦର ମାତ୍ରା ଗୁଣରେ କିଏ ଖୋଜେ ବେଶୀ, କିଏ ବା ଖୋଜେ ତା ମାପକୁ ଚାହିଁ କମ୍ । କିନ୍ତୁ ଖୋଜନ୍ତି ସମସ୍ତେ । ବରଂ ରାଜାବା ପରି ମୂର୍ଖ ମୂଳିଆ ମୁଣ୍ଡେ ସେ ମାପ ଟୁପ କରନ୍ତି ବେଶୀ । କାରଣ, ସେ ଯେତିକିର ଲୋକ ସେତିକିରେ ହିଁ ରହିବାକୁ ଅଧିକ ନଜର ଦେଇଥାନ୍ତି । ତମ ଆମଙ୍କପରି ଧନ ନ ଥାଇ ଧନୀ, ବିଦ୍ୟା ନଥାଇ ପଣ୍ଡିତ, ରାଜ୍ୟ ନ ଥାଇ ରଜାଙ୍କଠାରେ ସେ ନଜର ଦେଖିବାକୁ ମିଳେ କମ୍ । ଏଥିରେ ରାଗ କରିବାର କଥା କିଛି ନାହିଁ । କିନ୍ତୁ ଆମକୁ ଯଦି କେହି ଏ କଥା ସୁଝାଇ ଦିଏ, ତେବେ ତା ଉପରେ ରାଗ କରିବାଟା ଆମର ପ୍ରକୃତିଗତ ହୋଇଗଲାଣି । କାରଣ ଆମଠୁଁ ବଡ଼ଙ୍କ କଥା ଆମେ ସବୁବେଳେ ପଢ଼ୁଥାଉଁ, ଆଖି ଆଗରେ ଦେଖୁଥାଉଁ ଆଉ ସେଇ ଛାଞ୍ଚରେ ନିଜକୁ ଗଢ଼ୁଥାଉଁ । ଦୁନିଆରେ ସୁନ୍ଦର ଜିନିଷଟି ସବୁଲୋକଙ୍କ ଆଖିରେ ଲାଗି ରହେ । ସେଇପରି ନରମ ମିଠା କଥା ଶୁଣିବାକୁ ସମସ୍ତଙ୍କୁ ଭଲଲାଗେ । ତା ବୋଲି ଦେଖିବା ମାନେ କି ଶୁଣିବା ମାନେ ଜିନିଷଟାରେ ନଜର ଶୋଲଣ୍ଡା ଦାବୀ କାଏମ କରିବାଟାତ ସବୁଠାରେ, ସବୁକାଳରେ ଠିକ୍ ନୁହେଁ ।

ଆମେ ଏ କଥା ବୁଝୁଥାଇଁ, କିନ୍ତୁ କାର୍ଯ୍ୟରେ କରୁଥାଇଁ ନାହିଁ, ଗୋଟେ ପରମ୍ପରାର ଦୋହାଇ ଦେଇ—ହେ, ସେ ଅମୁକ ଘର କରିଛନ୍ତି ଏପରି କରିବା ଅନ୍ୟାୟ ନୁହେଁ—ସେ ତମୁକ ଘର ଏମିତି କରି ଏଇଲାଗେ ତାଙ୍କ ପାହ୍ୟା ଉପରକୁ ଉଠାଇଛନ୍ତି !

ରାଣ୍ଡବା ବିଚରା ତା ଜୀବନର ସନ୍ଧି ସ୍ଥଳରେ ପହଞ୍ଚିଛି ଏଇଲାଗେ । ସେ ନ ଭାବି ରହି ପାରୁଛି କେତେବେଳେ ? ଏଣିକି ହୋଇପାରେ ଯେ ତାର ଭାବନା ଗୁଡ଼ାକ ଅକାରଣ ହୋଇଯିବ । ହେଉ, କଣ ହୋଇଗଲା ? ତାଠୁଁ ଗୁଣର ଲୋକେ ତ ମନର ଆଶା ଭାଙ୍ଗି ନ ପାରି ଚନ୍ଦ୍ରମାରେ ବି କଳଙ୍କ ଲଗାଉଛନ୍ତି । ସେ ହିସାବରେ ରାଣ୍ଡବାର ମନ ଫୁଲ ଆଡ଼କୁ ଢଳିବାରେ କେଉଁ ମହାଭାରତ ଅଶୁଦ୍ଧ ହୋଇ ଯାଉଛି ?

—ହେଲେ, ଫୁଲଟି କଣ ଦେଖିବାକୁ ଅସୁନ୍ଦର ? ସାବନା ବର୍ଣ୍ଣ ମୁଣ୍ଡର ବାଳଗୁଡ଼ିକ କେଡ଼େ ସୁନ୍ଦର କୁଞ୍ଚୁକୁଞ୍ଚିକା । ତାଳୁରେ ଆଉ ଓଠ ତଳକୁ କେଡ଼େ ଯତନରେ କଳା ଟୋପା ଦିଓଟି କୁଟା ହୋଇଛି । ସତେକି ଯେମିତି ଫୁଟିଲା ଫୁଲ ଉପରେ କଳା ଭଅଁର ଦିଓଟି ବସି ଲଗାଇଛନ୍ତି ମହୁହାଟର କନ୍ଦଳ । କୁନ୍ଦିଲା ଦେହରେ ନାଲିଛିଟର ଜାମା ଖଣ୍ଡିକ ମାନୁଥିବ କେଡ଼େ ସୁନ୍ଦର । ଲହସ ଗଳରେ ଦୁବଘାସର କଅଁଳ ମଥା ନଇଁ ଯାଉଥିବ । ଯେତେ-ବେଳେ ଦେଖିବ ତା ଓଠ କୋଣରେ ଦରଫୁଟା ହସ ଟିକିଏ ଲାଖିଥିବ ।

ଫୁଲର ହସିଲା ମୁହଁରୁ ପଦେ କଥା ଶୁଣିବାଲାଗି ଗୋବିନ୍ଦା, ମନୁଆ ଆଉ ଏଇମିତି କେତୁଟା ମେଞ୍ଚଡ଼ ଟୋକା ହାଇଁ ପାଇଁ ହେଉଥାନ୍ତି । ହେଲେ ଫୁଲ ତାଙ୍କ ପାଖ ପଶେନାହିଁ । ନିଜେ କାନଚିରାଟି ବାବୁଟା କଣ ? ଦନେ ଧୋବ ଧାଉଳିଆ

ଟେପଣ୍ଟିପିନ୍ଧା ବାବୁ ଝିଜଣଙ୍କୁ ସାଙ୍ଗରେ ଧରି କାନଫଟାଣି ବାବୁ ଫୁଲିକି ଦେଖେଇ କଣ ଗୁଡ଼େ କହି ଯାଉଥାଏ । ସେ ବାବୁ ଝିଟା ଉହ୍ୱରହି ଫୁଲି ଉପରକୁ ଗୋଟେ ଗୋଟେ ଇଗଡ଼ ଗୃହାଣି ଫିଙ୍ଗାଉଥାନ୍ତି—ବାପଲୋ, ସତେକି ଯେମିତି ଝିଟା ବଣୁଆ ହାତୀ ! ତାଙ୍କ ଗାଲଟାମାନ ବେଙ୍ଗପେଟ ପରି ଫୁଲି ନାଲି ଗୃହଁ ଗୃହଁ ଦିଶୁଥାଏ—ମଲାରେ, କେତେ ଭଙ୍ଗୀ କାଡ଼ୁଚମ—ରାଣୀବାର ମନ ହେଉଥାଏ, କିଏ କହନ୍ତା କି, ସେ ବାବୁ ଝିଟାଙ୍କ କାନକୁ ଧରି ତାଙ୍କ ଫୁଲିଲା ଗାଲରେ ଠୋ ଠା କରି ଦି' ଦି'ଗୃହୁଡ଼ା ବସାଇ ଦିଅନ୍ତା ! ବସିବସି ଖାଇ ଏଗୁଡ଼ାକ କି ଗଣ୍ଡି କରିଛନ୍ତିରେ ବାପ !

ରାଣୀବା ଭାବନାର ଆଦି ନାହିଁ କି ଅନ୍ତ ନାହିଁ । ସେ ରାତିଟାଯାକ ବିଛଣା ଉପରେ ଗଡ଼େଇ ଗଡ଼େଇ ହୋଇଛି । ପଲି ବାହାରେ ବୁଲି ପବନଟା ବରଷା ରାତିର ବିଜୟ ବାର୍ତ୍ତା ଘୋଷି ହେଉଥାଏ—ସୁ ସା, ଘୁ ଘା । ରାଣୀବାକୁ ବଡ଼ ସୁଖ ଲାଗୁଥାଏ—ତା ଭାବନା ସାଙ୍ଗକୁ ଏ ବରଷା ଘୋଷାର ମିଶାଣ । ପାଖ ପଡ଼ଶା ଘର କୁକୁଡ଼ା ପଛେ ଡାକ ଦେଲା, ତଥାପି ରାଣୀବା ଆଖିରେ ପଲକ ପଡ଼ିଲା ନାହିଁ । ଶେଷକୁ ତା ଭରସା ସୁନେଇ କପାଳରେ ଗୁଡ଼େ ଅନବେଗ ଭରିଦେଇ ସେ ଠିକ୍ କଲା—ରାତି ପାହୁକି, ସେ ଯିବ କପିଳେଶ୍ୱର ଗାଁକୁ ଫୁଲିର ଘର ପଗୃରି ପଗୃରି । ଦେଖି ଆସିବ, ଫୁଲି କଣ କରୁଛି, କିମିତି ଅଛି. କାମକୁ ଆସିବ କି ନାହିଁ.........ଫୁଲି ରାଣୀବାକୁ ଏତେ ଦେଖିପାରେ; ତା'କୁ ଦେଖି ପକାଇଲା ମାତ୍ରେ କଣ ଭୁଲିଯିବ ନାହିଁ ତା ଗଲା ରାତିର ଅଭିମାନ ?

ରାତି ପାହିଲା । ସକାଳ ହେଲେ ଯାହା ଯେମିତି ହେବାର ସବୁ ହେଲା । କେବଳ ହେଲାନାହିଁ ରାଣୀବାର ଭାବିଲା କଥା ।

ସେ ତାର ନନ୍ଦନନ୍ଦନଆ କାମ ଧାମ ସାରି କପିଳେଶ୍ୱର ଗାଁକୁ ଯିବାକୁ ଗୋଡ଼ ଟେକିବା ବେଳକୁ ପଡ଼ିଆ ଦାଣ୍ଡରେ ଦେଖି ପକାଇଲା— ଫୁଲ ଆଉ ଗୋବନ୍ଦା ହାତ ଧରାଧରି ହୋଇ କେତେ ମଉଜରେ ତାରି ଆଡ଼କୁ ମୁହାଁଇଛନ୍ତି । ହସି ହସିକା କୁହୁରି ଉଠୁଛି ଫୁଲ । ମୁହଁରେ ତାର ଅଭିମାନର ଏତେ ଟିକିଏ ଛାପ କାହିଁକି ଥାଆନ୍ତା ! ଗୋଡ଼ ହାତ ଚଳିଲା ନାହିଁ ରାଜାବାଇ । ପଲା ଡାଳିକୁ ଧରି ସେ ପଥର ପାଲଟିଗଲା ସେଠି ।

ତା ବୁଢ଼ୀମା ମରିଗଲା ଦିନ ଗୃଜାବାକୁ ଏତେ ବାଧି ନ ଥିଲା । ପାଚିଲା ଫଳ ଗଛକୁ ଭାରି—କେଉଁ ଦିନ ଖସି ପଡ଼ିବ କିଏ କହିବ ? ସେଇମିତି, ମା ତାର ବୁଢ଼ୀ ହୋଇ ଯାଇଥିଲା ଆଜି ହେଉ, କାଲି ହେଉ, ସେଉଁଦିନ ହେଲେ ତ ମରିଥା'ନ୍ତା ନିଶ୍ଚୟ । ସେ ଏବେ ସେ ଦିନ ମରିଗଲା, ଏଥିରେ ରାଜାବାକୁ ବାଧା ହେବ କାହିଁକି ? ସେଦିନ ରାଜାବାର ଆଖି ଛଳ ଛଳ ହୋଇଥିଲା କି ନାହିଁ, ସେ କଥା ତାର ମନେ ନାହିଁ । ଆଜି କିନ୍ତୁ ଇଏ କଣ ? ଇଏ କଣ ସେଇ ଫୁଲ, ଯିଏ କାଲି ବରଷା ଅନ୍ଧାର ରାତିରେ, ଜନ ପ୍ରାଣୀ କେହି କୁଆଡ଼େ ନାହାନ୍ତି, ଅଭିଆଡ଼ୀ ଟୋକିଟା ରାଜାବା ପଲା ଉପରେ ଯାଚି ହୋଇ ମଥା ଗୁଞ୍ଜି ଥିଲା ? ତାର ପଲାରେ ରାତିଟା କଟି ଯାଇଥିଲେ ବି ଯାହାର କିଛି ନୁକସାନ ହୋଇଯାଇ ନ ଥାନ୍ତା, ଇଏ ସେଇ ଫୁଲ ?

କହନ୍ତି—ବଜ୍ର ପଡ଼ିଲା ଲୋକ ବଞ୍ଚିବା କଷ୍ଟ । କିନ୍ତୁ ଯାଠୁ କଣ ବେଶୀ କଷ୍ଟ ହୁଏ ? ରାଜାବା ଭାବିପାରିଲା ନାହିଁ । ଭାବି ପାରିଲା ନାହିଁ—କାଲି ରାତିର ଏଇ ଫୁଲ ତାରି ଆଗରେ ତା ଛାଇ ଉପରେ ଚଢ଼ି ମୁହଁକୁ ନ ଚାହିଁ ଚାଲି ଯାଇପାରେ ଗୋବନ୍ଦା ସାଙ୍ଗରେ, ଯାହାକୁ ଦେଖିଲେ ସେ ଛେପ ପକାଇବାକୁ ବି ମନ

କରେ ନାହିଁ ! କଳଙ୍କା ଭିତରେ ଛୁଟି ବୁଲିଗଲା ରାଜାବାଉ ଏକେତ ରାତିଟା ଯାକ ଅନିଦ୍ରା, ତହିଁରେ ପୁଣି ଯାହାଲାଗି ଏତେ ବାଟ ଘଷ, ସେ ସେଇ ବାଟ ଦେଇ ଗଲା, ଅଥଚ କଥା କହିବା ଦୂରେ ଥାଉ, ମୁହଁକୁ ଟିକିଏ ଚାହିଁଲା ନାହିଁ ! ବଡ଼ ବାଧା ହେଲା ରାଜାବାବୁ । ଆପେ ଆପେ ଆଖିରେ ପାଣି ଟୁମୁକେଇ ଦେଲା ।

ଚମକାଇ ଦେଲା ଗୋବନ୍ଦାକୁ ଫୁଲିର କଥା ପଦକ । ଫୁଲି ତା କାରକାର ହସ ଭିତରେ ଯେତେବେଳେ କହିଦେଲା— ହଁରେ ଗୋବନ୍ଦା'ଇ, ଖାଲି କହି ଦଉଚୁ ସିନା, ହେଲେ ରାଜାବା'ଇକ ଦେଖି ପକେଇଲେ ଖାଲି ଛାତି ଦମ ଦମ ହୁଏ । ମା ଲୋ, ଅରଣା ମଇଁଷି ବାଗି ଅନେଇଦବ ଯେତେବେଳେ ସତେ ଖାଇଲା କ ଆଉ ! ଗରଭ ଫଟେଇ ଛୁଆ ବାହାରି ପଡ଼ିବ ଲୋ ମା, ସେ ଚାହାଣିରେ !!

ହତାଶ ହୋଇ ପଡ଼ିଲା ଗୋବନ୍ଦା । ଏତେ କହି ବୋଲି ସୁଦ୍ଧା ଫୁଲି ମନରୁ ରାଜାବା ପ୍ରତି ଭୟ ଯାଉନାହିଁ । କଲେ, କଣ କରିବ ସେଉଟା ? ବରହମ୍ପୁରିଆର ମଗଜ ଥଣ୍ଡା ହୋଇଥିବ ନାହିଁ ? ଘର କୁଆଡେ, ଦୁଆର କୁଆଡ଼େ, କରମ ପଡ଼ିଥିଲାକୁ ଏଠି ଆସି କୁଲି ବେଉସା କରୁଛି, ସେଉଟା କଣ କରିବ ତୋର ? ଆମେସବୁ ଏତେ ଅଛୁଁ, ସାଧ୍ୟ କରିଦବୁ ନାଇଁ ତାକୁ !

ଫୁଲିର ଆଜି କଣ ହୋଇଛି କେଜାଣି, ସେ ଖାଲି ଟିକି କଥାରେ ହସି ହସି ଗଡ଼ି ଯାଉଛି । ଥାନ ଅଥାନ ମାନୁନାହିଁ । ସେ ପେଁ କନା ହସି ଉଠି ଗୋବନ୍ଦା କଥାରେ ଜବାବ ଦେଲା । ଯା ରେ, ଦେଖିଛି, କାହିଁକ ସେଗୁଡ଼ା କହୁଚୁ ମ ! ଏକା ମାଧିଆ ବାଇଗି ପଳ । ଏକା ରାଜାବାଇଙ୍କ ଠିଆ କରିଦବ ଗୋଟେ

ପାଖରେ, ଆଉ ତମେ ସବୁ ଟୋକା ଟାକଲା ଗୋଟେ ପାଖରେ ତାକୁ ପାହୁଣ୍ଡେ ଠେଲେଇ ପାରିବ ନା ?

ସେ ଦିନଟି ଯାକ ଗୋବିନ୍ଦା ଫୁଲର ପିଚ୍ଛା ନେଇଛି କିନ୍ତୁ ସେ ତାକୁ ବୁଝିପାରିଲା ନାହିଁ ମୋଟେ । ଶେଷକୁ ସେ ଭିତରେ ଭିତରେ ରାଗି ଉଠିଲା ଫୁଲ ଉପରେ । ସେ ଦିନ କାମ ତାର ସେଇମିତି ସେଇମିତିରେ ଗଲା । ସବୁ ବେଳେ ଆଖି ରଖିଥାଏ ଫୁଲ ଉପରେ କାମ କରିବ କଣ ? ଫୁଲ କିମିତି ସିମିଟ୍ ବୋଝ ମୁଣ୍ଡ ଉପରକୁ ଟେକୁଛି, କିମିତି ସେ ବୁଲେଇ କରି ଗୋଡ଼ ପକାଉଛି, ଚାଲିଲା-ବେଳେ ତା ପଛଆଡ଼ର ଭଙ୍ଗୀ କିମିତି ନାଆଁ ଝୁଣ୍ଟା କେଞ୍ଚୁଦେଉଛି ମନଭିତରେ । ଏଇମିତି ରଙ୍ଗ ଢଙ୍ଗ ଦେଖି ଦେଖି ସେ ଦିନଟି ସରିବାକୁ ଆସି ବସିଲା ପଛକେ, ତଥାପି ଗୋବିନ୍ଦା ଫୁଲର ପିଚ୍ଛା ଛାଡ଼ିଲା ନାହିଁ । ଭଲରେ ଭଲ, ଦେଖିବା, କିମିତି ଟୋକୀ ଖଣ୍ଡିକ ବଳେଇ ଯିବ ଆଜି ! କାମରୁ ଛୁଟିଣ ହେଲେ ଘରକୁ ଯିବ ତ ବଳେ !

ଫୁଲ ସିନା ରାଜାବାକୁ କଥା ନ କହି ତାର ଆଗୁଟାରେ ଗୋବିନ୍ଦା ସାଥିରେ ଚାଲି ଆସିଲା ସେଦିନ । ହେଲେ ରାଜାବା ସେଥିଲାଗି ଫୁଲକ ଭୁଲ ବୁଝି ପାରିଲା ନାହିଁ । ଆଉ କେହି ହୋଇଥିଲେ କଣ ନାହିଁ କଣ କରି ବସିଥାନ୍ତା; କିନ୍ତୁ ରାଜାବା ପ୍ରକୃତି ଭିନ୍ନ ଛାଞ୍ଚରେ ଗଢ଼ା । ସେ ବୁଝିଲା ଫୁଲ ଅଭିମାନ କରୁଛି ନିଶ୍ଚୟ ତା ଉପରେ । ଖୁବ୍ ଦୁଃଖ କରୁଛି ସେ । ସେଥିଲାଗି ଆଜି ତା ପେଟ ଭିତର ଦୁଃଖ ହସ ସୁଅରେ ଉଛୁଳି ଉଠୁଛି ବାହାରକୁ । ହଉରେ ବାବୁ, ଯିଏ ଯାହା ବୁଝିଲା ବୁଝୁ । ଦୁନିଆରେ କିଏ କେତେ ପ୍ରକାର ଅଭିମାନ କରନ୍ତି । ଖାଲି ମୁହଁ ଘାର କଲେତ ଅଭିମାନ ବୁଝା ପଡ଼େନାହିଁ । ଜଣେ ଆଉ

## ✻ ଚେତିନି ✻

ଜଣଙ୍କଠାରେ ଅଭିମାନ କରି କେଉଁଠି ଜୀବନ ହାରିଦିଏ, କେଉଁଠି ଅବା ଜାଣି ଜାଣି ବିପଦକୁ ଆପଣା ଉପରକୁ ଓଟାରି ଆଣେ । କେଉଁଠି ହସେ, କେଉଁଠି କାନ୍ଦେ—ତା ରତ କୌଣସି ଠିକଣା ନାହିଁ ।

ଆଉମାନଙ୍କ ପରି ସେଦିନ ରଞ୍ଜାବା କାମକୁ ଗଲା । ଖୁବ୍ ମନ ଲଗାଇ, ବଳ ଖଟାଇ କାମ କଲା । ମନୁଆ କଥା ଛଳରେ ତା ପାଖରେ ଆସି ଲେଣି ଦେଖି ହେଉଥାଏ—କରେ ରଞ୍ଜାବା'ଇ, କିଛି ଖବର ଅନ୍ତର ଆସିଚିକରେ ଘରୁ ? କାହିଁକି ମୁହଁ ଫଟେଇଚୁ ? ସେଥିକି ରଞ୍ଜାବାର ନିଘା ନ ଥାଏ । ମନୁଆ ତା କାମରେ ଲାଗେ ।

ମେଦୁଆ ପାଗ ଯୋଗୁଁ ବେଳ ବାରି ହେଉନଥାଏ ସେ ଦିନ । ରଞ୍ଜାବା ବେଶୀ ବେଳଯାଏଁ କାମ କରି ପାରିଲା ନାହିଁ । ଦିନ ଥାଉଁ କାମରୁ ପଳାଇ ଆସିଲା । ଆସିଲାବେଳେ ମନ ହେଉଥାଏ ନରେଲାରେ ଟିକେ ଫୁଲିକି ଦିପଦ ଗୁଣେଇ ଦେବାକୁ । କିନ୍ତୁ ଫୁଲି ଆଉ ଧରାଛୁଆଁ ଦେଉ ନଥାଏ । ରଞ୍ଜାବା ବେଳଉଣ୍ଡି ଦିଗୁରିଥର ଫୁଲି ଉପରକୁ ଆଖେଇ କଣ କହିବ ବୋଲି ଉକୁଣ୍ଠିଥିବାର ଫୁଲି ଠଉର କରିଛି । କିନ୍ତୁ କେହି କାହାକୁ କିଛି କହି ପାରି ନାହାନ୍ତି । ଉଭୟଙ୍କର ଉଭୟଙ୍କଠାରେ ଅହଂଗୁଣ ଭାବ । ସେଥିରେ କିଏ ଏବେ ଆଗ ପାଣି ଫିଟାଉଚି ?

ଦିନତମାମ୍ ଅଥାରହାଣ୍ଡି ପରି ମୁହଁଟା ଫଟାଇ ଯେମିତି ଧଂଜ ପହରକୁ ଠାକି ବସିଥିଲା ଉତୁରମେଘ । କାମଦାମ ସାରି ଠିକ୍ ଘର ଲେଉଟାଣି ବେଳକୁ ଦାଉ ସାଧିଲାପରି ସେଦିନ ବାହୁନି ବସିଲା ଝିପରି ଝିପ୍, ଝିପରି ଝିପ୍ । ବିଚରା ଦୁଃଖୀରଙ୍କି

ଗୁଣ୍ଡିକ କେମିତି ବାଟ ସାରନ୍ତି, ସେ ବିଷୟର ତାର ଆଉ ନାହିଁ । ସେତ ଆଉ ମଣିଷ ତିଆରି ଜିନିଷ ନୁହେଁ ଯେ ଲୋକଙ୍କର ସୁବିଧା ମୁତାବକ ରେଳଡବାରେ ଖୁନ୍ଦାହୋଇ ଦେଶର ଗୋଟେ ମୁଣ୍ଡରୁ ଆଉ ଗୋଟେ ମୁଣ୍ଡକୁ ଉଠାଣି ହୋଇଯିବ । ତାର ପଢ଼ି ଦାତା ଆଉଜଣେ । ତାଙ୍କ ଯୋଗାଣ ନଆସ୍ । ଖଟିଖିଆର ଭାଗ ତାଙ୍କ ଭାଗ୍ୟରେ ବେଶୀ । ତାଙ୍କ ପାଖରେ ବସିଖିଆଙ୍କ ଅବସ୍ଥା କହିଲେ ନ ସରେ । ଭିକୁଆଙ୍କ ପରି ଚାହିଁ ଚାହିଁ ତାଙ୍କ ଦିନ ସରେ । ଆଉ ଏଠି ତାଙ୍କର ଯାବତ ଗୁଡର, ହାକିମୀ ଦେଖିବ ଖଟିଖିଆଙ୍କ ଉପରେ । ମେଘ କାହିଁକି ତାଙ୍କ ହାକିମୀ ଭାଗ୍ୟର ବସିବ ? ବରଂ ତାଙ୍କ ଉପରେ ମେଘର ଅହିନ୍ତା ବେଶୀ ଆରେ, ଏ କାନତରାଟି ବାବୁ ଛଡା ଆଣି ନାହାନ୍ତି ପରା ! ଦେ, ଅସରା ଉପରେ ଅସରା ହେଉ ! ଖଟିବେ ମୂଲିଆ, ଅଥଚ ତାଙ୍କ ପେଟରୁ କାଟି ଏ ନାମ କମେଇବେ, ଅପୂସ କରିବେ !!

ଦୂର ଖଣ୍ଡଗିରି ମଥାରେ ଉଭରା ମେଘଟା ଲଗାଇଥାଏ ବୋହୂଚୋରୀ ଖେଳ । ଫୁଲଟି ଭଳରା ବାଟ ଅବାଟ ନମାନି ଘରମୁହାଁ ଛୁଟିଥାଏ ଏକଲୟରେ । ମେଘର ସିନା ଲାଗିଛି ଖେଳ, ଖେଳିବା ଦିନ ତାର ଏ: ହେଲେ ଗରିବ ଗୁରୁବାଙ୍କର ଯେ ଏ କାଳ !

ଘର ଘରେ ଘର; ଫଳ ପରେ ଫଳ ଟପି ଗ୍ଲୁକୁଛି ଫୁଲି । ମାଟରୂପ କଲପରି ଠିକ୍ ରାଜବାଟ ପଲ ପାଖରେ ଥପ୍‌କରି ରହିଗଲା ପାଦ ଦେଟା ତାର । ନଈ ଅଡଡା ଖସିଲାପରି ଗ୍ରୁଡିକା ଦେ ହଲିଗଲା ଭିତରେ । ମେଘ ବୁକର ଭସ୍ମ ପାଟୋର ଆଖି ବୁଜିଇ ଚାହିଁ ଦେଲା ଫୁଲି ପଲ ତାଟିର ସ୍ବବ ପଡ଼ୁଛି ।

ତେବେ ରାଜାବା'ଇ ଗଲାକୁଆଡ଼େ ? ହଁ, ଯୁଆଡ଼େ ପାଣି ସିଆଡ଼େ ଯାଉ, ଫୁଲିର ସେଥିରେ କଣ ଅଛି ! ପୋଡ଼ାଗଲା ଭିଅଣରେ ଆଉ କି ସୁଆଦ ? ପଲା ଚେପି ପଡ଼ିଆ ଦାଣ୍ଡିକି ଗୋଡ଼ ବଢ଼େଇ ଦେଲା ସେ ।

ଓଲେଇ ଗାଁର ଅଲଗା ବାଟ । ହଜାରେ ପେଟ ପୂରାଇ ଖାଇଥିଲେ ବି ସେ ଯୁଆ ତା ବାଡ଼ରେ ଦେଖାଏ ନବୁଲି, ଏଠି ସେଠି ମୁହଁ ନମାରି ଛାଡ଼େ ନାହିଁ ସହଜେ । ସେଇମିତିକା, ଫୁଲିର ସାଙ୍ଗ ଲୋକ ସବୁ ଯାଇଁ କେଉଁଠି ହେଲେଣି ଗୋଟେ ବାଟରେ, ଅଥଚ ପଡ଼ିଆ ଦାଣ୍ଡି ଭି ମମତା ସେ ଛାଡ଼ି ପାରିଲା ନାହିଁ । ଝଡ଼ ହେଉ, ତୋଫାନ ହେଉ, ଦୁନିଆ ଓଲଟି ଯାଉ ପଛକେ ଫୁଲିର ସେହି ପଡ଼ିଆ ଦାଣ୍ଡିରେ ଯାଆସ କରିବାକୁ କାହିଁକି ଏତେ ଶରଧା କେଜାଣି ! ସେ ଦାଣ୍ଡିର କଣ୍ଟା ଗୋଡ଼କୁ ତାର ଏତେ ଭଲଲାଗେ—ରାଜାବା'ଇ ପଲା କଢ଼ିରି ସେ ଦାଣ୍ଡି; ସେଇ ପଲାର ମଥାଣ ଛୁଇଁ ପବନ ଖେଳିଯାଏ ପଡ଼ିଆ ସାରା; ସେଇ ଦାଣ୍ଡିରେ ସକାଳେ ସଂଜେ ରାଜାବା'ଇର ପାଦ ପଡ଼େ । କିଏ ଜାଣିଲା, ଏଇ କଣ୍ଟା ରାଜାବାଇ'ର ପାଦ ପରଶ ହୋଇ ନଥିବ ବୋଲି ?

—ମଥ, କି କଥା ଏ ଫୁଲିର ? ଏମିତି ଆଡ଼ରିଷାରେ ଫଳ କଣ ? ବାଟରେ ଯେବେ କେଉଁଠି ରାଜାବାଇ ସାଙ୍ଗରେ ଭେଟ ହୋଇଯାଏ ତେବେ ?

ସେଇ ପଡ଼ିଆ ଦାଣ୍ଡିର ଗୋଟେ କୋଣରେ ଟିଣ ଛାତର ମେଲା ଫରଚୁ ଘର ଖଣ୍ଡେ କେବୁଟ ଠିଆ ହୋଇଛି । ଅବେଳାରେ କେବେ କମିତି ଗାଈଟେ, ଛେଳିଟେ ସେଇ ଘର ଓଳାରେ ଆଶ୍ରା ନଅନ୍ତି । ସେଇଠି ବରଷାକୁ ଡକାଇ ଠିଆ ହୋଇଥାଏ ରାଜାବା ।

ଲାଗିଥାଏ ତାର ମନ ବଗିଚାରେ ଦୋଡ଼ ଘୃଷ ଆଜି କଣ
ଗୋବନ୍ଦା ଫୁଲକୁ କହୁ ଶିଖେଇ ଦେଲା !—ଆଖି ଦିଟା ମିଶିଯାଇ-
ଆଏ ରେଳବନ୍ଧ କଡ଼ ବାଉଁଶ ବୁଦାର ଅଗି ସୀଆନ୍ତରେ । ପଢ଼ୁଆ
ଦାଣ୍ଡିର ଚଳନ୍ତା ଛୁଇ ଫର ଫୁଲ ମୁଲିଆଣୀ ହଲେଇ ଦେଲା ସେ
ଆଖିର ଧାରକୁ । ଚମକି ପଡ଼ିଲା ରାଜାବା କଂସେ ଗୋଟିଏ ଗୁଲି
ଯାଉଛି ଡେଙ୍ଗି ଡେଙ୍ଗିକା—ଫୁଲ !

ରାଜାବାର ନିହାତି ଅଜଣାରେ ପାଟିରୁ ବାହାରି ପଡ଼ିଲା
ସେଇ ମଧୁରିଆ ନାଆଁଟି—ଫୁଲ । ଆପଣା ଭୁଣ୍ଡିକୁ ବିଶ୍ୱାସ କଲା
ନାହିଁ ରାଜାବା । ଆଜି କିଏ ଡାକିଥିବ । ଚାରିଆଡ଼କୁ ଛୁଟିକାନିଆ
ହୋଇ ଚାହିଁଗଲା ପରସ୍ତେ । କେହି କୁଆଡ଼େ ନାହାନ୍ତି । ରାଜାବା
ସମ୍ଭାଳି ପାରିଲା ନାହିଁ ।

ସେ ଭୁଲ କରିବାକୁ ସବୁରି ମନରେ ଆଗ୍ରହ ଜନ୍ମେ ।
ସେ ଭୁଲ କରି ପ୍ରାଣ ବାହାରି ଯାଉ ପଛେ, ଲୋକର ସେଥିରେ
ବଡ଼ ଲୋଭ ବଡ଼ ଶରଧା ! ରାଜାବା ନିଜକୁ ଭିଆରିବାକୁ ଯାଇଁ ପୁଣି
ଥରେ ବଡ଼ ପାଟିରେ କହି ପକାଇଲା—ଫୁଲ ! କେଡ଼ିକି ଖସଡ଼ା
ସେ ନାଆଁଟି । ଠିକ୍ ଧୂଳିପରି କଅଁଳ, ଉଷ୍ମାସ ।

ସେ ଡାକର କ'ଣ କମ୍ କରାମତି ? ମଲା ଲୋକକୁ କବରରୁ
ଉଠାଇ ଆଣିପାରେ ସେହି ଡାକ । ଫୁଲ ସେ ଡାକରେ ବାଟ
ଭୁଲିଗଲା । ଲୁହା କି କେବେ ଚୁମ୍ବକଠାରୁ ଅଲଗା ହୋଇ
ରହିପାରେ ? ଚକ୍ମକିପଥର ଦିଖଣ୍ଡ—ଖଣ୍ଡିଏ ସେଥିରୁ
ଅନ୍ୟଖଣ୍ଡକ ଦେହରେ ବାଜିବା ମାତ୍ରେ ନିଆଁ ଝୁଲ ଖସିପଡ଼େ ।
ଖାଲି ଖସିପଡ଼େ ନାହିଁ ତ, ପୋଡ଼ି ପକାଏ ତା ଚାରିପାଖର
ଗୋଟେଇ ଚକଡ଼ା । ଫୁଲର ଛାତିରେ ଚମକ—ସଚେତକ ଯେମିତି
ନିଆଁ ହୁଲାଟେ ତା ଛାତି ଫୁଟାଇ ବାହାରିଗଲା ସେ ପଢ଼ୁଆ

ଭିତରେ । ସେ ତାକର ଜବାବ ଦେବାକୁ ଅମକ ଯାଉଁ ଯାଉଁ ଫୁଲ ଲଥିକର ତଳ ପଡ଼ଲା ଅଣଓସାରିଆ ଦାଣ୍ଡିକଡ଼ର କଣ୍ଟାବୁଦା ଉପରେ । କଣ୍ଟା ଗୁଡ଼ାକ ଦେହହାତରେ ଝପ୍ ଝାପ୍ ଫୋଡ଼ି ହୋଇଗଲା—କଏ, ରାଣୀବା'ଇ କରେ !

ହଁଲୋ, ଗୋଡ଼ରେ ତ ତେଲ ଦେଇଚୁ, ଆଜି କି ରାଣୀବାଇ ? ଏତକ କହିଲାବେଳେ ରାଣୀବାଉର କଣ୍ଠ ଗଣ ଗଣ, ନାକପୁଡ଼ା ନାଚିଉଠୁଥାଏ ଅଭିମାନରେ । ଜିତିଗଲୁ ଲୋ ଫୁଲି; ତୋ ମାନ ରହୁ, ଏବେ ଏ ଗରିବର ପଲାତଳେ ଟିକେ ପାଦ ଟେକେଇ ଦେଇ ଯିବୁ ନା କହିଲୁ ?

ରାଣୀବା ଚାଲିଥାଏ ଆଗେ ଆଗେ । ପଛରେ ତା ଖାଇବ ହାତ ବୁଢ଼ା ଆଙ୍ଗୁଠିକି ଜାବୁଡ଼ି ଧରି ଓଟର ହୋଇ ଚାଲୁଥାଏ ଫୁଲି । ତା ପିଣ୍ଡରେ ପ୍ରାଣ ନଥିଲା ପରି ଲାଗୁଥାଏ ଯେମିତି କେଉଁ ଯୁଗର ଗୋଟେ ମଡ଼ା, ମଲାମୁହଁରୁ ଫେରି ଆସିଚି । ପଛରେ ଘୋଡ଼ି ଆସୁଥାଏ ଗାଢ଼ ଅନ୍ଧାର ! ଆଗରେ ଝୁଲୁଥାଏ ମୋହଘେରା ଝଲଝଲ ଝରଣାର ଗୋଟେ ପାତଳ ପରଦା ଅନ୍ଧାର ଆଲୁଅର ଲାଗାଲଗି ହୋଇ କେତେ ଗୁଡ଼ିଏ ଗାର, ଯାହାକୁ ଚାହିଁଦେଲାକ୍ଷଣି ଆଖି ଝଲସି ଉଠେ । ସେତେବେଳେ ଫୁଲିକି ଦେଖିଲେ ଜଣାଯାଉଥାଏ, ରାଣୀବା ଯଦି ସାତଦିନ, ସାତରାତି ସେଇମିତି ଚାଲୁଥିବ, ତେବେ ବି ଫୁଲି ତା ପଛରେ ନ ଗୋଡ଼ାଇ ଅଟକି ରହିବ ନାହିଁ । ସେଇ କାଳି ଅନ୍ଧାର ରାତିରେ ରାଣୀବା ଯଦି କହେ—ଦେଖିଲୁ ଲୋ ଫୁଲି, ଉପରେ କେଡ଼େ ସୁନ୍ଦର ଜହ୍ନ ପଡ଼ିଚି । ଫୁଲି ହୁଏତ କହିବ—ଏମିତିକା ଜହ୍ନରାତି ମତେ ଭାରି ଭଲ ଲାଗେ ରାଣୀବା'ଇ । ଭୋକ ଶୋଷ ଭୁଲେଇଦିଏ !!

❋ ଅଠଷଠି ❋

ସେ କେଉଁ ପୁରାଣ ଯୁଗର କଥା ଏ କହନ୍ତି—ଶ୍ରୀରାଧା କେଉଁଠି ଦୁର୍ଜୟ ଅଭିମାନ କରିଥିଲେ ଭଗବାନ ଶ୍ରୀ କୃଷ୍ଣଙ୍କ ଉପରେ । ଖାଲି ଅଭିମାନ କରିଥିବା କଥା କହନ୍ତି ସିନା, କିନ୍ତୁ ସେପରି ଅଭିମାନ ଭାଙ୍ଗିଲାବେଳେ ଶ୍ରୀରାଧାଙ୍କ ମନର ଅବସ୍ଥା କେଉଁପ୍ରକାର ଥିଲା, ସେକଥା ତ ଠିକ କରି କହନ୍ତି ନାହିଁ ? ଫୁଲ ଆଖିରେ ତା ଆଗିଲା ଜୀବନଟା ଯେତେ ସୁନ୍ଦର ଦିଶୁଛି, ଶ୍ରୀରାଧାଙ୍କ ଆଖିରେ ସେତକ ଥିଲା କି ନାହିଁ ସେ କଥା କିଏ କହିବ ? ସେ ପୁରାଣ କଥା ପୁରାଣରେ ଥାଉ । ତମ ଆମ ଜୀବନର ନିତିଦିନିଆ ଘଟଣା ସାଙ୍ଗରେ ସେ ପୁରାଣ କଥା ଯୋଡ଼ିବା ଅର୍ଥ ହାତୀ ଲାଙ୍ଗୁଡ଼ରେ ଗଧ ଲାଙ୍ଗୁଡ଼କୁ ଛନ୍ଦିବା । ଲୋକେ ହସିବେ; କହିବେ—ଢେଙ୍କାନାଳ କଥା ଆଣି ଢିଙ୍କିଶାଳରେ ପକାଉଛି, ଏ କେମିତିକା ଓଲୁମ ସତେ !

ଝାଟିମାଟି କାନ୍ଥର ନୁଆଁଣିଆ ପଲାଖଣ୍ଡିକ ରାଜାବାର ହସି ଉଠିଥିଲା ସେ ଦିନ ଗୋଟେ ଅଦେଖା, ଅଜଣା ସୁଲକରେ । ହୀରା, ନୀଳା, ମୋତି, ମାଣିକରୁ ଖରଡ଼ିଆଏ ଏକାଠି ଜମାଇ ଦେଲେ ବି ସେ ରାଜାବା ଆଖିରେ ସରିସମ ହେବ କି ନାହିଁ ସନ୍ଦେହ । ଫୁଲିକ ଘର ମଝିରେ ବସାଇ ଦେଇ ରାଜାବା ତରବର ହୋଇ ପିନ୍ଧା ଲୁଗାଖଣ୍ଡ ପାଲଟି ପକାଇଲା । ଫୁଲ ଦେହସାକ ଝିପିଝିପି ବରଷା ପାଣି ଛିଟା ମାରିଥାଏ । ରାଜାବା କଣ୍ଠରେ ଚେଇଁ ଉଠିଲା ସହାନୁଭୂତି । ସେ କହିଲା ମିଛ ମଣିବୁଲୋ ଫୁଲି, କାଲିଠୁଁ ମୋ ପେଟକୁ ପାଣିମନ୍ଦେ ବି ଯାଇନାହିଁ । ତୁ ଇମିତି ଲୋ ସତେ, ମୁଁ କଣ ଅଜା କହିଲି ବୋଲି ତୁ କାଲି ବରଷା, ଅନ୍ଧାରଟାରେ କୁଟିଆ ଗୁଟିପିଟି ହୋଇ ପଳେଇଲୁ, କହନି ଲୋ ?

## ❋ ଅଣଗୃଳଣି ❋

ରାଜୀବର ଚେଷ୍ଟା କରିବା ଭଙ୍ଗୀ ଫୁଲିକି ଖାରି ଭଲ ଲାଗୁଥାଏ । କି କଥା ଇଏ ? ଫୁଲି ଏଇଲାଗେ ଶଶୁର ଘରେ ଜୋଇଁ କୁଣିଆ । କେତେ ଆଦର ଖୋଜିବ, ସିଫୁଲା ହେବ । କଣ ଖାଲି ଏତିକରେ ସରିଗଲା ? ତା ସାଙ୍ଗକୁ ରାଜୀବର ଦଶା ଠିକ୍ ରଙ୍କୁଣୀ ଧନ ପାଇଲା ପରି ହୋଇଥାଏ । ପହିଲି ସରାଗଟା ଲୋକର ବସ୍ତୁ ସରାଗରେ ଯାଏ । ଫୁଲି ନଠେଇ କରି ବସିଥାଏ ଘର ମଝିରେ; ହୁଙ୍କୁ ନ ଥାଏ ମୋଟେ । ରାଜୀବ ତାରି କଡ଼ ଦେଇ ଏ ପାଖ ସେ ପାଖ ହେଲାବେଳେ କେତେବେଳେ କେମିତି ତା ଚମ ରାଜୀବ ଚମରେ ଘଷି ହୋଇଯାଇ ଦୁହିଙ୍କ ଦେହରେ ଖେଳାଇ ଦେଉଥାଏ ବିଜୁଳିର ଚମକ । ଗୋଟେ ମନଲୋଭା ଆକର୍ଷଣରେ ଉଭୟେ ଉଭୟଙ୍କ ଆଡ଼କୁ ଊଟାରି ହୋଇ ଆସୁଥାନ୍ତି ।

ଠିକ୍ ଏତିକି ବେଳେ, ଏଇମିତି ଢେନାଢେନ, ମନର ହିଆନଆ ଚାଲିଥିଲା ବେଳେ ବାହାରପଟରୁ ଶୁଭିଲା ପବନରେ ଅଧାଭସା ଗୋଟେ ଶବ୍ଦ । କେହି ଜଣେ ପାଖ ସଡ଼କ ଉପରେ ଠିଆ ହୋଇ ଯେପରି ଡାକୁଛି; ଫୁଲି ଅଛି କି ଲୋ ? ······ସ୍ୱରଟି କ୍ରମେ ପାଖେଇ ଆସିଲା—ଫୁଲି ଅଛି କି ଲୋ !

ଫୁଲି ଚାହିଁଥାଏ ଏକ ଧ୍ୟାନରେ ରାଜବା'ଇକି । ରାଜୀବ ଧରିଥାଏ ଅରଟ ନୁଆ ନାଲି ଫୁଲପାଡ଼ିଆ ସରସା ମିଲ ଶାଢ଼ୀ ଖଣ୍ଡେ । ହିନା ଚାରିତଳେ ସେ ଖଣ୍ଡ ସେ କିଣିଥିଲା ସୁନେଇ ସକାଶ ଘରକୁ ନେବାଲାଗି । ତାସାଙ୍ଗକୁ ନାଲି ଆଲପକା ଉପରେ ନେଳି ରଂଗର ଲତାବୁଣା ଜାମା ଖଣ୍ଡେ । ସେ ଖଣ୍ଡିକ ପୁଣି ଡ଼ିବିରି ଆଲୁଅରେ ଏମିତି ଜକ ଜକ ହିଶୁଥାଏ । ତାକୁ ସବୁ ହାତରେ ଧରି ଅଚଳ ସ୍ଥାଣୁ ପରି ରହି ଯାଇଥାଏ ରାଜୀବ । ମୁହଁରେ ତାର

ଭାଷା ନାହିଁ । ମନ ସମୁଦ୍ରରେ ଉଠିଥାଏ ଗୋଟେ ଲହଡ଼ିଆ ଭାବନା । ସେ କଣ ଆଉ ସୁନେଇ ପାଖକୁ ଫେରିବ ନାହିଁ ? ସେଇ କଳାମୁଗୁନିର ଶିବ ପ୍ରତିମା ପରି ଦେହ ଗଢ଼ି ହୋଇ ମାଳତଳିଆ ଠିଅଛି—ସୁନେଇ,······କେତେ ଆଶାରେ, କେତେ ଆଗ୍ରହରେ ସେ ଯେତେବେଳେ ଖୋଲି ବସିବ ରାଜବାର ବୁଜୁଲାଟିକୁ; ଖେଳାଇ ପକାଇବ ସବୁ ଧରିବ ତା ଶଜଠାକୁ ଖୋଜିବା ପାଇଁ, କଣ ବୋଲି କହିବ ରାଜବା ? କହିବ— କହନାଲେ, କିଆଣି ଠିଅଛି ସେଇ ପାଖ ଗାଁର, ତା ମନକୁ କଣ ପାଇଲା, ଧରମ ଭାଇ କରି ପକେଇଲା ମତେ ସେଠାକା ଲିଙ୍ଗରାଜ ମାହାର୍ଦ୍ଦି ଦେଇ । ଦଶୋଟି ଟଙ୍କା ଗଣି ଗଣିଲା । ତାକୁ ଖଣ୍ଡେ ମିଲ୍ ଶାଢ଼ୀ ଆଉ ଖଣ୍ଡେ ଜାମା କିଣି ପିନ୍ଧେଇଲା·········ସତେତ, ରାଜବା'ଇ ବୋଲି ଡାକୁଚି ପୁଣି । ନାକର୍ କ'ଣ ହୁଅନ୍ତା ?

ନାକରୁ କେମିତି ହୁଅନ୍ତା ସୁନେଇ ପାଖରେ ? ସୁନେଇ ତ ନିଜ ଆଖିରେ ପୁଣି କି ଦେଖିନି ନା । ଏ ଭଗ୍ନର କେବଳ ରାଜବା ପକ୍ଷରେ ସମ୍ଭବ । କୋଡ଼ିଏ ବର୍ଷର ଅଭିଆଡ଼ି ଟୋକଟେ ମୁକ୍ତି-ମିଲି, ମଜୁରିରେ ଗୁଜରାଣ ଚଳାଏ । ସେ ମୁଆନ୍ ରାଜବାକୁ ଧରମ ଭଉ କରିଛି । ଖାଲି ସେତିକି ତ ନୁହେଁ, ରାଜବାର ଏକୁଟିଆ ଘଲରେ ଘର ଦୁଆର ଧକି ବର୍ଷେ ରାତି କଟାଇଛି ବ । ଏ କଥା ଫିକିର ସମବର୍ଣ୍ଣ ରାଜବା ହରିପା ସୁନେଇ ପାଖରେ ନାକର୍ କାହିଁକି ହେବ ? ଲୋକର ବିବେକ ନ ମାରିଲା ଯାଏଁ ଏ ଭଗ୍ନର ତା ମନରେ କେବେ ହେଲେ ଆସେ ନାହିଁ । ରାଜବାର ବିବେକ ବହୁତ ଆଗରୁ ମାରିଛି । ତେଣୁ ସେ ଏଇ ମିଛିକା ଭଗ୍ନର ନ କରି କଣ ବା କରନ୍ତା ?

ପଲଭାଟିର ଖୁବ୍ ପାଖରେ ପୁଣିଥରେ ଗୁମୁରି ଉଠିଲା ଚନ୍ଦରର ସେଇ କଣ୍ଠସ୍ୱର—ଫୁଲି ଏଠି ଅଛୁ ?

ଫୁଲିର ଆଖିରୁ ଛୁଟିଗଲା ନିଶା । ରଞ୍ଜବା ଫୁଲିକୁ ଚଟକୁ ଉଠାଇ ଠିଆ କରିବ ବୋଲି ହାତ ବଢ଼ାଉଥିଲା—ସେ ହାତ ସେଇମିତି ପସାରି ହୋଇ ରହିଗଲା ।

କପିଳେଶ୍ୱର ଗାଁ ନିକଟରେ ଗୋବିନ୍ଦାର ଘର । ସେ ଦିନ କାମ ଲେଉଟାଣି ସେ ଘରକୁ ନ ଯାଇ ରେଳବାଇ ପୋଲ ପାଖରେ ଫୁଲିକୁ ଜଗି ବସି ରହିଲା । ସେଇ ଗୋଟିକ ତ ବାଟ, ଫୁଲି ସେ ବାଟରେ ନଯାଇ ଯିବ କୁଆଡ଼େ ?

ଗୁହିଁ ଗୁହିଁ ଆସି ସଞ୍ଜ ହେଲା । ବରଡ଼ା ଚିପି ଚିପି ଆରମ୍ଭ କରିଦେଲା । ଚାରିପଟୁ ଅନ୍ଧାର ଘେରି ଆଇଲା ତଥାପି ଫୁଲିର ଦେଖାନାହିଁ । ଗୋବିନ୍ଦା ବସି ବସି ଗୋଟିଏ କଥା ଠଉର କଲା କିଛି ନାହିଁ, ଫୁଲି ନିଶ୍ଚୟ ରଞ୍ଜବା ପାଖରେ ଅଟକିଛି । ଶେଷକୁ ସେଇ ପଡ଼ିଆ ଦାଣ୍ଡରେ ସିଧା ମୁହାଁଇଲା ରଞ୍ଜବା ଘର ଆଡ଼େ । ସେତେବେଳକୁ ଅନ୍ଧାର ଚଉପୁରି ଘୋଟି ଗଲାଣି ଚାରିଆଡ଼େ । ସେ ସେଇ ଅନ୍ଧାରରେ ରଞ୍ଜବା ଘର ଅନ୍ଦାଜ କରି ଅଣି ପହଞ୍ଚିଗଲା ଠିକଣା ସ୍ଥାନରେ । କିଛି ସମୟ ମୂଳ ଦ୍ୱାରରେ ଠିଆହୋଇ କାନ ପାରିଲା । ରଞ୍ଜବା ଭୁଣ୍ଡିରୁ ପଦେ କଥା ଛଡ଼ା ସେ ଫୁଲି ମୁହଁରୁ କିଛି ଶୁଣିବାକୁ ପାଇଲା ନାହିଁ । ମନରେ ସନ୍ଦେହ ହେଲା —ତେବେ କଣ ଫୁଲି ଏଠି ନାହିଁ !

ତାଟି ଖୋଲି ଜବାବ ଦେବାକୁ ରଞ୍ଜବାର ସାହସ ପାଇଲା ନାହିଁ । ଏଇ ରଞ୍ଜବା କୁଲିଙ୍କ ଭିତରେ କେତେ କଳିଆ ଭଙ୍ଗିଛି, କେତେ ନିପାପ ଲୋକଙ୍କୁ ଛନ୍ଦାଇଛି । ରଞ୍ଜବା ସାଙ୍ଗରେ ସାଙ୍ଗ ସାଥୀଏ ଠାହିଠାପରା କରିବାକୁ ବେଶୀ ମଙ୍ଗନ୍ତି ନାହିଁ । ଯେଉଁଠି

ଅବଗୁର, ଅନାଗୃର ନାହିଁ, ସେଠି ଛିଦ୍ର ପଶିବାକୁ ବ ଟ ପାଏନା । ରାଜାବାର ଭିତରଟା କାଚପର ସଫା । ସେଠି ଏତେଟିକିଏ ମଳ ଲାଗିଲେ ସହଜରେ ଧରା ପଡ଼ିଯିବାର କଥା । ମଣିଷ ଯେତେବେଳ ନିର୍ଲିପ୍ତ ହୋଇ ଗୃହ୍ୟଥିବ, ସେତେବେଳ ବାଦଶାହ ହେଲେ ବି ହକ୍ କଥା କହିବାକୁ ଡରେ ହେଲେ ପଛେଇବ ନାହିଁ । ଯେଉଁ ମୁହୂର୍ତ୍ତରେ ସେ ଗୋଡ଼ ଖସାଇବ, ଠିକ୍ ପରେ ପରେ ସେ ହରାଇ ବସିବ ତାର ନିଜତ୍ୱ, ସତ୍ତ୍ୱଶୀଳ ପଣିଆ, ଆଉ ଯାହାକିଛି । ମୁହଁରେ ତାର ବନ୍ଦ ହୋଇଯିବ ଗୋଟେ ଶକ୍ତ ତୁଣ୍ଡି ।

ଫୁଲ ତ ଆଉ କେହି ନୁହେଁ, ରାଜାଙ୍କର ଭଉଣୀ । ଏଥିରେ ଭୟ କରିବାର କାରଣ ରହିଲା କେଉଁଠି ? ରାଜା ମନରେ ଖୁବ୍ ସାହାସ ବାନ୍ଧି ତ ଟି ପର୍ଯ୍ୟନ୍ତ ଆସି ପୁଣି ଥପ୍ କରି ଠିଆ ହୋଇଗଲା—ଏଁ ଭଉଣୀ ! ତେବେ ରାଜାବାର ମନ ଏତେ ଉଗ୍ରଟ କାହିଁକି ? ଫୁଲର ନାଆଁଟି ଧରିବାମାତ୍ରେ କାହିଁକି ତା ମନଟା ଭିତରେ ଛଟପଟ ହେଉଛି ଜାଗି ଉଠୁଛି ଗୋଟେ ଗୋପନ ସ୍ପନ୍ଦନ ଦେହସାରା ? କାହିଁକି ତେବେ ଏନକ ଭିତରେ ତା ଦୁନିଆର ତେବଡ଼ ବଡ଼ଟ ପରିବର୍ତ୍ତନ ? ଏ ପ୍ରଶ୍ନର ଉତ୍ତର ରାଜବ ଦେଇ ପାରିବ ନାହିଁ । ଏଗୁଡ଼ାକ ସାଧାରଣିଆ କାହିଁକି ନୁହେଁ । ନୂଆ ଯୋଗୀ ଭଳମୁଠାକ ପାଇଁ ବାଇ ହେଲାପରି ଏଇମିତିକା କାହିଁକି ଉଠାଇବା ପାଇଁ ଆଜିକାଲିକା ବାଲିଆ ଭୂଇଁରେ ଅନ୍ତଶୁଖା ବାବୁଗୁଡ଼ାକ ଝୁରି ମରନ୍ତି । ସେ ଢଙ୍ଗ ତାକୁ ସାଜେ । ଏ କାହିଁକି ରାଜାବା ବୁଝିବ କୁଆଡୁ ? ଫୁଲ ତାକୁ ରାଜାବାଇ ବୋଲି ଡାକେ ସିନା, ହେଲେ ଭାଇ ଦୃଷ୍ଟିରେ ତ ଦେଖେ ନାହିଁ । କେଜାଣି ଅବା ଦେଖୁଥିବ । ମଣିଷର, କହନ୍ତି, ପାଞ୍ଚମନ

ଆଉ ପଚାଶ ପ୍ରକୃତ । ନରମାୟା ନାରାୟଣଙ୍କୁ ଅଗୋଚର କଏ ଜାଣିଲା ?

ଡାକର ଜବାବ ନ ପାଇ ଗୋବନ୍ଧା ଗାଈଟାକୁ ଥରେ ଦୁଥର ଝୁଙ୍କାଇ ସାରିଲାଣି ସେତେବେଳକୁ ।

କଣ୍ଢୁବାର ଫୁଲି ଉଠି ଆସିଲା ତା' ବସିଲାଥାନରୁ । ରାଣୀବା ଜଳ ଜଳ କରି ଚାହିଁଥାଏ ଫୁଲି ଆଡ଼କୁ—କଏ ସେ କଲେ ?

ଏଇ ଗୋବନ୍ଧାଟା ହୋଇଥିବ, ଆଉ କଏ ? କହି ଫୁଲି ଗାଈ ମେଲାକରିବାକୁ ବସିଲାରୁ ରାଣୀବା ଚଟକରି ତାକୁ ପଛଆଡ଼କୁ ଠେଲି ଧରିଲା—ଫୁଲି, ତତେ ମୋ ରାଣ, ତୁ ଯା ନାହିଁ । ମୁଁ ଯାଉଛି, ଦେଖେଁ କଏସେ ଗୋବନ୍ଧା ।

ଗାଈ ମେଲାକରି ଆଗରେ ଠିଆ ହୋଇ ପଡ଼ିଲା ରାଣୀବା । କ'ଣ କହୁଚୁ କରେ ?

ଫୁଲି ଅଛି ?

ହିଁ, କାହିଁକି ?

କାହିଁକି, କଣ ବୋଲି କହିବ ଗୋବନ୍ଧା ? ମନରେ ତାର ଜାଗି ଉଠିଲା ଗୋଟେ ସ୍ୱତଃ ବୈରଭାବ—କାହିଁକି ଆଉ କଣ ? ଏଇ ଟିକଏ ଦରକାର ଅଛି । ଏକା ଗାଁର ଲୋକ, ଧାଙ୍ଗହୋଇ କାମ ଦାମ କରୁଁ, ସାଙ୍ଗହୋଇ ଘରକୁ ଫେରୁଁ । ଫୁଲି ଆଜି କହିଥିଲା, ଗାଁକୁ ଗଲାବେଳେ ତାକୁ ଏଇଠୁ ସାଙ୍ଗରେ ଡାକି ନବାକୁ ଯେ, ସେଇଥିପାଇଁ ଡାକୁଥିଲି ।

ଗୋବନ୍ଧା କଥାରେ ରାଣୀବାର କରଡ଼ି ଜଳିଗଲା; ଅଥଚ ସେ ପଦେ ପାଟି ଫିଟାଇ ପାରିଲା ନାହିଁ । ଖାଲି ସାପ ପରି ଫଁ କାଢ଼ି ରହିଗଲା ଯାହା ! କଣ କହିବ, କମିତି କହିବ ? କିନ୍ତୁ କହିବାର ବାଟ ତ ସେ ଆପଣା ହାତରେ ବନ୍ଦ କରି

ଦେଇଛ । ସକାଳେ ଆଜି ସେ ଦେଖିଛି ଫୁଲକୁ ଗୋବନ୍ଦା ସାଥିରେ । କିଏ ଜାଣିଲା, ଫୁଲ ଏବେ କହୁଥିବ । ଏକା ଗାଁର ନ ହେଲେ ଗୋବନ୍ଦା ଫୁଲର ଘର ପାଖିଆ ଲୋକ । ଏକେତ ବଉଡାବିନ—ତା ଉପରେ ଅନ୍ଧାର ରାତି – ଜଣେ ଆଉ ଜଣକୁ ଅଶ୍ରା । ଗୋବନ୍ଦାର ଫୁଲକୁ ଡାକିବାରେ ଅପରାଧ ରହି ଗଲା କେଉଁଠି ? ତା ଛଡ଼ା ଗୋବନ୍ଦା ଅପେକ୍ଷା ରାଜବାର ଫୁଲ ସାଥିରେ ଛେ ବେଶୀ ଚିହ୍ନା ପରିଚ ବା ହେଲା କୁଆଡ଼ୁ ଯେ ରାଜବା ପଚଶ ଲୋକଙ୍କ ଆଗରେ ଡାକ ବଜାଇ ଫୁଲ ଉପରେ ଆପଣାର ମୂରବିପଣିଆ ଜାହିର କରିବ ?

ସେ ଫୁଲକୁ ସେଇ ବାହାରପଟେ ଠିଆ ହୋଇ ପାଟି କୁଣାଇ ପଚାରିଲା—ଏ ଫୁଲ, ଗୋବନ୍ଦା ସାଥିରେ ଯିବାକୁ କହିଥିଲୁ ପରା, ସେ ଆକୁଟି ।

ଫୁଲର ମନ୍ଦୁରି ମିଳିଲା ନାହିଁ ଫେଲିଟି ସେ ନାକ ଟାଉଁ ଟାଉଁ କରି କହିଲା—ମୁଁ କିଆଁ ତାକୁ କହନ୍ତି ମ, ମତେ କଣ ବାଟ ଜଣାନାହିଁ ଯେ ଗୋବନ୍ଦା ସାଥିରେ ଯିବାକୁ କହୁଥିଲି । ସେ ଗୋଟେ ଫିକର କରି ସେମିତି କହୁଛନା······ମୋର ଏଠି କାମ ଅଛି । ଏଇଲାଗେ ଯାଇ ପାରିବ ନାହିଁ । ମନା କରିଦେ ତାକୁ ।

ରାଜବା ଗୋବନ୍ଦାକୁ ଫୁଲର ଏଇକଥା ଶୁଣାଇଦେବା ଆଗରୁ ଗୋବନ୍ଦା ସବୁ ଶୁଣି ସାରିଥିଲା । ତେଣୁ ରାଜବା ମୁହଁରୁ ଖୁସିଅରେ ଶୁଣିବାକୁ ତାର ଧୈର୍ଯ୍ୟ ରହିଲା ନାହିଁ । ଦେହରେ ଜୁଇ ଜଳିଗଲା—ଦେଖ ଟୋକଲ ଠାର କେତେ ବହପ !

ଗୋବନ୍ଦାକୁ ସେ ଦିନ କଣ ଗୋଟେ ନିଶା ଘାରିଥାଏ କେଜାଣି, ଘର ଦୁଆର, ଖାଇବା ପିଇବା ଭୁଲି ସେ ଫୁଲପାଇଁ

ଏକବାର ପାଗଳ ହୋଇ ଯାଇଥାଏ । ଆଜ ଘରକୁ ଯିବ କଣ ? ମୁଣ୍ଡରେ ତାର କାମୁଡ଼ୁଥାନ୍ତି କାହାଣେ ଖଣ୍ଡେ ଚେନ୍ଗୁଲିଆ ବନ୍ଧୁ । ସେ ସେଇଠୁ ସିଧା ଫେରିଲା କାନତରିଟି ବାବୁଙ୍କୁ ଅନଶା କରି । ଦେଖିବା ଦେଖି ମୁଲକ ଆଜି କଏସେ ରଖିବ !

ଲୋକ ହତାଶ ହେଲେ ମଣିଷ ଆଉ ପଶୁଭିତରେ ଯେଉଁ ବ୍ୟବଧାନ ଟିକକ ଅଛି, ସେତକ ତାର ରହେନାହିଁ । ହିଂସାଭାବ ପଶୁର ସ୍ୱାଭାବିକ ପ୍ରକୃତି । କାରଣ ତାର ବିବେଚନା ଶକ୍ତି ନାହିଁ । ମଣିଷର ସେଇ ବିବେଚନା ଶକ୍ତି, ହତାଶ, ଅଭାବ, ଅନାଟନର ବାରମ୍ବାର ତାଡ଼ନାରେ କ୍ରମେ ଲୋପ ପାଇଯାଏ । ଫଳରେ ସେ ପାଲଟେ ଗୋଟେ ନିରାଟ, ନିପଟ ପଶୁ । ବଣ ଜଙ୍ଗଲର ବାଘଭାଲୁଙ୍କ ଠାରୁ ସେ ହୋଇଯାଏ ଆହୁରି ଭୟଙ୍କର, ଆହୁରି ପ୍ରତିହିଂସା ପ୍ରିୟ । ସେତେବେଳର ମଣିଷ ପ୍ରକୃତି ହୋଇଯାଏ ସାପର ଗରଳଠୁଁ ଆହୁରି ବିଷାକ୍ତ ।

ଆମଠୁଁ ଶହ ଶହ ବର୍ଷ ତଳର ପୁରୁଖା ଲୋକଙ୍କ କଥା, କାର୍ଯ୍ୟକଳାପ ବିଚାରି ବସିଲେ କେବେକେବେ ଆମେ ଆଶ୍ଚର୍ଯ୍ୟ ହୋଇପଡ଼ୁ । ସେମାନେ କଣ ଖାଉଥିଲେ କଣ ପିଉଥିଲେ କେଜାଣି, ତାଙ୍କ ମନରେ ପରସ୍ପର ପ୍ରତି ଏମିତି ଗୋଟେ ବିଦ୍ୱେଷଭାବ ପ୍ରାପ୍ତ ନଥିଲା । ରାଗ, ହିଂସା, ବାଦ ଏଗୁଡ଼ାକ ତାଙ୍କୁ ଛୁଉଁ ନଥିଲା ମୋଟେ । ତା ବୋଲି ସେମାନେ କଣ କେଉଁଶି କଥାରେ ହତାସ ହେଉ ନଥିଲେ, ନା ଅଭାବ ବୋଲି କଣ ଜାଣୁ ନ ଥିଲେ ? ତା ନୁହେଁ ଯେ, ସେମାନେ ପ୍ରତ୍ୟେକେ ଥିଲେ ପିଲାଟି ଦିନରୁ ଉଦ୍ୟୋଗୀ । ଦେଶପ୍ରତି, ଜାତିପ୍ରତି, ମଣିଷସମାଜ ପ୍ରତି ସେମାନଙ୍କର କିଛିନା କିଛି ଗୋଟେ ଅଂଶ ତୁଲାଇବାର ଅଛି ବୋଲି ଧାରଣା ଥିଲା । ପ୍ରକୃତିର ସନ୍ତାନ ସେମାନେ ପ୍ରକୃତି

ସାଙ୍ଗରେ ଗୋଳ ହୋଇ ବଢ଼ୁଥିଲେ । ବାବୁ, କୁଆଡ଼ୁ ଏ ଗୋରା ଜାତି ଆସି ତାଙ୍କ ଭିତରେ ଧରିବାନ୍ଧି ପୂରାଇଦେଲେ ମେଞ୍ଚାଏ ଆବର୍ଜନା—ବିଦେଶୀ ବୋଉଖାଞ୍ଜି । ସଭ୍ୟତା, ସଭ୍ୟତା ବୋଲି ଲୋକଙ୍କ ଭିତରେ ଗୋଟେ ମରୁଡ଼ିଆ ରୋଗ ବ୍ୟାପିଗଲା । ଭଲ ମଣିଷ, ଜାଣିବା ଶୁଣିବା ଲୋକ ଗୁଡ଼ାକ କାବୁ ବନିଗଲେ । ସେମାନେ କେଜାଣି ଅବା ଏ ବିଦେଶୀ ମାୟା ଭିତରେ ପଶି ପାରିଲେ ନାହିଁ କି କଣ, କେତେଜଣ ବାଲୁଆଳ ଅଖାଭିଡ଼ି ବାହାରି ପଡ଼ିଲେ । ବାପ ଗୋସା'ଙ୍କ ସାଇତା ଧନତକ ଗର୍ଭାପୂ-ସ୍ୱାହା କରି, ଆପଣା ମହତ ଘରକୁ ଦେଇ ଶିବ ଲଙ୍ଗଳା ହୋଇ ପଳାଇ ଗଲା ପରେ, ସେମାନେ ଆପଣା ଜାତି, ଧର୍ମ, ଭାଷା ଏଗୁଡ଼ାକ କୋଥଳିରେ ବାନ୍ଧିଦେଇ ସେଇ ବିଦେଶୀ ଗୋରାଙ୍କ ପଛଚଲା ହେବାପାଇଁ ତାଙ୍କର ତର ସହିଲା ନାହିଁ । କଥାରେ ଅଛି—ମାରିନେଲେ ମହାପାପେ, ଗୁହିଁଥିଲେ ଜଳକା । ସେଇମିତି ସାରତକ କାଢ଼ି ନେଲେ ଗୋରାଏ ଯାଙ୍କ ଭାଗରେ ଅଗାଡ଼ିତକ ଥୁଡ଼ିଦେଇ । ଆଗାଡ଼ି ସାଙ୍ଗକୁ କାହାଣେ ଉପାଧି, ନବ କେତେ ନଅ । ଚଲାଖ ଜାତି ସେ, ଏ ଦେଶର ଲୋକଙ୍କୁ ଶିଖେଇ ଦେଇ ଗଲେ ବସି ଖାଇବାର ମଜ୍ଜିକ । ଯା ଏବେ; ଗୁଣ୍ଠିଥା ସେ ଉପାଧିତକ—ଏ, ବି, ସି, ଡ଼ି, ଇ, ଏଫ, ଜି, ଏଇଚ୍ · !

ସେଇଦିନଠୁଁ ସେ ବସି ଖାଇବା ରୋଗ ଅମ ଲୋକଙ୍କ ଭିତରେ ନଙ୍କସୁଅ ପରି ବଢି ଚାଲିଲା । ଖାଲି ସେତିକି ନୁହେଁ, ସେ ରୋଗର ଏମିତି କରାମତି ଯେ ତାଙ୍କୁଇ ମଳକରି ବାହାରି ପଡ଼ିଲେ କେତେ ଶାଖା । ବସିଖାଇଲା ଲୋକର ମୁଣ୍ଡରେ ଖେଳିଗଲା କେତେ ରକମର ଭୂତଚମକ, ଜାତିମରା, ଦେଶମରା ଭାବନା ।

ସେଇ ଦିନଠୁଁ ବସିଖିଆର ଗୃତର ବଢ଼ି ଆସିଛୁ ଆଜ ଯାଏଁ । ପକ୍ଷା ରୋଗ ହେଲା, ପ୍ଲେଗ ରୋଗ ହେଲା, ଏଗୁଡ଼ାକ ଆମକୁ ଜଣା ନଥିଲା ମୋଟେ । ଢ଼ିଆଁ ରୋଗ ଗୁଡ଼ା ବସିଖିଆଙ୍କଠୁ ଖଟିଖିଆଙ୍କ ଉପରକୁ ଖପ୍‌ଖାପ୍ ଡେଇଁ ପଡ଼ିଲା । କାହାର ବଳ ଅଛି, କିଏ ହାତ ଦେବ, ରୋକିବ ?

ଜର ସାଙ୍ଗକୁ ମୁଣ୍ଡବିନ୍ଧା ପରି ବସିଖାଇବା ରୋଗର ଯେତେ ଶାଖା ରୋଗ ଅଛି ତା ଭିତରୁ ବୋତଲ ସାଙ୍ଗକୁ ଦାଣ୍ଡି ଗୋଟେ ପରସ୍ପର ସାହାଯ୍ୟକୃତ ରୋଗ । ସେଇ ରୋଗ ଗ୍ରାସିଥାଏ କାନତରାଟି ବାବୁଙ୍କୁ । ହଇଜା, ବସନ୍ତ ଯ୍ଯା ର ରକ୍ଷାରକ୍ଷଣ ଅଛି । କିନ୍ତୁ ବୋତଲ ସାଙ୍ଗକୁ ଦାଣ୍ଡି, ଯ୍ଯାର ସେ କଥା ନାହିଁ । ତା ଗୁଇ ଯାହାଠିଁ ପଡ଼େ, ପ୍ରାଣ ଗଲା ବୋଲି ଜାଣ । ତା ପାଖରେ ଦରଦାମ୍, ମୂଲଗୃଲ୍ ଅଳ୍ପ ବେଶୀ ଏ ସବୁ ନାହିଁ । ଯେ ତା କବଳରେ ପଡ଼ିଲା, ତାର ଆଉ ଉଧୁରିବାର ଉପାୟ ନଥାଏ । ସେ ରୋଗପାଇଁ ଡ଼ାକ୍ତର, ବଇଦ ନାହାନ୍ତି; କେବଳ ଭଗବାନ ଭରସା ।

କେହି ନ ମିଳିଲା ବେଳକୁ କେବେ କିମିତି ଗୋବିନ୍ଦା କାନତରାଟି ବାବୁଙ୍କର ବୋତଲ ସାଙ୍ଗ ହୋଇପଡ଼େ । ଆଉଥରକୁ ଆଉଥରେ, ଆଉଦିନକୁ ଆଉଦିନେ ଏଇମିତି ଗୋବିନ୍ଦା ଦି' ଗୃରିଥର ବାବୁଙ୍କ ସାଙ୍ଗରେ ବୋତଲ ମାଣି ଗୃଖି ସାରିଲାଣି । ମନ ଲାଗିଛି ତାର । ଆଜ ଏ ବରଷା ମାଗକୁ ଉଧୁଳ ଭାଙ୍ଗିରୁ ଟୋପେ ପେଟରେ ପଡିଗଲେ କେଜାଣି ଅବା ଘୁଲିକୁ ନ ପାଇବାରୁ ଦରଜ ଟିକିଏ ପୋଛି ହୋଇଯିବ ମନରୁ । ଘରକୁ ଯିବା ନ ହେଲା ନାହିଁ ପଛେ ଗୃଲିଲା ଗୋବିନ୍ଦା କାନତରାଟି ବାବୁଙ୍କର

ଖବର ବୁଝିବାକୁ । ଆଜ ନ ହେଲେ କାଲି, କାଲି ନ ହେଲେ ଉଅର ଦନ—କୁଆଡେ ସିଏ ଫୁଲି !

× ×

ଗଡ଼ ଗ୍ଳଲା ଦନ ପରେ ଦନ ଗୋଟି ଗୋଟି ହୋଇ ଯାଏ ସୁଅ ପରି । ଶ୍ରାବଣ ଗଲା, ଭାଦ୍ରଅ ଗଲା, ଅଶିଣ ଆସି ହେଲା, ତଥାପି ରାଘବାର ଘରକଥା ମନେ ପଡ଼ିଲା ନାହିଁ କି ଭେଟନଙ୍କ ଗାଁରେ ତା ଦେଖା ମିଳିଲା ନାହିଁ । ଆଗରେ ପଡ଼ିବ କୁଆଁ ର ପୁନେଇଁ ।

ଝିଅ । ଗୋଠାକରେ ସୁନେଇ ଥାଏ ଏକୁଟିଆଟି । ସାଇ ପଡ଼ିଆର ବାର ଲୋକେ ବାରକଥା ଦେଖେଇ ଶୁଣେଇ କହନ୍ତି । ସୁନେଇ ସେ ସବୁ କଥାକୁ କାନ ଦିଏ ନାହିଁ । ହେଲେ ରକ୍ତ ମାଂସର ଦେହଟା କେତେ ଏବେ ମାଡ଼ି ଜାକି ହୋଇ ରହିବ ? ଅତି କହିବା କହିବା ନୁହେଁ କି ଅତି ସହିବା ସହିବା ନୁହେଁ । ସବୁ କଥାରେ ସୀମା ବୋଲି ତ ଗୋଟେ ଅଛି । ଏଣେ ରଘିଣି ବାହିବା ଘର ଦିଞ୍ଜା । ମାସକୁ ଲଗାଇ ସୁନେଇ ପେଟରେ ପିଲା ରହିବାର ପୂରା ଚ଼ରିମାସ ହୋଇଗଲାଣି । ଘର ଆଡ଼ିଭି କରୁ ନଥିଲେ ବି ଆପଣା ଗୁଜରାଣ ତ ଅଛି । ରାଘବା ବିଦେଶ କରି ଗଲାବେଳେ ସୁନେଇ ହାତରେ ଯାହା ଦେଇ ଯାଇଥିଲା ସେତକ ସରି ପୁଣି ସେତିକ ଯାଇ ସାରିଲାଣି । ଶାମଦାସ ବୁଢ଼ାକୁ ଠାଲଟୁଲ କରିବାରେ କୌଣସି ପ୍ରକାରେ ସେ ଏତକ ଦିନ ସବୁର କଲା । ଆଉ ଏଣିକି ସେ ନଚ୍ଛୋଡ଼ିବନ୍ଧା । ଏଇଥର ଆସିଥିଲା ଯେ କହିଲା—ଆଲୋ ସୁନେଇ, ସର୍ବନାଶ ବୁଦ୍ଧି ଯାହାକୁ ଘୋଟେ, ସେ ଏମିତି କରେ । ତୁ ଯାହା ଭାବରୁ ଭାବ ପଛେ. ରାଘବା ଆଉ ଫେରିବା କଥା ମତେ କାହିଁକି କମିତିଆଟା ଲାଗୁଛି । ଆଚ୍ଛା, ତୁ

ନିଜେ କହୁଲୁ ଭଲ, ତୁ କଣ ନଅଠା ନା ଛଅଠାର ମା' ହେଉଚୁ ଯେ କଣ କହିବା, ନିଜେ ନ କଲେ ନ ଭୁଆଇଲେ ସଂସାର ଚଳୁନାହିଁ ଯେ, ବର୍ଷେ ଛମାସ ବିଦେଶ କରିଯିବା······ଏ ଜହ୍ନିଲା ପ୍ରକାରେ ତୁ କାଳିକା ମାଇପିଲାଟା, ସଂସାର କଥା ନସ୍ତା ତନଖ୍ତକୁ ବୋଲ—ଦେଖ, ଗୃହୁଁ ଗୃହୁଁ ଆସି ବଜାର ଗୃହିମାସ ହେଲା, ଟୋକାଟା ଗଲା ଯେ ଖବ୍ରେ ବେଉରା ବି ଦେଉନାହିଁ ? ଆଉ କାହାକୁ କସ ବୋଲିବାହେ ······ !

ଏମିତିକା ଶୁଖିଲା ସୁଆଗ କେଉଁଥିକ ପାଏ ? ଗୋଡ଼ହାତ ଧାଉ ନଥିବା ଲୋକକୁ ଏମିତିକା ମୁରବି ଖୋଜି ବସିଲେ କାହାଣ କାହାଣ ମିଳିବେ । ବିଚେନ କମ୍ ଦରିଦ୍ରତା ? ଦବା ନବା କଥା ଉଠିଲେ ଏଇ ମୁରବି ପଲ ବଦଳିଯିବେ ଆଉଗୋଟେ ରକମର ! ସୁନେଇ ଗ୍ରେଷ୍ଟିଆ ମନ ଭିତରେ ଏଇ ପ୍ରକାର ଭାବନାର ଯନ୍ତ୍ରଣାରଟିଏ ଠାଣି ହୋଇଗଲା ଦାସବୁଢ଼ାର କଥା ଶୁଣି । ଆଖି ପତା ଓଦା ହୋଇ ଆସିଲା—ହଁ, କହନ୍ତୁ ଯାହା ମନକୁ ଯାହା ପାଇଲା । ତାଙ୍କର କହିବା ପାଇ ପଡ଼ିଛି ଏକଲାରେ । କୁଆଁ ଉଡ଼ିଯିବାକୁ, ଡାଳ ପଡ଼ିବାକୁ—କାହା ମୁହଁରେ ହାତ ଦେବ ସେ ?

କାଲିପରି ଧନ କେଉଁଠା ଖେଳିଲେ ପଡ଼ିଲେ ହେବ କୁଆଁ ଚେ-ସୁନେଇ । ଟୋକା ଟୋକୀ, ଯୁବା ଯୁବତୀଙ୍କ ମନଲକ୍ଷ୍ମୀ ଧୋବ ଫରଫର ଜହ୍ନରାତି । ଗୀତ ବୋଲି ନ ଯାଣୁଥିବା ଲୋକ ହେଲେ ବି ସରୁ ଗିଣିଗିଣା ଗଳାରେ ପଦେ ଗାଇ ପକାଇବ—କୁଆଁର ପୂନେଇଁ ଜହ୍ନଗୋ ଫୁଲ ବଉଳ ବେଣୀ······କେତେ ହସଖେଳ । ସୁନେଇର କଅଁଳ ପ୍ରାଣଟି ବାହୁଡ଼ି ବସିଲା ତା ପିଲା ଦିନକାର କଥା ସୁମରି—ସତରେ ଦଇବ କଟିବ, ତା ରଜାବା ଘରକୁ

ଫେର ଆସିବ । ସାଇ ପଡ଼ିଶାଙ୍କ ମୁହଁ ଚଳକୁ ହେବ ? ଗୋଟେ ଆଗତା ଚଞ୍ଚଳିକା ବେସମ୍ଭବନା ଭାବନାରେ ଦୋହଲି ଉଠିଲା· ତା ଛୋଟିଆ ମନ । ଉରୁଦୂରୁ ଆଖି ଉଛୁଳି ଉଠିଲା ଏକ ଅଜଣା ଭବିଷ୍ୟତର ସମ୍ଭାବନାରେ ।

ଏଠିକୁ ମିଶାଇ ତିନିଶହ ଟଙ୍କା ରଘୁବାବା ପାଖକୁ ଦେଲାଣି ସୁନେଇ । ଖର୍ଚ୍ଚ କରି ହେଲା କି ଜବାବ ପାଇନାହିଁ ରଘୁବାବୁ କଣ ହେଲା—କେଉଁଠି ରହିଲା ସେ ଟଙ୍କା ? ଆଉ କଣ ଚିଠି ଗୁଡ଼ାକ ତା ପାଖରେ ପହଞ୍ଚୁନାହିଁ ? ଏଥର କଣ ଦାସ ମଉସା ପୁଅ ନିଜେ ବସି ଲେଖିଛି । କହୁଥିଲା ଖୁବ୍ ବୁଝେଇ ସୁଝେଇ ଲେଖିଛି ବୋଲି । ହେଲେ ଏବେ କିନ୍ତୁ କିଛି କଥା ପାଏ ନାହିଁ ସୁନେଇ ।

ନିଜେ ତ ଭେଇଛି, କାହାକୁ ପୋଷିବ ସୁନେଇ ? ରଘୁବାବା ଖାସ୍ ସେଇଥି ସକାଶେ ବିଦେଶ କଟିଯିବାକୁ ମଙ୍ଗୁ ନଥିଲା । ସୁନେଇ ସାହାସ ଦେଲାକୁ ଯିଏ ଏସ ଭୁବନେଶ୍ୱର ଆସିଲା । ଏଇଲାଗେ 'କାହା ବୋଲେ ଗଦ କରି ବାହୁଡ଼ି ନଇଲା' ବୋଲି ବାହୁନି ବସିଲେ ସୁନୁଡ୍ତି କିଏ । ଏ କଥା ଖାଲି ମନରେ ମରିବା ପାଇଁ ସାର ହେଉଛି । ସାଇ ପଡ଼ିଶା ମହିଳା ପିଉସୀଙ୍କ କଥା କହିଲା ବେଳକୁ ଆଗ ନିଜ କଥା । ସେ ଦିନ କଣ କଥା ପଡ଼ୁ ପଡ଼ୁ କେବେ ମା ମାଉସି ଗାଁ ବାହିଲେ କେତେ ଦୁଃଖରେ ହେଉ ଆସେ ଲୋ ଭତେ । ଦୁନା ଦୁନା ଟଙ୍କା ଯେତେବେଳେ ନଗିଅଡ଼ର ହେଇ ଆସୁଚି, ପିଲା ଲାଗୁଥିବ ନା କଅଣ ।

ଏ ଅଣ ପାଣ୍ଡ୍ରବା ରାଜ୍ୟରେ କିଏ ବୁଝିବ ଲୋ ମା ! କଥା କଥାକେ ମୁହେଁ ମୁହେଁ ହାଙ୍କି ଦେବେ । କହିବେ—ଘଇତା ଯୁଆଗୀଠା । ଥିଲା ନ ଥିଲାକୁ ବାହି ମୁହଁରେ ଦିହିବେ ନାହିଁ ।

✻ ଏକାବନ ✻

ନୋହିଲା ବେଳକୁ ଘରୁ ପଦାକୁ ଗୋଡ଼ କାଢ଼ ଯୁଆଡ଼େ ଇଚ୍ଛା ସିଆଡ଼େ ପଳାନ୍ତା ସୁନେଇ । ହେଲେ ଏଥିରୁ କେଉଁଟାକୁ ପେଟରେ ବୋହି କୁଆଡ଼େ ଯିବ ? ଆଗକୁ ନାହିଁ କି ପଛକୁ ନାହିଁ । ଆଖି ଫୁଟିକରି ଧୂଆଁ ଦିଆ ଦିଶୁଛି । ଯୁଆଡ଼େ ନାହିଁ ସିଆଡ଼େ ଯା, କପାଳ ଯେବେ ଭୁଲିଥା ।

ବେଳେବେଳେ ଆଖି ଆଗରେ ଦିଶିଯାଏ ରଜଧୂସ୍ତ ସାହୁକାରଙ୍କ ଝିଅ ଲତା । ମଧୁଙ୍କ ସାଙ୍ଗରେ କଣ ପାଠ ପଢ଼ୁଛି ଦେଖି ଦୋକାନୀର ପୁଅ ବଢ଼େଇ—ସୁନେଇ ଟାଣ୍ଟକା ହୋଇଯାଏ । ସେ ଦିନ ତ ଚଣ୍ଡୀଲପରି କୁଆଡ଼ୁ ଆସି ସେ ପଶିଗଲା ସୁନେଇ ଘରେ । ଦେହ ଲମ୍ବର ଜରି ଧଡ଼ିଆ କନା ଝାଉଁଚେ ଅଣ୍ଟା ଗୁଡ଼ିକରେ ଘେରାଇ ହେଇଥାଏ । ମାଈପିଲା ହୋଇ ଲୋକ ପୁଣି ଇମିତି ବଡ଼ିଲା ବୟସରେ ଲଙ୍ଗଳା ହେବାକୁ କଣ ସେ ପାଠରେ ଲେଖା ହୋଇଛି ? କେଜାଣି ଲୋ ମା ! ଅକୁହା ଅପୋଷ୍ଟ ଏତେ ପାଟିରେ ପଚାରିଲା—ଆଲୋ, ସୁନେଇ, ତୋ ବାପ କୁଆଡ଼େ ଡାକ୍ତର ମୁହୂର୍ତ୍ତ ଦେଖନ୍ତି ? ତୁ ଥିରଟି ହୋଇ ବସିଚୁ କଣ ଲୋ ! ସରକାରଙ୍କୁ ଦରଖାସ୍ତ କରି ଦଉନୁ ?

ମଲା ମୋର, ସରକାର କଣ ଇମିତି ଯାଙ୍କ ବାଡ଼ିତଳ ରଇଡ ଯେ ଖିସ୍ତରୁ ଖାସ ପରିଯନ୍ତେ ଧ୍ୟାନରେ ସବୁକଥା ବୁଝିବାକୁ ଠାକ ବସିଛନ୍ତି ! ଆଜିକାଲି ଏ ଝିଅ ଗୁଡ଼ାକ ପାଠପଢ଼ି କ ଡେମେଣୀ ହେଇ ଗଲେଣି ଲୋ ମା । ଏଇମାନେ ତ ଇମିତି ଆଉ ବାହା ସାହା ହେଲେ କଣ ଅବା ନ ହେବେ ! ମୁହଁ ଖୋଲି କିଛି କହି ପାରିଲା ନାହିଁ ସୁନେଇ । ବଡ଼ ଲୋକର ଝିଅ ଲତାଦେଇ । ଅଜ କଣ ନାହିଁ କଣ ପାଟିରୁ ବାହାରି ଯିବ ତ ବାଗୁଣ୍ଡି ସୁନେଇ କ ଗଳକଣ୍ଠ ଉପର କଣ୍ଟା କରିଦେବେ ରଜଧୂସ୍ତ

ବଂଶ । ସୁନେଇ ମୁହଁରୁ କିଛି ଜବାବ ନ ପାଇ ଠିଏ ଠିଏ ପଳେଇ ଗଲା ଲତା ।

ଉଆଁସ ରାତିର ଘଡ଼ିମସି ମଉଳା ଜହ୍ନଆଲୁଅ ପରି ମନ ଗହନରେ ଉଙ୍କି ମାରେ ଦାସ ମଉସା ପୁଅ ଅରକ୍ଷିତର ଛବି । ଗାଁ ଯାକର ବଡ ମେଳାପି ପିଲାଟିଏ ସେ କେଡ଼େ ମିଠା ବଚନ । ଯୋଗୀ ଋଷି ହେଲେବି ତରଳିଯିବ ତା' ପଦକ ବଚନରେ । ସୁନେଇ ଲାଗି ଠିକଟେ ଦୁଃଖ କରେ ସେ । ପଚ୍ଛିଲେ ସୁନେଇ ଭରସି କରି କିଛି କହି ପାରୁ ନ ଥିଲା ସଇପଡ଼ଶାଙ୍କ ଡ଼ରରେ । ଆଉ ଏଣିକି ସେ ଡ଼ର ତାର ଭାଙ୍ଗି ଗଲାଣି । କାହାକୁ କାହିଁକି ଡରିବ ? କାହା ଦବ ନା ନବ । ଏକୁଟିଆ ମାଇପି ଲୋକ । ସେଥିରେ ପୁଣି ଅସଜଡ଼ରେ ଅଛି । ହାନ ଲାଭରେ ସାହାଯ୍ୟ ଦେବାକୁ କିଏ ଅଛି ତାର ? ଆଲୋ ସଙ୍ଗି, ଆପଣା ମହତ ଆପେ ରଖି । ନିଜେ ଭଲଥିଲେ ଦୁନିଆ ଭଲ ! ସାଙ୍ଗଭାଇଙ୍କ କଥାରୁ ଜାଣି ପାଇବ ସେ !

କୁଆଁର ପୁନେଇ ହେବାକୁ ଆଉ ଦିନୁଟିଏ ଥାଏ ବାକି । ସେଦିନ ବଡ଼ ଭୋରୁଟାରୁ କୁଆ କା ନ କରୁଣୁ ଅରକ୍ଷିତ ଆସି ହାଜର ହୋଇଗଲା ସୁନେଇ ଦୁଆରେ । ସୁନେଇର ନିଦ ଭାଙ୍ଗି ଯାଇଥାଏ ସେତେବେଳକୁ । ସେ ବାସି ଯନ୍ତ୍ରଣାରେ ପଡ଼ି ପାହାନ୍ତି ପହର ଭୁଟେଲା ସପନ ନିଶାରେ ଘାରି ହେଉଥାଏ । କେଡ଼େ ସୁନ୍ଦର ସପନଟିଏ ଦେଖିଲା ସେ । କୋଉ ଜାଗା କେଜାଣି ସେ, ମୁଠାଏ ବହଳର ଭୁଲାଲିମ ଗଦି ତାର ଉପରେ ଶୋଇଥାଏ ସୁନେଇ । କଣ ଏକା ସେଇ ? ତା କଡ଼କୁ ଲାଗି ସୋଇଥାଏ ଆଉ ଜଣେ । ସେ ଜଣକ କିଏ ସେ ହେବ ବାରି ହେଉ ନ ଥାଏ । ରଙ୍ଗବା ଭ ମୁହଁ, ତା ଆଖି ଯୋଡ଼ିକ କେଡ଼େ ସୁନ୍ଦର; ରଙ୍ଗବା

### * ତେପନ *

ଆଖିତ ଖଲ୍ଲ । ସେ ଗଞ୍ଜାବା ନୁହେଁ । ଆଉ କିଏ ହେବ ? ଆଜ୍ଞା କଣ ଅରକ୍ଷିତ ଶୋଇଥାଏ ସେମିତି ? ରୁମମୂଲ ଠାକୁର ଉଠିଲା ସୁନେଇର । ନାଇଁ ଲୋ ବାପ, ପର ପୁଅ ସେ—ଆହା, କେତେ ସୁଖର ଦୁଃଖର ପିଲାଟି । ତା ନାଁ କାହିଁକି ସେଠି ଧରିବ ସୁନେଇ ? ପାପ ଅର୍ଜିବ । ହେଲେ ଯେତେ ବୁଝାଇଲେ ବି ମନ ମାନୁ ନ ଥାଏ । ମିଛ କାହିଁକି ହେବ ? ଟେକା ମୁହଁରେ ଠିଆ ନାକ, ଠିକ୍ ଖଣ୍ଡାଧାର ମଣ-ଅବଜଳ ସେଇ କି ସେଇ ଅରକ୍ଷିତ !

ବାହାରେ କବାଟ ଖଡ଼ଖଡ଼—ସୁନେଇ ଚେଇଁ ଉଠିଲା—କିଏ ?

ମୁଁ ତ, ଅରକ୍ଷିତ । ଟିକିଏ କବାଟ ଫିଟାଇଲୁ ସୁନା ।

ମନ ଭିତର ଚାପି ଗାଦି ଭାବନାର ସମ୍ଭାରରେ ମାଡ଼ି ହୋଇଥାଏ ସେଇ ଭାବନାଟି ସୁନେଇର—ଅରକ୍ଷିତ ଟଙ୍କ ପାଲଟି ଗଲାଣି । ଯକ୍ଷ ଯେତେବେଳେ ପାଣି ସେତେବେଳେ ବାହାରେ ନାହିଁ । ଭିତରେ ଯେମିତି ବାହାରେ ସେଇମିତି ନହେଲ, ଅଂଶତଃ ହେଲେ ସେ ବାହାରେ; ଏ ପାଖ ସେ ପାଖ ହୁଏ । ତାଙ୍କ ଘରେ କି ଚାଲି ବାଡ଼ରେ ବୁଲୁଛି ବୋଲି ଯେ ସେ ଚୋର, ଏମିତି କିଛି ନାହିଁ । ସେ ଖାଏ କଣିକଉ, କିନ୍ତୁ ଖାଏ ଆଉ କଣିକର । ସେଇ ଯକ୍ଷ ସେ—ଅରକ୍ଷିତ ।

କାଁଣ କିଏ ? କବାଟ ଫିଟାଇ ସୁନେଇ ଫିସ୍ଫରିଲା ।

ନବୁଝିଲେ · ଶାସ୍ତ୍ରୀଙ୍କ ଉଖିଦବୁ । କାଲି ସଞ୍ଜଠୁଁ ଆସିବ ଆସିବ ବୋଲି ଓର ଉଣ୍ଡି ଯମା ପାଇଲି ନାହିଁ । ଆଜି ଅନ୍ଧାରୁଆରୁ ଉଠି ମଇଦାନ୍ ଫେରିବା ନାଁରେ ପଳେଇ ଆସିଛି । କିଏ ସେ ଦେଖି ପକାଇବତ ବୁଢ଼ା ଆଗରେ ଫୋଡ଼ି ଦେଲେ

## ❋ ଚନ୍ଦନବନ ❋

ବୁଢ଼ା ଆଉ ବାଘ ରହିବ ନାହିଁ । ଏତିକି କହି ଅରକ୍ଷିତ ଯାଉଁଳି ପୁଡ଼ୁଳା ବନ୍ଧା ବଢ଼ାଇ ଦେଲା ସୁନେଇ ହାତକୁ ।

ସୁନେଇର ଆଖିରେ ଜାଳି ଉଠିଲା ଜଳ ଜଳ ଅନୁକମ୍ପା ଭରା । ସେ ଅନେକ ଥରରେ କି ଏକ ଅନ୍ତହୀନ ଶୂନ୍ୟତା ଲକ୍ଷ୍ୟକଲା ଠିକ୍ ମା'ର ପରି । ମୁକ୍ତି ଅସହାୟ ପ୍ରାଣୀ ଠିକ୍ ଯେମିତି ବନ୍ଦୀ ପାଖାପାଖି ହାଣି ଦେଲେ କ୍ରନ୍ଦନ ମାନେ ହାହାକାର ହୋଇ ମିଶି ଯିବାକୁ ଚାହାନ୍ତି । ଏଠିରେ ବାଲିଚକ୍ଷୁର ପରି ଟେଙ୍କଟେଙ୍କ ଢେଉ ହୋଇଛି ସର୍ବନାଶ ସଂସାର । ସୁନେଇ ଗର୍ଭରେ ସର୍ବନାଶର ରକ୍ତ ଚକ୍କର କରି ଉଠୁଛି —ସୁନେଇ, ରଙ୍ଗବ ପାପର ବଂଶରେ କାହିଁ ବୋଲିବୁ ?

ଅରକ୍ଷିତ, ଏ କଣ ମନେ ଭାଉଛୁ ? ପ୍ରାଣ ବିକଳରେ ସୁନେଇ ପଚାରି ଦେଲା ମନର ... ବଦଳାଇ । ମୁହଁରେ ଛନକା ଲାଗିଗଲା ।

କାହିଁ ବୁଢ଼ି ଚାଲି, ମୁଁ ତତେ କଣ ଗୋଟିଏ ଦେବି ଟାଉଛ ? ବାଲି ... ମୁଁ ଶିଖିଲି, ତୋ ଘରେ ଗୁଡ଼ଇଲ ନ ଥିଲା । ଭ ଗୁଡ଼ଧନ ... ଦେଇଛି, ଆଉ ଗୋଟିଏ କଷ୍ଟ, ନିଅ ନା ମନେ ରଖ ! ଅରକ୍ଷିତ ଅପସରି ଗଲା ସେଠାରୁ ।

ଏଥି ଭିତରେ ସେ ନିରତ ... ଯାଉଛି ଅରକ୍ଷିତ । ସୁନେଇ ନାହିଁ କରି ... ପାରିଲା ନାହିଁ । ପେଟରେ ଦାଉ ... ହିଁରେ ଜାବ ପକାଇ ଦେଲା । ... ବୋଲି ପେଟ । ... ନଠଲୁଠ ଗାଡ଼ି ... ଯିବ ନାହିଁ । ହେଇ ପେଟ ... ଘାଟି ମଣିଷକୁ କେତେ ମନ ... କରିବାକୁ ପଡ଼େ । ତାର ପାଣି ଦୁନିଆରେ ... ହେବା ପାଇଁ କେତେ ଧର୍ମ ନାମରେ କଳଙ୍କର ... କେତେ ବ୍ୟଭିଚାର, ହିଂସା,

ଦ୍ୱେଷ, ରକ୍ତଶୋଷୀ ସେବାଭାବ ଧରି କେତେ ନରକର ସୃଷ୍ଟି ହୁଏ । ସବୁରି ମୂଳରେ ଥାଏ ପେଟର ଡାକ । ତାକୁ ଅବହେଳା କରି ମଣିଷ ପ୍ରବୃତ୍ତି ନିଯୁକ୍ତ ସୃଷ୍ଟି ଛନ୍ଦରେ ତାଳ ପକାଇ ଚଳି ପାରେ ନାହିଁ । ସେଇଥିପାଇଁ କେଉଁଠି ସାଧୁ ପାଲଟେ ଭଣ୍ଡିକଟା ଖଣ୍ଡ, କେଉଁଠି ଅବା ରଙ୍କ ଭକ୍ଷକର ଆଚରଣ କରେ, ସେ ପେଟର ଡାକକୁ ସୁନେଇ ତୁଣ୍ଡି ମହା ସୁନେଇ ହେଲେ ବି ଏଡ଼ି ଦେଇ ପାରିବେ ନାହିଁ । ତାକୁ ଏଡ଼ିବାକୁ ଚେଷ୍ଟା କରିବା ମାନେ ଅବସ୍ଥା ହୋଇଯିବ ବାରଣ୍ଡା ଢକଢା — ଟୋ, ଠୋ, ମନଦ ଗୋପାଳ ।

ପିଲାଟି ଦିନରୁ ପ୍ରକୃତି ହାତରେ ଗୀତିମତ ଲଟେଇ 'କରି ସୁନେଇ ଗଢିଥିଲା ତାକୁ ଟପ, ଟେକ, ଯାହାକରୁ । ପେଟ ଗୃହଖଣ୍ଡିକ କଣ ଚଳାଇ ଯାଇଥାନ୍ତା ? ତା ନୁହେଁ ସେ ଆଜି ସେ ଦିନ ତାର ନାହିଁ । ମାଳ ଡୋଙ୍ଗର ତଳର ସାବଜା ଗଛବୃଛକୁ ସେ ଭୁଲି ସାରିଲାଣି ବଞ୍ଚିବା ସାଙ୍ଗରେ ପଳାଇ ଆସିଲା ଦିନୁ । ସେଇ କଥା ସ୍ମରି ତା ଆଖିରୁ ଝରି ପଡିଲା ଲୁହ । ବଞ୍ଚିବା ପାଇଁ ସେ କଣ ନ କରିଛି ? ବାପ' ମାଙ୍କୁ ଭୁଲିଛି, ଜନ୍ମସ୍ଥାନ ଭୁଲିଛି, ସାଙ୍ଗ ସାଥିଙ୍କି ଭୁଲିଛି ଭୁଲିଛି ତା ନାସି ଜନମର ରଙ୍ଗିନ ସ୍ୱପନ: ଆଜି ବାକି ରହିଛି ମଜଦୁରିଆ ଜୀବନଟା । ହୁଏତ ତାକୁ ବି କେଉଁଦିନ ଭୁଲି ଯିବାକୁ ପଡିବ । ସେଇ ବଞ୍ଚିବା କୁଆଡେ ଲୁଚି ଯାଇ ନାହିଁ ତନ୍ନଆର । ସୁନେଇର ଅବସ୍ଥା କଣ ତାକୁ ଅଜଣା ରହିଛି ? କାହା ଲାଗି ଆଉ ଅରକ୍ଷିତ ପାଖରେ ଧାଡ଼ିଆ ହେଲା, କାହା ପଡ଼ିଲା ସୁନେଇ ? ସେ ଯାହା ହେଉ, ଝଇଗାଡ ହେଉ, ଯାହାହେଉ, ଜୀବନପଥରେ ଫେରି ମୁହିଁବା ଭାବନା ରହିଲା ତ । ଆଖିର ଲୁହକୁ ମାର୍ଜନା କରିବା ଛଡ଼ା ଆଉ କିଛି ଉପାୟ ନ ଥିଲା ସୁନେଇର ।

### ✻ ଛପନ ✻

ସୁନେଇର ଆଖିର ଲୁହ ତତା ନେଇ ଦୂରେଇ ଗଲା କୁଆଁର ପୁନଅ ସେ ବର୍ଷ। ଏକା ସେଇ ନୁହେଁ, ସୁନେଇ ଖଂଜାର ଲୁହ ଗେଲା ଟିକଠା ମାଡ଼ ଗୃଲିଗଲେ କାର୍ତ୍ତିକ ମଗୁଶିର, ପୁଷ ତା ପଛକୁ ତା ପଛ ଆଗିଲା ପିଛୁଲ ହୋଇ। ସଞ୍ଜ ପଛକୁ ଥିଲା ମାଘ, ସେ ବାଘପରି ମାଡ଼ି ବସିଲା ନ ଥିଲା ଲୋକଙ୍କୁ ଶୀତର ଭୟ ଦେଖାଇ ସୁନେଇ ଭଳିଆ ନପାରିଲାର ଲୋକ, ଯାହାର ବସିବା ଥାନରୁ ଉଠିବା କଷ୍ଟକର, ସେ ବରତବ କେତେକେ ? ତଥାପି ରାମାବାଉର ଦେଖା ମିଳିବା ଦୂରେ ଥାଉ, ଖବର ଟିକେ ବି ମିଳିଲା ନାହିଁ।

ଅରକ୍ଷିତ ଥିଲାକୁ ରାମଦାସ ବୁଢ଼ା ପାଟି ବନ୍ଦ କରିଛି। ଗୋଟିଏ ବୋଲି ପୁଅ। ସେ ପୁଣି ଧାରିଗଲାଣି। ତା କଥାକୁ ତଳେ ପକାଇ ପାରୁନାହିଁ ଦାସ ବୁଢ଼ା। ଏବେ କାଳର ପୁଏ— ପାଠୁଆ ହୁଅନ୍ତୁ, ଅପାଠୁଆ ହୁଅନ୍ତୁ ଟିକେ ଗୋଡ ହାତ ପାଇଗଲେ ସ୍ତ୍ରୀର କାତିକୁ ବଶ ଗଣ୍ଡେ। ତାଙ୍କ ଲେଖାରେ ବୁଢ଼ାବାପେ ହେଲେ ମରମଟିଆ। ବାପଙ୍କ କଥାଗୁଡ଼ା ପୁଅଙ୍କ ମନକୁ ମୋଟେ ଯାଏ ନାହିଁ। ଫଳରେ ସଂସାର ବୋହୁଙ୍କ ଆଗରେ ଗୃଲେ। ଏଠି ସିବାପେ ପୁଅଙ୍କ ମନ ରଖି ନ ପାରି ତାଙ୍କରି କଥାରେ ଖାଲି ମିଳନ୍ତି, ହିସ ହେଉ ଦସି ଯାଆନ୍ତି। ଦାସ ବୁଢାଙ୍କ ଅବସ୍ଥା ତଦ୍ରୂପ। ପୁଅ ଯେତେବେଳେ ଯାହା ବୋଲୁଛନ୍ତି, କରୁଚାଧାନ ଆସିଲା ନ ହେଲା ନାହିଁ।

ନାଲି ଜଟ ମେଖଳି, ସୁନେଇର ଅଗଣାରେ ବି ତାର ଖ୍ରେଲା ନାତିଜଖାରି କେତେ ଦୁଃଖ ସହିଲାଣି ଅରକ୍ଷିତର ଦୟାରୁ। ଏହାର ଉପାଦାନ ସ୍ୱରୂପ ସୁନେଇକ ଅବଶ୍ୟ କାନ୍ଦୁ ଦେବାକୁ ମୁଣ୍ଡାନି ଅରକ୍ଷିତକୁ। ଅରକ୍ଷିତର ମନରେ କଣ ଥିଲେ ଥାଇ ପାରେ,

# ❋ ସତାବନ ❋

କିନ୍ତୁ ପ୍ରତିଦାନ ପ୍ରତ୍ୟକ୍ଷ ଭାବରେ ଲୋଡ଼ନ ସେ ସୁନେଇ ପାଖରୁ । ତାହାକୁ ଏ ପ୍ରଶ୍ନ କେବେ କେମିତି ଉଠିଲେ ଅପେକ୍ଷିତ କହନ୍ତେ, କଣ କ୍ଷତି ହେଲା ? ଲୋକଟି ବିପଦରେ ପଡ଼ି ଯାଉଛି, ଏପରି ଅବସ୍ଥାରେ ଜଣକୁ ସାହାଯ୍ୟ କଲେ ଯଦି କିଛି ଅଧର୍ମ ବା ଅନ୍ୟାୟ ହୁଏ, ସେ ଅଧର୍ମ ବା ଅନ୍ୟାୟ ମୋର । ସେଥିରେ କାହାର ଆପତ୍ତି କରିବାର କିଛି ନାହିଁ । ପୁଅର ଏହିପରି କାର୍ଯ୍ୟକଳାପ ପଛରେ ଥାଏ ଦାସ ବୁଢ଼ାର ପୂରା ଷୋଳଅଣା ସମର୍ଥନ । କଥା କଥାକେ ଦାସେ କହନ୍ତି—କହେ, ଜାଣିବା ଶୁଣିବାର ବୟସ ଆସି ହେଲା । ଶାସ୍ତ୍ରରେ କହନ୍ତି—ଷୋଳବର୍ଷପରେ ପୁଅକୁ ମିତ୍ର କହି । ମୁଁ ଏଥିଲାଗି କଣ କରିବି ? ଯାହାକୁ ଭଲ ନ ଲାଗୁଛି କି ଲାଜ ମାଡ଼ୁଛି, ସେ ମୁହଁରେ ଲୁଗା ଦେଉ ।

ଲୋକଙ୍କ ମୁହଁରେ କଥା କେତେବେଳେ କେଉଁ ରୂପ ନିଏ । ପଲ୍ଲୀର ସାଇପଡ଼ୋଶୀଏ ସବୁବେଳେ ଏଣିକି ଚୁପ୍‌ଚାପ୍, ଫୁସ୍‌ଫାସ୍—'ମା', ଦାସ ବୁଢ଼ା ପୁଅ ଅରକ୍ଷିତିଆ ଆଉ ଘରକୁ ଯାଉନାହିଁ ଲୋ ମୋଟେ । ସଦାସର୍ବଦା ଖୋସ୍ ସୁନେଇ କଣ୍ଠରେ ବସା ବାନ୍ଧିଲାଣି । ଆଲୋ, ରଙ୍ଗବତୀ କଣ 'ଏଥି ଧକାଉନି ଆଉ ପଛରୁ ନାହିଁ ସୁନେଇକି !

ସୁନେଇ କାନରେ କେତେ ବାଜେ । ନାରୀର ସମ୍ବଳ ତା ଅଖିର ଲୁହ । କାହା ବଳରେ ସୁନେଇ ମୁହଁ ଟେକିବ ? ହୃଦୟରେ ଅପେକ୍ଷିତ ସ୍ଥାନରେ ତାର ତା ସମ୍ବନ୍ଧ କଣ ? ରଙ୍ଗବତୀ ଘରେ ଅପେକ୍ଷିତ କାହିଁକି ? ଉତ୍ତର ଉଣିଆ ପ୍ରଶ୍ନ ଏଗୁଡ଼ାକ, ନ ଜାଣିଲା ଲୋକଙ୍କ ମୁହଁରେ ସାଜେ । କିନ୍ତୁ ସୁନେଇ ମୁହଁରେ ଏ ପ୍ରଶ୍ନ ଶୋଭା ଦେଖିବ ନାହିଁ । ଦୁନିଆରେ କିଏ

କାହାର ? ଖାଲି ଗୋଟେ ସମାଜ ଗଢ଼ିବା ପାଇଁ ଏମିତିବ୍ୟକ୍ତି ତୋର ମୋର ଧରାବନ୍ଧା ବ୍ୟବସ୍ଥା କରିଦେଇ ଯାଇଥିଲେ ସଂସାର ତାଙ୍କ ସୃଷ୍ଟିଆ ବୃନ୍ଦ—ସେ ସ୍ୱାମୀ, ସେ .., ସେ ବାପା, ମା, ଭାଇ, ଖୁଡ଼ି ଏମିତି କେତେ କଣ । ଯଦି ଜଣେ ଲୋକର ପ୍ରାଣ ଅନ୍ୟର ହୃଦୟରେ ବାନ୍ଧି ଉଠିଲା, ତେବେ ସେଠି ଏମିତିଆ କୌଣସି ବାହ୍ୟଆବରଣ ନଥିଲେ କଣ ହୋଇଗଲା ? ସେଇଥିପାଇଁ ଦୁନିଆ ବଦଳି ବୋଲି ଧରି ବା ବାଧେଇ ।

ସୁନେଇର ରୁଚି ସିନା ଅନେକାଳିକା ଶିକ୍ଷା, ସଭ୍ୟତାର ସଂସ୍କାର ଫେଣରେ ଘଷାମଜା ହୋଇନାହିଁ, ତା ବୋଲି ସେ ରୁଚିକୁ ତାର ଅପ୍ରୀତିକର ବୋଲି ତ କୁହାଯାଇ ପାରେ ନାହିଁ । ହେଲେ, ଗାଁରେ, ସାଇରେ ଏ କଥା ବୁଝିଲେ ତ ହୁଏ । ସୁନେଇ କଥା ସେ ଗାଁରେ କ୍ରମେ ଏମିତି ଆକାର ଧରିଲା, ବାଟରେ ଚାଲିଗଲେ ଲୋକ ବି ପଦେ ନକହି ଛାଡ଼ିଲେ ନାହିଁ । କ୍ରମେ ସୁନେଇ ଗାଁରେ ବଞ୍ଚି ରହିବା କଷ୍ଟକର ହୋଇ ପଡ଼ିଲା ।

ଏବେ ବେଳ ରତ ରତ ହେବାକୁ ଯାଉଛି, କେମିତି କେଜାଣି ଅଝୋଳା ଅଳୁଅ ଅରକ୍ଷିତ ଆସି ପଡ଼ି ଗଲା ସୁନେଇ ଖଞ୍ଜାରେ । ଏଇ କେତେଦିନ ହେଲା ସୁନେଇର ଚିନ୍ତା ପଡ଼ି ଯାଇଥାଏ । ତା ଦେହକୁ ସୁଖ ନ ଥାଏ । ଝିଅପିଅ ଏକଡକମ ନାହିଁ କହିଲେ ଚଳେ । ଅରକ୍ଷିତ କଣ୍ଠ ଦବା କରି ପଚାରିଲା—ସୁନା, ଆଜି କେତେଦିନ ଏମିତି ପଡ଼ିଥିବୁ ଲୋ ? କାଲିଠୁଁ କୋଉଠି କଥା ମୋ କାନରେ ଉଡ଼ୁଛି । ଭାବିଛି, ଥରୁଟେ ଏ ଦିନେ ଭରିବି ବୋଲି । ଏ କଣ କହୁଛୁ କହିଲୁ ?

ଅରକ୍ଷିତର ତା ଘରକୁ ଯାଆସ କରିବା ସୁନେଇ ଅବ ଲୁଚି ନାହିଁ । କେଜାଣି ନାନାକି ତା ଅଣ୍ଡି ଆଗରେ ହେଉଛି

# * ଅଣଷଠି *

ଗୋଟେ ନାରଖାର ଦୁନିଆ-ଯେଉଁଠି ମଣିଷ ଅନ୍ୟର ଆତ୍ମାକୁ ନ ଦେଖି ଦେଖେ ତାର ନାଲିଆ ଲହୁ । ମଣିଷର ସବୁ କଥାରେ ସବୁ କାର୍ଯ୍ୟରେ ରକ୍ତ ଯାଉଛି କମିଭଳା ଗୋଟେ ଆପଣ ଉଦର ପୋଷା ହବ । ଏମିତିଆ ଦୁନିଆରେ ପଛକେ ନ ଖାଇ ନ ପିଇ ପଡ଼ି ପଡ଼ି ପଚି ଖଣ୍ଡ ମରିବ, ମଣି ହୋଇ ମଣିଷ ଠାରୁ ମାନୀୟ, ସହାନୁଭୂତି ମିଳିବ ନାହିଁ । ତଳିଙ୍କ ଲୋକର ଭଙ୍ଗା ବାଡ଼ି କୁଳରେ ଗୁଡେନଇର ଜନ । ଆଖୁ ଲୋକ ନଦୀର ଲଗାପିନି ଶିଖି ନାହିଁ ଯିଏ, ତାମାକି ଲୋକଙ୍କର ଗୁଲି, ଅପବାଦ ବାଣ ସେକଦ ନାହିଁ । ବରଂ ଲୋକବ ଅତଃକରଣ । ଯେଉଁଠି ଲୋକଙ୍କ ଭିତରେ ବାଦ ବିବାଦ ଛିଦ୍ରର ରାଜତି ମୋଠ ଅରକ୍ଷିତ ସତ୍ତାଙ୍କ ଭିତରେ ମୁଣ୍ଡ ଟେକ ଆ ହୋଇ ପାରିବ ନାହିଁ । କେଉଁ ଦିନ ହେଲେ ସେହି ବଦଳି ଯିବ ତାରି ଭିତରେ ଆନମାନଙ୍କ ସାଙ୍ଗରେ ଏକାଠି ହୋଇ—କିଏ ଜାଣିଛି ?

ସେ କଣ୍ଠ କଣ୍ଠରେ ମୂର୍ତ୍ତି ଉପରୁ ମଥା ଟେକି କହିଲା ଅରକ୍ଷିତରେ, ମୋ ଦୁଃଖରେ ମତେ ମରିବାକୁ ଛାଡ଼ି ଦେ ବାପା । ମୋ ପାଇଁ ହାରି ଗୁହାରି କରି କା କି ଲୋକହସା ହଉଛ ? ମୋ ନିଜ କୁଡ଼ିଆ ହୋଇଥିଲେ ତୋପରି ଲୋକକୁ ଖଟୁଲିରେ ବସେଇ ପୂଜା କରୁଥାନ୍ତି । ନାନ ବଂଶଙ୍କ ଜନ୍ମ ଆଜ କି ଆସିବୁ ନାଇଁରେ ।

ଆଉ ବା କଣ କହିଥାନ୍ତା ନେଇ, ପେଟ କୋଣ ହୋଇଗଲା ଭିତରେ । କାଲିଠୁଁ ପେଟକୁ ଦାନା ଯାଇ ନାହିଁ ତାର । ଖାଲି ପେଟରେ ପିଲା ଗୋଡ଼ ଟେଣ୍ଟୁ ଭୋକ ଉପାସ ସହି ନ ପାରି । ସେ ମୂର୍ତ୍ତି ଜଙ୍ଗରେ ମାଡ଼ି କହି ନିଗାଡ଼ି ମକାଇଲା ଆଖିକୁ ।

ରାଜାବା ଉପରକୁ ଚକ୍ର ଶୃଙ୍ଖଳ ଦେଖାଇ ଉଠିଲା ଅରକ୍ଷିତ । ଲୋକଟା ମରି ଯାଇଥିବ ତ ଭଲେ କଥା । ବଂଚଥାଇଁ ଯଦି ଦେଖିବାକୁ ମିଳେ ତେବେ ତାକୁ ଜିଅନ୍ତା ପୋଡ଼ି ପକାଇଲେ ବି ଏତେ ଟିକିଏ ଦୋଷ ଲାଗିବ ନାହିଁ । ଅରକ୍ଷିତ ସୁନେଇର ଦୁଃଖ ଦେଖି ପାରିଲା ନାହିଁ ବେଶୀ ସମୟ । ମନେ ମନେ ହେଉଥାଏ ବୁଢ଼ା ମରି ଯାଆନ୍ତା କି, ସୁନେଇକୁ ନେଇ ତାଙ୍କର ଘରେ ଠାବ ଦିଅନ୍ତା । ଏଇ ଭାବନା ଭିତରେ ସୁନେଇର ଦେହ ଜଳା କଥା କେତେପଦ କୁଆଡ଼େ ଯେ ଗୋଳେଇ ମିଶେଇ ହୋଇଗଲା, ଅରକ୍ଷିତ ଜାଣି ବି ପାରିଲା ନାହିଁ । ଗୋଟେ ଜିଦ୍‌ରେ ସେ ରାଜାବାକୁ ଖୋଜି ଦେବାକୁ ପ୍ରତିଜ୍ଞା କରି ସୁନେଇ ଝାଞ୍ଜା ଛାଡ଼ି ପଳାଇ ଗଲା ସେ ଦିନ

× × ×

ମାଘ ଶୁକ୍ଳ ସପ୍ତମୀ । ଓଡ଼ିଶା ପ୍ରସିଦ୍ଧ ଚନ୍ଦ୍ରଭାଗା'ରେ ବୁଡ଼ ପକାଇବା ପାଇଁ ଭୁବନେଶ୍ୱର ଦେଇ ଧାଡ଼ି ଲଗାଇ ଦେଇଥାନ୍ତି ମୋଟର, ବସ୍, ପାଦଚଲା ଯାତ୍ରୀ । ସେଦିନ ବେଳକୁ ଭୁବନେଶ୍ୱରର ଲିଙ୍ଗରାଜ ଆଗରେ ମଧ୍ୟାହ୍ନ ଧରି ମେଳା ବସେ । ବହୁତ ଆଉ ବହୁତ ଲୋକେ ତୃପ୍ତ ହୁଅନ୍ତି ସେଠି । ଏଥର ବି ଲୋକ ସମୁଦ୍ର । ବର୍ଷକରେ ଥରେ ଗୋଟାଏ ପର୍ବ । କେତେ ପ୍ରକାର ମନାସ କରି ଲୋକେ ସେଠିକି ଆସନ୍ତି । କାରେ ଦେଖେ ଗୁମ୍ଫା— ଓଡ଼ିଶାର ପୁରୁଣା କୀର୍ତ୍ତି । ଆଉ ସେ ଗୁମ୍ଫା ଭିତରେ ଦେଖେ ଘଡ଼ିଏ ବର୍ଷ ଇତିହାସ ବର୍ଣ୍ଣିତ ଓଡ଼ିଶାର ରାଜା ମହାରାଜାଙ୍କ ବଂଶଧର ବୋଲି ନିଜକୁ ମନେ କରି ଗର୍ବ ଅନୁଭବ କରେ । କର୍ପୂର ସିନା ଉଡ଼ି ଯାଇଛି, କନା ଖଣ୍ଡକ ତ ଅଛି ! ପାନ ଖିଲ ପାଇଁ ଫରମାସ କରୁଁ କରୁଁ କେହି କେହି ପାନ ଦୋକାନୀ ଆଗରେ ଅଟକନ୍ତି

ଖାଇଯାଏ ଠିକ୍ ନିଜେ ଦେଖିଥିଲା ଯରି, ଅଙ୍ଗରେ ନିଭେଇଥିଲା ପରି । କେତେ କେତେ ହୁଏତ ବେଳ ଖୁଣ୍ଟି ନଗିଷ୍ଟ ଜୀବନର ନିହାତି ତଳ ପାହାଚକୁ ଓହ୍ଲାଇ ଯାଇ, ଆପଣାର କୁପ୍ରବୃତ୍ତି ଚରିତାର୍ଥ କରିବାକୁ ସେଠାରେ ଲୋକଗହଳରେ ମିଳି ଯାଇଥାନ୍ତି ।

ମେଳା ମଉଚ୍ଛବର ଦ୍ରବ୍ୟ ସମ୍ଭାର ଯେନ ସେଥର ରାଜୀବା ଦୁଆରେ ଧକ୍କା ଦେଉଥାଏ ମାଘ ସପ୍ତମୀ । ରାଜୀବା ସେ ଦିନ ସକାଳୁ ସକାଳୁ ଗାଧୁଆ ପାଧୁଆ ସାରି ଦେଇ ବସି ପେଡ଼ି ଦରାଣ୍ଡୁଥାଏ । କେଉଁଠୁ ଟଙ୍କା ପାଞ୍ଚଟା ମିଳିଲେ ଆଜି ଫୁଲିକି ନେଇ ସେ ଖଣ୍ଡଗିରି ମେଳାକୁ ଯିବ । ଦେହର ରକ୍ତକୁ ପାଣି ଫଟାଇ ଯାହା ସେ ଅର୍ଜିଥିଲା, ସେତକ ଗୋଟି ଗୋଟି ହୋଇ ସବୁ ନିକାଶ ଯାଇଗଲାଣି ଫୁଲିର ମର୍ଜି ଜଗାରେ । ଆଉ କାହିଁ ଥାଏ—ଆଲୋ ମଉସା ନା ଜଉ ପଇସା । ଏଇଲାଗେ ସାନଦିନ କାମବନ୍ଦ । କାନତରଣି ବାବୁ ନୋଟିସ୍ ମାରି ଦେଇଛନ୍ତି । ରାଜୀବା କରେ କଣ ? ଘଡ଼ିକ ବାଦ ଫୁଲି ଆସି ପହଞ୍ଚିବ । ସାଙ୍ଗରେ ଥିବେ ତା ମା ବୁଢ଼ୀ ଆଉ ନାଗିଆ । କାଲିଠୁଁ ଜବାବ ଦିଆ ସରିଛି । ଆଜି ନିସ୍ତାର ନାହିଁ, ନାହିଁ ନାହିଁ । ଯେ କୌଣସି ବାଟେରେ ଟଙ୍କା ପାଞ୍ଚଟି ରାଜୀବାକୁ କେଉଁଠୁ ହେଲେ ବାହାର କରିବାକୁ ପଡ଼ିବ । ସାନ୍ତ ଘରସୁ କରି ପେଡ଼ିଟାକୁ ଖୋଜି ସାରିଲାଣି ସେ । କେଉଁଠି କଣା ପଇସାଟେ ବି ତା ହାତକୁ ଲାଗୁନାହିଁ । ଖାଲି ସେଇ ଚିଠି କେତେଖଣ୍ଡ—ନେଇ ଦେଇଥିଲା । ସେଇ ଚିଠିକୁ ଝଟକେ ହାତରେ ଧରି ରାଜୀବା ଅକାମରା ହୋଇ ବସିଗଲା ।

କ୍ଷଣକ ପାଇଁ ତା ଆଖିରେ ନାଚି ଉଠିଲା ସୁନେଇ—ଯେଉଁ ପାହାଡ଼ତଳିଆ ଝିଅଟି । ସୁନେଇର ଦୁଃଖ, ତାର କଷ୍ଟଯାତ ରାଜୀବା ମନକୁ ଖଣ୍ଡିଆ ଖାବରା କରି ପକାଉଥାଏ ଫୁଲିର ଚିନ୍ତାକୁ

ଆଡ଼େଇ ଦେଇ । ରାଜୀବ ଧୂଳେଇ କଥା ମନେ ପକାଇ ଭୟ କରି ଯାଉଥାଏ । ମନ୍ତ୍ରୀଙ୍କୁ ମାରି ଦେଇଥିଲେ ଲୋକ କି ଏମିତି ଭୟ କରିବ ନାହିଁ । ନା, ନା—ସେ ଚିନ୍ତା କରିବାକୁ ରାଜୀବ ଚାହେଁ ନାହିଁ । ସେ ଚାହେଁ ହାତକୁ ଟଙ୍କା—ଟଙ୍କା, ଫୁଲ ପରି ନରମ ଆଉ ଗରମ ।

ଶତ ଖଣ୍ଡକ ରାଜୀବ ହାତରୁ ଖସି ପଡ଼ିଲା ଘୃଣାରେ, ଗ୍ଳାନିଆରେ । ସେ ମନ ଭୁଲାଇବାକୁ ପଲଙ୍କତଳୁ ଉଠି ଆସିଲା ପଦାକୁ । ଖୁସିଥରେ ଆଦର କରି ପାଖକୁ ଟାଣି ଆଣିଲା ଜୀବନର ମହାଭୂଲ ସେଇ ପାଞ୍ଚଟଙ୍କା ପାଇବାର ନିଶାକୁ । ରାସ୍ତା ସେକଡ଼େ ସରକାରୀ ଘରମାନଙ୍କରେ ଥାଆନ୍ତି ସରକାରଙ୍କ ଦରମାଖିଆ ବାବୁମାନେ । ତା ଆଖିଆଗରେ ବସାଘରୁ ଜଣେ କିଏ ତାଙ୍କ ପିଲାପିଲିଙ୍କୁ ଲଦି ଗାଡ଼ିରେ ବୋଝେଇ କରି ବାହାରିଛନ୍ତି କୁଆଡ଼େ ବୋଧହୁଏ, ହେଉ ଫରେଷ୍ଟ ମେଳାକୁ । ରାଜୀବ ମନରେ ଆଉ ହସିଲା । ଗୋଟେ ମାସିଆ ଦରମାର ଟଙ୍କା ପାଇବା ପାଇଁ କାକୁ ବାନ୍ଧିଗଲା—ଜଣାଅ, ଯାଆନ୍ତୁ ସେ କାହିଁକି । ଗାଡ଼ିକରି ଘାଟେଇଟଙ୍କୁ ନିଏ ମିଳିଲେ ଟଙ୍କା ଲକ୍ଷେ ଖାଇଁରେ ଥୁଆ ।

ଜୀବନ ନେଇ ଯୁଦ୍ଧ । ଏହି ବାଟରେ ଜୀବ ଯୁଦ୍ଧ । ମନୁଷ୍ୟ ଏଇ ଯୁଦ୍ଧର ଚେଷ୍ଟା ଜବ ବେଳ ଖଣ୍ଡାପୁଏ !

ଶ୍ରେଷ୍ଠ ଆସନରେ ଯେ ବସିଥାଏ, ଲୋକେ ତା ଉପରେ ଦେଖିଲେ ବେଳେ ଈର୍ଷାନ୍ୱିତ ହୋଇ ଯାଆନ୍ତି—କେତେ ସୁଖ କରୁଛି; ବିଳାସ ବ୍ୟସନ ଭିତରେ ବୁଡ଼ି ରହିଛି । କିନ୍ତୁ ପ୍ରକୃତରେ ସେପରି ଆସନରେ ବସିଥିବା ଲୋକ ଯେ କେତେ ଧନ୍ଦା ଭିତରେ ଘାରି ହେଉଛି, ସେକଥା କାହାରିକୁ ଲାଗେ ନାହିଁ । କେମିତି ବା ଲାଗିବ ? ଭଗବାନ ମଣିଷ ଆଗରେ ପରଦା-ଜାଲ

ବିଛାଇ ଦେଇଛନ୍ତି, ସେ ଜାଲରେ ଛନ୍ଦି ହେବା ମାତ୍ରକେ ମଣିଷ ଭୁଲିଯାଏ ନିଜକୁ । ଆପଣା ଜୀବନ ପ୍ରତି ସେ ଏତେ ଅନୁରକ୍ତ ହୋଇଯାଏ, ଜୀବନଟାକୁ ସଫଳ କରିବାକୁ ହେଲେ ଯେଉଁ ସାଧାରଣ ଦୁଃଖକଷ୍ଟ ଟିକିକ ପଡ଼େ, ତାକୁ ବି ସହିବାକୁ ସେ ଅକ୍ଷମ ହୋଇଯାଏ । ତେଣୁ ସେ ଭଲ କାମରେ ଜୀବନଟାକୁ ଲଗାଇ ପାରେ ନାହିଁ । ସେ ସ୍ପୃହା ତାର ରହେ ନାହିଁ ମୋଟେ । ଯାବତ ଅପକର୍ମ, କୁଆଚରଣ କରିବାକୁ କିଛି କଷ୍ଟ ପଡ଼େ ନାହିଁ ତାକୁ । ତେଣୁ ସେ ତାହାହିଁ କରେ । ଜୀବନରେ ଦୁଇଟି ପଥ ତା ପାଇଁ ଖୋଲାଥାଏ । ଗୋଟିଏ ସର୍ଜନା ଓ ଅନ୍ୟଟି ନଷ୍ଟ । ସର୍ଜନା ପାଇଁ ନିର୍ଦ୍ଦିଷ୍ଟ ପଥଟି କଣ୍ଟକାକୀର୍ଣ୍ଣ ଆଉ ନଷ୍ଟର ପଥଟି ସହଜଗମ୍ୟ । ଜାଲର ଘେର ଭିତରେ ରହି ମଣିଷ ହୋଇଯାଏ ଖୁବ୍ ସୁବିଧାବାଦୀ । ତେଣୁ ତା ଆଖିକୁ ସହଜଗମ୍ୟ ପଥଟି ପରିଷ୍କାର ଦେଖାଯାଏ, ଆଉ ଜୀବନସାରା ସେ ଧାଏଁ ସେଇ ନଷ୍ଟ ପଥରେ ।

ରଘୁବା ଅନେକ ଦିନରୁ, ବିଶେଷତଃ ତାର ଜନ୍ମମାଟି ଛାଡି ପର ପାଖରେ ହାତ ପତାଇବାକୁ ବାହାରିବା ଦିନରୁ ନଷ୍ଟର ପଥଟିକୁ ବାଛି ନେଇ ସାରିଛି । ଆଜି ପାଞ୍ଚ ଟଙ୍କାର ଟଙ୍କି ଲାଗି ସେ ଚୋରି କରିବାକୁ ଠାକି ବସିଛି । ଏଥିରେ ଆଶ୍ଚର୍ଯ୍ୟ କଥା କଣ ଅଛି ? ଯେ ନଷ୍ଟ ହେଲା, ତାର ସଦ୍‌ଗତି କାହିଁ ?

ରଘୁବା ବୋଧହୁଏ ଏଥି ପୂର୍ବରୁ ତା ଜୀବନରେ କେବେ ଚୋରି କରି ନଥିଲା । ତା ନହେଲେ ସେ କାହିଁକି ଲୁଗାଟାରେ ଏତେ ପରିଶ୍ରମ କରି ପାରେଣି ତେଲିଁ ସରକାରଙ୍କ ଦରମାଖିଆ ବାବୁଙ୍କ ଘରେ ପଶିଥାନ୍ତା ? ବାଟରେ ଝାଡ଼ାଫେରି ନାଁ ପକାଇବାକୁ ସିଏ ମନ କରିବ, ସିଏ କାହିଁକି ନାଳଝାଡ଼ାରୁ ଥୋପାଏ ଫେରିବା ପାଇଁ ଏତେ କଷ୍ଟ ସହିବ ? ଚୋରିବିଦ୍ୟା

ହାସଲ କରିଥିବା ଲୋକ ହୋଇଥିଲେ ସେ ମୋଟେ ଆଉ ଆଖିରେ ଚାହିଁ ନଥାନ୍ତା ଏମିତିଆ ବାବୁଙ୍କ ଘରକୁ । କାହିଁକି ଚାହିଁବ ? କଣ ପାଇବ ସେ ଚାହିଁବ ? ମାସକ ଯାକ ବଳଦିଆ ଖଟଣି ଖଟି ଶୁଣ୍ଣାପରି ଯେଉଁ ଗଣ୍ଡାକ ମାସ ଶେଷକୁ ପାଆନ୍ତି, ବାବୁଙ୍କ ଘର ପର୍ଯ୍ୟନ୍ତ ସେତକ ଆସେ କି ନାହିଁ ସନ୍ଦେହ ଖାଲି ଫୁଟାଣି ଦେଖାନ୍ତି ନା—

ରଘିବା ବହୁଶ୍ରମ ସହକାରେ ପାଚେରୀ ଡେଇଁ ସେ ବାବୁଙ୍କ ଘରେ ପଶିଲା । ଛାତି ଖାଲି ଦମ ଦମ ହେଉଥାଏ । ଘର ଦୁଆର ମୁହଁରେ କେଉଁ ଅଦିଆ କାଳର ଜଙ୍କ ଲଗା ତାଲା ଚୋଟାଏ ଗୋଟାଏ ଝୁଲୁଥାଏ । ତାଲା ଛୁଇଁ ଛୁଇଁ ସେ ଗୁଡା ଚଟ୍ କିନି ଖୋଲିଗଲା । ଘର ଭିତରେ ପଶି ଦେଖିଲା ବେଳକୁ ଟିଣିଆ, ଭଙ୍ଗା, ଚେୟାର, କୁଜା ହୋଇ ଟ୍ରଙ୍କ, ବାକ୍ସ ମାଳ ମାଳ. ଅଥଚ କେଉଁଥିରେ କାଣି କଉଡ଼ିଟାଏ ବି ହେଲେ ମିଳିବା କଷ୍ଟ । ହତାଶ ହୋଇ ଯେଉଁ ସଜରେ ଅସିଥିଲା ଭିତରକୁ, ସେହି ସଜରେ ଫେରିଗଲା ରଘିବା—ଛିଃ, ଏଗୁଡ଼ାକ ଏମିତି ଅଲଣୁଖା ବାବୁ, କୁଲି ମଜୁରିଆଙ୍କ ଠୁଁ ବି ହୀନ !!

ଜୀବନରେ ବାଟଭୁଲିବାକୁ ମଣିଷ ବେଳେ ବେଳେ ଏମିତି ଭୁଲ ପାଏ ? ଭୁଲଟାକୁ କରି ଧୋକା ନଖାଇଲା ଯାଏଁ ତାକୁ ଘାରିଆଉ ଅନ୍ଧାର ବଶେ । ଗୋଡ଼ରେ କଣ୍ଟା ଫୁଟିଲେ ମଦନଶାରୁ ଆଖିଝାଉ ଉଠିଲାପରି ତାର ମୋହ ଭଙ୍ଗେ—ଆରେ ବାଟଗୁଡ଼ି ମୁଁ ଅମଡ଼ା ମାଡ଼ି ଯାଉଛି । ଛିଃ, ଫେର୍, ଫେର୍.....

ରଘିବାକୁ ଏମିତି ଲାଗିଲା, ଟଙ୍କା ପାଞ୍ଚଟି ନ ପାଇଲେ ଯେମିତିକି ତା' ଜୀବନଟା ଠକ୍ କରି ଛିଡ଼ିଯିବ । ଲୋକ ଅଭାବରେ ପଡ଼ି ଲୁଆଡୁ କଛି ନ ପାଇଲେ ଶେଷକୁ ଚେଷ୍ଟା କରିବାକୁ

ପ୍ରଲୁବ୍ଧ ହୋଇଥାଏ । ରାଜାବା ତ ସେ କଥା କରିବାକୁ ଛାଡ଼ି ନାହିଁ ? ଆଉ ବାକି ଅଛି କଣ ? ହଁ, ଅଛି—ସେ କରନ୍ତ କାଳ ପାଖ ବଡ଼ ଗୁଲୁଗୁଲା ଦୋକାନରୁ ହାତ ସଫେଇ କରି ମାରି ଆଣିବା କଥା । ତେଣିକି ପାଞ୍ଚ ହେଉ ବା ପଚିଶି ହେଉ-ତା କପାଳ ।

ସେ'ଠି ପହଞ୍ଚି ଦେଖିଲା ବେଳକୁ ମାଲିକ ନାହିଁ । ଦୋକାନର ତିନି ଭାଗ ଖଣ୍ଡଗିରି ମେଳାକୁ ଉଠାଇ ନେଇଛି । ସାବକ ଦୋକାନରେ ପିଲାଟିଏ ଅଛି । କେହି ଗଲା ଆଇଲା ଖୋଜି ବସିଲେ ବେସନରେ ଡିଆରି ଫେକବକାର ସେଉଠୁ ଗଣ୍ଡାଏ ଆଉ କପେ ଗୁହା ଯୋଗାଇ ଦେଉଛି । ରାଜାବା ତୃପ୍ତି ହୋଇ ବସିଥାଏ ସେହି ଦୋକାନର ଖଣ୍ଡେ ବେଞ୍ଚ ଉପରେ । ପିଲାଟାର ଗତିବିଧି ଠଉର କରୁଥାଏ । ପିଲାଟା ତାକୁ ଥରେ ଦି'ଥର ପଚାରି ସାରିଲାଣି ସେତେବେଳକୁ—କଣ ଦରକାର ? ରାଜାବା ବାଆଁରେଇ କରି କହୁଥାଏ—ନାଇଁରେ, ଖଣ୍ଡଗିରି ଯାଉଥିଲି, ମୁଣ୍ଡଟା କାହିଁକି ବୁଲାଇ ଦେଲା । ବସି ଯାଇଚି ଟିକଏ ।

ଘଡ଼ିଏ ଖଣ୍ଡେ ଧଳା ଉପରୁ ପିଲାଟିକୁ ପରସ୍ତା ଦେଖାଇଲା କି କଣ, କାହିଁକି ସେ ଟିକଏ ଦୋକାନ ବାହାରକୁ ଆଡ଼େଇ ହୋଇଗଲା । ଠିକ୍ ସେତିକିବେଳେ ମଉକା ଦେଖି ରାଜାବା ଦୋକାନର କାଠ ବାକ୍ସରୁ ଅନ୍ଧାରୁଆ କରି ମାରି ଆଣିଲା ଯାହା ପାଇଲା । ବାସ୍, ଆଉ ସେ ପିଲା ସାଙ୍ଗରେ ତାର ଦେଖା ହୋଇ ନାହିଁ । ଥୋଡ଼ାବାଟ ଧଇଁସଇଁ ହୋଇ ଦଉଡ଼ି ଆସିବା ପରେ ରାଜାବା ହାତମୁଠା ଖୋଲି ଅସ୍ଥିର ହୋଇ ଗୁହିଁ ଦେଲା ବେଳକୁ ପାଞ୍ଚଟଙ୍କିଆ ନୋଟ୍ ତିନିଖଣ୍ଡ । ଆଖିଆଗରେ ଦିଶିଗଲା । ନଅ ଆନନ୍ଦ ରାଜାବାର । ଘଡ଼ିକ ଏଣରୁ ଯେଉଁ ଭଗବାନବୋଲି

## * ଛଷଠି *

ଗୋଟେ କାଠ, ପଥରକୁ ସେ ରାଗ ତମ ତମ ହୋଇ ମନେ ମନେ କେତେ କଣ ଗାଳିଦେଇ ଯାଉଥିଲା, ତାକୁ ନେଇ ଥୋଇଦେଲା କେତେ ଉପରେ—ଭଗବାନ ମାଲିକ—ପିସ୍‌କୁ ଦେବା ହେ, ଛପର୍‌ଫାଡ଼୍ କର୍ ଦେବା ହେ ।

ଆଖି ପିଛୁଡ଼ାକେ ରାଜାବା ମୁଣ୍ଡରେ ଖେଳିଗଲା କେତେ କସମର ଭାବନା । ଆଜ ଫୁଲ ଆସିଲେ ସବୁଥର ପରି ଯାଚହୋଇ ସେ ଆଗଭୁରା ଜାଣ୍ଟୁ କହିବ ନାହିଁ । ଅବଶ୍ୟତ ଫୁଲ ଗୋଟେଲେଇ ଯୋଲେଇ ହେବ ! ସେଇଠୁ ରାଜାବା କହିବ ନାଇଁଲେ, ତୁ ଆଉ କାହାକୁ ସାଙ୍ଗରେ ନେଇ ଯାଇଥା ଆଜିକ—କାଲିଆଉକୁ ପଛକେ ମୁଁ ଆଉଥରେ ନେଇଟିବି । ମୋ ଦେହଟା କାହିଁକି ଜମାରୁ ସୁଖ ଲାଗୁନାହିଁ । ମନ ହଉଚ ପାଅନ୍ତୁ ନାହିଁ । ଯଦି କୌଣସି ପ୍ରକାରେ ତା ବୁଢ଼ୀ ମା ଟା ଘରକୁ ଫେରି ଯାଆନ୍ତା, ତେବେ ତ କେତେବାର ଆଜି ରାତିଟା ରାଜାବାର କଟନ୍ତା ଖଣ୍ଡଗିରି ଗୁମ୍ଫାରେ ଫୁଲ ସାଥିରେ । କଟିଆଠା କୁଆଁଟା—ଆଖି ଦେଖାଇ ଦେଲେ ଶୋଇ ପଡ଼ନ୍ତା ଥିର ହୋଇ ।

ଅସରନ୍ତି ଭାବନା ସେ—ଏତେ ଜଲ୍‌ଦି ସରୁଛି କୁଆଡ଼ୁ ? ସାମନା ପଟରୁ ଭଁ, ଭଁ ଶୁଭିଲା—ମୋଟର ଗାଡ଼ିଟେ ଆସୁଛି କି କଣ । ରାଜାବା ଚମକି ପଛ ଅନାଇଦେଲା—ନେଳି ରଙ୍ଗର ମୋଟର ଖଣ୍ଡେ ପବନ ବେଗରେ ଉଡ଼ି ଆସୁଛି । । କଡ଼ରେ ଘଷି ହୋଇ ଚାଲିଗଲା ବେଳେ ଉଡ଼ା ଚୁଡ଼ାଟିଏ ପକାଇଦେଇ ରାଜାବା ଚେତାଶୁଖା ହୋଇ ଠିଆ ହୋଇ ପଡ଼ିଲା ରାସ୍ତା କଡ଼ରେ । ମୋଟର ଭିତରେ କାହାକୁ ସେ ଦେଖିଲା ? ପଛ ଜଣକ ତ କାନଟଗିଟିବାବୁ, ତା କଡ଼କୁ ଲାଗି ବସିଛି ସେ ମାଇପିଟି କିଏ ? ଠିକ୍ ତ ଫୁଲପରି ଦିଶୁଛି ସେଇମିତି କୁଞ୍ଚକୁଞ୍ଚକା ବାଳ,

ସେଇମିତି ରେଙ୍କା ମୁହଁ—ତାଙ୍କ ଉପରେ ଆଜି ଓଠିଲଙ୍କୁ ଦଉଛି କଳାଚିତା—ଆଜି କିଣ ସେ ଫୁଲ !

ଟଙ୍କା ପଇସାର ମୋହ ମଣିଷ ଅଟିରେ ଭେଳିକି ଲଗାଇଦିଏ । ମଣିଷର ନୈତିକ ଜୀବନରେ ତାର ଏତେଦୂର ପ୍ରଭାବ, ସେ ମଣିଷକୁ ତାର ଗନ୍ତବ୍ୟ ପଥରେ ସୁବିଧାରେ ଚଳିବାକୁ ଦିଏ ନାହିଁ । ଯେଉଁମାନେ ପୁରୁଷାନୁକ୍ରମେ ପଇସାର ଶେଯ ବିଛାଇ ଶୋଇ ଆସୁଛନ୍ତି, ସେମାନଙ୍କ କଥା ନିଆରା । କିନ୍ତୁ ଯେଉଁମାନେ ନିମ୍ନ ସ୍ତରରେ ଥାଇ ପଇସା ମୋହରେ ଉଟ୍ଠାର ହୋଇ ଆଗକୁ ମାଡ଼ି ଚାଲନ୍ତି, ସେମାନଙ୍କ ଆବରଣ ତଳେ କ୍ରମେ ଜାଗିଉଠେ ନାନା ପ୍ରକାର ଅବିଚାର, ଅସଦାଚରଣ—ମୋଟାମୋଟି କହିବାକୁ ଗଲେ ଗୋଟେ ନିତାନ୍ତ ଜଘନ୍ୟ ପାଶବିକ ପ୍ରବୃତ୍ତି । ତାଙ୍କ ନିକଟରେ ପଇସା ତୁଳନାରେ ପାରିବାରିକ ମାୟା ମମତା ହୋଇଯାଏ ଅତି ନଗଣ୍ୟ—ଏପରିକି ବାପ ମା ପର୍ଯ୍ୟନ୍ତ ବି ପଛରେ ପଡ଼ି ରହନ୍ତି ଅବହେଳାରେ, ଘୃଣାରେ । ମଣିଷଟା ଆଖି ଥାଉଁ ଥାଉଁ ପାଲଟେ ଗୋଟେ ନିପଟ ଅନ୍ଧ ।

ନିତି ମୂଲଲଗାରେ ଚଳୁଥିଲା ଫୁଲି ମୂଲିଆଣୀର ସଂସାର । ତିନି ତିନୋଟି ପ୍ରାଣୀ ସାଗଠୁଁ, ଘାଟଠୁଁ ସବୁ ସେଇ ଫୁଲିର ମୂଲ ଟଙ୍କୁଣିରେ କିଣି ପେଟ ପୋଷୁଥିଲେ । ଜଳଜଳା ବୟସଟାର ଉପ୍ରାତ ସହି ନ ପାରି ଫୁଲିର ମନ ଭିତରେ ଭିତରେ ଝୁଣ୍ଟିହେଲା ଯଉକ ଅରଜିବାକୁ । ସେତିକିବେଳେ କୁହୁଳା ନିଆଁ ଟିକ ଫୁଙ୍କି ଫାଙ୍କି ଜଳାଇଦେଲା ଗାର୍ଜିବା । ଫୁଲି ଆଗରେ ଛୁଟାଇଦେଲା ଝୁଲବୁହା ପଇସାର ସୁଅ । ଯୌବନର ଖସଡ଼ା ପଥରେ ଫୁଲି ଆଗେଇ ଚାଲିଲା ପଇସାର ସୁଅ ତୋଡ଼ରେ । ଯେଉଁ ସୁଅର ଜନ୍ମ ଗ୍ରେଣ୍ଟିଆ ପାହାଡ଼ ନାସିରୁ, ସେ ଅବା କେତେବାଟ ବହି

ଯାଇ ପାରିବ ? ସେମିତିଆ ସୁଅ ପଛରେ ଧାଇଁ ଛପି ଶିଖିଛି ଯେ, ସୁଅର ଧାର ଟିକେ ଶୁଖିଗଲେ ତାର ଅବସ୍ଥା ଯାହାହେବ, ଫୁଲର ଅବସ୍ଥା ଠିକ୍ ସେହିପରି ହୋଇଗଲା । ଫୁଲକୁ ଆଗପରି ପଇସାର ସୁଅ ମୁହଁରେ ଭସାଇ ନେବାକୁ ରାଜୀବ ହାତରେ ଆଉ ପାଣି ନାହିଁ । ଯେତେହେଲେ ମୂଲିଆ ମୁଣ୍ଡଟେ ସିଏ, ତା ପାଖରେ ଏତେ ପଇସା ବା ଆସିବ କୁଆଡୁ ?

ଗୋବରକୁ ଶ୍ରୀମଣି କହିଲେ ସେ ଗୋଡ଼ ବୁଲାଇ ବୁଲାଇ ପକାଏ । ଫୁଲ ସୁନ୍ଦର ହଉ ନ ହଉ, ରାଜୀବର ଆଦର ଆଉ ପ୍ରଶଂସାରେ ତା ମନରେ ଉଦୟ ହେଲା ଗୋଟେ ରୂପଗର୍ବ । ସେହି ଗର୍ବ ହି ଗୁଣ ତେଜି ଉଠିଲା, ରାଜୀବ ଯେତେବେଳେ ଅଯାଚିତ ଭାବରେ ଯୋଗାଇ ଦେଲା ପ୍ରସାଧନର ସାମଗ୍ରୀ । ଭଲକା ଭଲ ପତଳା ମିଲ୍ ଶାଢ଼ୀ, ବାସନା ତେଲ, ବାସନା ସାବୁନ୍ । ଫୁଲର ମନବଗିଚାରେ ହସିଉଠିଲା ସୌଖିନ ଆଶାକଳି ପାଖୁଡ଼ା ପସାରି । ଜୀବନଟାକୁ ସରସ ସୁନ୍ଦର କରି ଉପଭୋଗ କରିବାକୁ ତା ପ୍ରାଣରେ ଚେତି ଉଠିଲା କେତେ ନୂଆ ନୂଆ ଭାବନା । ଅବାଧ, ଅବିଚ୍ଛିନ୍ନ ଭାବରେ ସୁଖ ସଂଭୋଗ ଲାଭ କରିବାର ସୁଯୋଗ ଯାହାକୁ ମିଳେ, ତା ର ଜୀବନ ଇତିହାସର ଗୋଟେ ନୂଆ ପୃଷ୍ଠା ଖୋଲା ହୋଇଯାଏ । ଆଶାତୀତ ଭାବରେ ଦେଖାଦିଏ ପରିବର୍ତ୍ତନ । ଫୁଲ କାମଛାଡ଼ିଲା, ଦାମଛାଡ଼ିଲା, ବାଧା ନାହିଁ, ବନ୍ଧନ ନାହିଁ, ଛାନ ଲଭ, ଭଲ ମନ୍ଦରେ ପଦେ କହିବାକୁ ଦୋଷଗୁଣ ବାଛିବାକୁ କେହି ନାହିଁ । ଡ଼ାଳୁଅ ଯୋଗୁଁ କାନଶିରୀ ପାଣି ପାଇଲାପରି ଝିଅଥିଲାକୁ ମା ବୁଢ଼ୀ ଆଉ ନଖିଆ ହେବେଁ ନ ଖାଇଲା ଡରକ ଲୁଖିଲେ, ନ ଦେଖିଲା କଥା ଦେଖିଲେ । ମା ବୁଢ଼ୀ ବୁଝିଲା ଏକା ଫୁଲ ଥିଲେ ତିନ ତିନଟା ପୋଷିଲା ସୁଅ ସାଙ୍ଗେ ସରି ।

ପଇସାକ ଯାଗାରେ ବି ପଇସା ଖର୍ଚ୍ଚକଲେ ଫୁଲିକି କହିବାକୁ ସାହାସ କଲାନାହିଁ ତା ମା । ପରଦେଶ, ଘରଦେଶ କୁଆଡ଼ୁ ଆସେ ଯାଏ କୁଆଡ଼େ ?

ରଙ୍ଗୀବାର କ୍ଷୁଦ୍ର ମସ୍ତିଷ୍କ ଏତେ ବଡ଼ ବିରାଟ ଭାବର ଆଧାର ହେବାକୁ ସକ୍ଷମ ହେଲାନାହିଁ । ସେ ବୁଝିପାରିଲା ନାହିଁ ଯେ ଯେଉଁ ସୌନ୍ଦର୍ଯ୍ୟ ଦର୍ଶନରେ ଦୁନିଆ ପାଗଳ ହୁଏ, ଯେଉଁ ବିମୋହିନୀ ରୂପର ନିଆଁରେ ଝାସ ଦେବାକୁ ବୁଭୁକ୍ଷୁ ଜନତା କୀଟ, ପତଙ୍ଗ ପରି ବଗବଗ ଜ୍ଞାନଶୂନ୍ୟ ହୋଇ ଛୁଟେ, ସେ ସୌନ୍ଦର୍ଯ୍ୟର ବି କିଛି ଅଭିଶାପ ଅଛି; ସେ ରୂପର ବି ଅବସାନ ଅଛି । ଗରିବ ନ ଯେ ଦୁଃଖୀ, ଦୁଃଖହିଁ ତାର ସୁଖ । ତା' ନିକଟରେ କୋଟିପତିର ସୁଖ ଅତି ତୁଚ୍ଛ ମନେ ହୁଏ । ସେ ସୁଖ ଦୁଃଖୀର ଈପ୍ସିତ ନୁହେଁ । ତେଣୁ ସେ ତାର ଦୁଃଖର ଜୀବନ ଭିତରେ ପାଏ ସୁଖ—ସଂସାରର ଶପୂଡ଼ାରସ । ତାର ଚଲାକୁଡ଼ିଆ ଆଗର ଅନାବନା ଘାସଫୁଲ କେତେଟା ବାଡ଼ିଦିଏ ସ୍ୱର୍ଗର ନନ୍ଦନ-କାନନ ପାରିଜାତର ସୁଷମା । ଧନୀକର ମନଗଢ଼ା ସୁଖ ଗରିବନିଆ ନୁହେଁ । ଦୁଃଖୀ ଯଦି ସେପରି ସୁଖର ପଶ୍ଚାତ୍‌ଧାବନ କରେ, ତେବେ ପାଇବ କଣ—ଅପମୃତ୍ୟୁ । କାରଣ ସେ ସୁଖ ପ୍ରକୃତ ସୁଖ ନୁହେଁ । ପ୍ରକୃତ ସୁଖ ଥାଏ ଦୁଃଖର ଆଧାରରେ ।

ପାହାଡ଼ ନାସିର ଝୋଟିଆ ପାଣିଧାର ପରି ରଙ୍ଗୀବାଇ ଧନ ଶେଷ ପାଇଗଲା । ତା ସାଙ୍ଗକୁ ତାର ମନର ଖୋକଟିକ ମରି ଯାଇଥିଲେ ଅବା ସେ ମୁକ୍ତି ପାଇଥାନ୍ତା । ସୁନେଇର ନିଃସଙ୍ଗ ଜୀବନର ହାହାକାର ରଙ୍ଗୀବାଇ ବିଦେଶୀ ଜୀବନରେ ଜାଳିଦେଲା ଶେଷ ପ୍ରଳୟଙ୍କରୀ ହା ହୁତାଶ । କଣ ନ କରିଛି ରଙ୍ଗୀବା ? ବିଗତ ମାସ ମାସ ଧରି ତାର ହାଡ଼ଭଙ୍ଗା ପରିଶ୍ରମର ମୂଲକୁ ସେ ଫୁଲିର

# * ସତୁରି *

ରୂପସଜ୍ଜାରେ ତିଳ ତିଳ କରି ଆହୂତି ଢାଳି ଦେଇଛି । ସୁନେଇର ହଜାର ଆଶା, ଆକାଂକ୍ଷା, ଅନୁରୋଧକୁ ସେ ରାସ୍ତା ଘାଟର କନ୍ଦାପିମ୍ପୁଡ଼ି ପରି ପାଦରେ ମାଡ଼ି ଦଳି ଦେଇଛି । ବଣ ପାହାଡ଼ ଘେରା ଢେଙ୍କାନାଳ ଗାଁ ତଳର ସବୁଜ ଶ୍ୟାମଳିମା ଉପରେ ଗୋଟେ କଳା ପରଦା ଝାଙ୍କି ତ ମନ ବେଢରେ ଉଙ୍କି ହୋଇଛି ଫୁଲି ଫୁଲିଆଣି । କପିଳେଶ୍ୱର ଗାଁ ବାଉଆଭୁଇଁର ଗୋଟେ ଲକ୍ଷ୍ମୀ ଝିଅ, ଯେଉଁଠି ଲୋକେ ବର୍ଷକରେ ଥରେ ପେଟ ପୂରାଇ ଖାଇବାକୁ ନ ପାଆନ୍ତି ସେଠିକେ ରୂପର ପ୍ରସାଧନକୁ ଜଗିଥାଆନ୍ତି ଜୀବନଧନ କରି ।

ରାଣୀବାଉ ମନେ ପଡ଼ିଗଲା କାଲିର ସଞ୍ଜ ପହର କଥା । ସାତ ଆଠ ଦିନ ପରେ ରାଣୀନିୟମ ପକାଇଲାରୁ ଫୁଲି ଆସିଥିଲା କାମକୁ । ରାଣୀବାଉର ରାଣୀ ନିୟମର ମୂଲ୍ୟ ଫୁଲି ବୁଝିଛି । ଏତିକିରେ ଅନ୍ତର ତାର ପଶିଗଲା ବିଜୟ ଗର୍ବରେ । କିନ୍ତୁ ଫୁଲି ତ ସେଥିଲାଗି ଆସି ନଥିଲା । ସେ ଆସିଥିଲା ଭିନ୍ନ ଉଦ୍ଦେଶ୍ୟରେ । ଅସଲ କଥା ସ୍ନୋ ହାତରୁ ପାଣି ଶେଷ । ବାସନା ସାବୁନ୍ ସରିଗଲାଣି । ବେଣୀ ପାରିବାକୁ ନାଲିଆ ଫିତା ଦରକାର । ରାତି ପାହିଲେ ହେବ ଖଣ୍ଡଗିରି ମେଳା । କଣ ନେଇ ସେ ମେଳା ବଜାରରେ ତା ରୂପର ବାସ ଚହଟାଇବ ? ଭୁବନେଶ୍ୱର ମନ୍ଦିର ପାଖରେ ଭଡ଼ାଟିଆ ଘରେ ଯେଉଁ କଲେଜ୍‌ଝିଅଟି ଥାଏ, ତା ସାଙ୍ଗରେ ନିଜକୁ ସରିସମ କରିବ ? ଯେନତେନ ପ୍ରକାରେଣ ସେ ଦିନର କାମକୁ ଠିକ୍ କରି ସାରିଦେଇ ସେ ରାଣୀବାଉକୁ ସାଙ୍ଗ କରି ପଳାଇ ଆସିଲା । ରାଣୀବାଉ, ସବୁବେଳେ କୁ ସେ ପଲଟା ଭିତରେ ବସି କଣ ଏତେ ଭାଉଜ କଥା ଭାବୁଛି ? ମନେ

ଅଛି ନା, ରାତି ପାହିଲେ ଖଣ୍ଡଗିରି ମେଳା । ମତେ କିଏ ଦେଖେଇ ନବୁନାହିଁ କି ?

ଏଥିରେ ରାଜୀବର ଅନ୍ତର ଶିହରି ଉଠିଥାନ୍ତା ପୁଲକରେ, ଉଠିଥିଲା ମଧ୍ୟ । କିନ୍ତୁ ସେ ଶିହରଣ ବଦଳିଗଲା ଆଉ ଗୋଟେ ପ୍ରକାରେ । ଯେଉଁଥି ସକାଶେ ରାଜୀବ ପ୍ରମାଦ ଗଣୁଥିଲା, ଠିକ୍ ସେହି କଥା, ସେହି ଭାବନା ଚେତାଇ ଫୁଲି ମୁହଁରୁ ବାହାରିଲା ଅବାରଣ, ଅନର୍ଗଳ । ତୋ' ଉପରେ ମୁହଁ ଭାରି କରିଛିରେ ମୋ ମା । ଆଜି କାମକୁ ଆଇଲାବେଳେ କହୁଚି—ଆଲୋ ଫୁଲି, ତୋ'ସେ ରାଜୀବା'ଇକି ଥରେ କାଲି କି ଗୋଟା ଦେଖେଇଲୁ ନାହିଁ ? କାହିଁ ମ, କି ଭାରି କଣ କଲେ ? ଆଜି କହିବୁ ନା ତାକୁ ମତେ ଟିକିଏ ଖଣ୍ଡଗିରି ମେଳା ଦେଖେଇ ଆଣନ୍ତା । ବୁଢ଼ୀ ଲୋକ, ଏତେଗୁଡ଼େ ବାଟ କଣ ପାଦରେ ଚାଲି ଯାଇପାରିବ ? ମତେ ବୁଢ଼ୀଟା ଉପରେ ଭାରି ରାଗ ଲାଗିଲା । ଅନାମ, ବୁଢ଼ୀଟାର କି ସୁଆଗ । ନିଜେ ମୋ ମୁଣ୍ଡରେ ବେଣୀ ପାରିବାକୁ ଖଣ୍ଡେ ନାଲିଆ ଫିତା ନାହିଁ । ଏଣେ ପୁଣି କ'ଣ ହେଉଚି, ନା—ଦିନକରୁଁ ସାବୁନ ସରିଗଲାଣି ଯେ ପୁଣି ଖଣ୍ଡେ କିମିତି ଆଣିବ, ମତେ ଚିନ୍ତା ପଡ଼ିଚି, ସେଥିରେ ପୁଣି ବୁଢ଼ୀଟାର ଶୁଖିଲା ସୁଆଗ । କହିଲି ମଲାମୋର, ସୁଆଗୀ ବୁଢ଼ୀ, ଏବେ ବି ଏମିତି ଗ୍ଳୁପର ହେଇ ଆସେ ଲୋ ଏତେ ? ମନଟା ଖଟା ଲାଗିଲା, ପଳେଇ ଆସିଲି କାମକୁ ।

ରାଜୀବ ମୁଣ୍ଡରେ କାମୁଡ଼ି ଦେଲା ତେନ୍ତୁଳିଆ ବିଛା । ସେଦିନ ଡାକଘରୁ ଖଣ୍ଡେ ଚିଠି ପାଇଥାଏ ରାଜୀବ । ଗାଁରୁ ଆସିଥାଏ । ଲେଖିଥାଏ ନିଜେ ଅରକ୍ଷିତା । ଚିଠି ଗୋଟାକଯାକ ପଢ଼ିନାହିଁ ସେ । ମଝିରେ ମଝିରେ ଯାହା କେଉଁଠି କିଛି ଆଖି ପଡ଼ି

ଯାଇଛୁ, ସେତିକ । ତାଆଡେ ଲେଖା ହୋଇଛୁ—ସୁନେଇ ମଲା ମୁହଁରେ ପଡ଼ଛୁ । ପାଟିକ ପାଣି ଟୋପେ ବ ଯାଉନାହିଁ । ଆଗରେ ଛୁଟିକଆ ହେବ । ଚଟି ପାଇଲାମାନେ ବସିଲା ଥାନରୁ ଉଠି ଆସିବୁ··· । ଗାଁର ଚଟିଗୁଡାକ ବାଘଭାଲୁ ପର ରଜାବାକୁ ଡରନ୍ତି । ସେ ଡରି ଗଲାଣି । ବେଶୀ ଡର, •କାଳେ କେଉଁଦିନ ଚଟିଖଣ୍ଡେ ସୁନେଇ ଜୀବନର ମରନଭଙ୍ଗା 'ଖବର' ଆଣି ପହଞ୍ଚିଯାଏ !

ଏତିକ ବେଳେ ଫୁଲ ଖୋଲି ବସିଲ ତା ଭାଗବତରୁ ଅଧାୟେ । ଯେଉଁଠି ବାଘର ଭୟ, ସେଇଠି ହେଲ ଅନ୍ଧାର ରାତି କଏ କଣ କରିବ ? ଫୁଲିକ ମାଲ୍ପଆ ଜାଉ ଖୁଆଇଛୁ ନଜେ ରଙ୍ଗବା । ଖେଳିକଲ ଥିଲ ଫୁଲ । ସେକ ଜାଣେ ଥଣ୍ଡା ଗରମ । ଖୁଆଇବା ଲେକ ସିନା ସେତିକ ଜଗି ଥାଆନ୍ତା, ଭାବ ଥାଆନ୍ତା । ଆରେ, ଗରମ ଜାଉ ଓହ୍ଲନ୍ତ କରି ଖାଇ ଦେଲେ ପେଟ ଖୋଳି ଝାଡ଼ା ହେବ । ଫୁଲ ପାଞ୍ଚ ମାଡ଼ିଲେ ରଙ୍ଗବା ବଢ଼ାଇଦଏ ପଚଶ । ଏବେ ଫୁଲିକ ଝାଡ଼ା ବେମାରି ଧରିଛୁ । ରଜାବା ସେ କଥା ସମ୍ଭାଳିବ ନାହିଁ ତ ଆଉ ସମ୍ଭାଳିବ କଏ ? ରଜାବା ଓଷଦ କାଟୁ ନ କଲେ ଫୁଲ ଗୁଳିବ ଅନ୍ୟ ବଇଦ ଲୋକ । ଏଥିରେ ସନ୍ଦେହ କଣ ଅଛି ?

କାଣ୍ଟିକୁଣ୍ଟି ହିସାବ କରି ରଙ୍ଗବା ଦେଖିଲ ନହାତ ଟଙ୍କା ପାଞ୍ଚୋଟି ନ ହେଲେ କାମ ଚଳିବ ନାହିଁ । ଝେଡ଼ ପେଟର ଝଡ଼ା-ଝଡ଼ି କଲେ କେଜାଣି ଅବା ମିଳିଯିବ ଭାବି, ରଙ୍ଗବା ଫୁଲିକ ଜବାବ ଦେଲ—ଫୁଲ ତୁ ଇମିତି ଲୋ ସତେ ? ଆଲୋ, କୋଉ ଭାଉଜ କଥା ଭାବୁଚୁ ତୁ ? କହିଲମିତି, ମୁଁ ମରୁଥାଏଁ ତୋରି ପାଇଁ, ତୋତ ଠିକଏ ଶରଧା ନାହିଁ । ଏ ସଞ୍ଜବେଳଟାରେ

ପଇସା ପଛ କଣ ଦେବି, ତୁ ଯାଆ କି କାଲି ସକାଳୁ ଝିଅଙ୍କ କାମସାରି, ତୋ ବୁଢ଼ୀମା ଆଉ ନଖିଆ, ଯ୍ୟାଙ୍କୁ ସାଙ୍ଗରେ ଧରି ଏଇ ମୋ ପଲ୍ କଟକ ବାହାରି ଆସିବୁ ଯେ, ଗୋଟେ ବଳଦ ଗାଡ଼ି ଭଡ଼ା କରି ଖଣ୍ଡଗିରି ଯିବା । ସେଇଠି ତୋ ପାଇଁ ସାବନ ଆଉ ଫିତା କିଣି ଦେବ । ସତେଲୋ, ନାଲି ଫିତା ଖଣ୍ଡେ ତୋ ମୁଣ୍ଡକୁ ଖୁବ୍ ମନେଇବ ।

ଉଡ଼ିଁ ଆସୁଥିବା ବରଷିଲା ମେଘ ପବନ ଧକ୍କାରେ ଫେରିଗଲା ଭଳି ଫୁଲିର ମନଟି ଝାଉଁଳି ପଡ଼ିଲା ଭିତରେ । ମୁହଁ ପଡ଼ିଗଲା ଫିକା । ମଲା, କାଲି କଣ ମିଳନ୍ତା ନାହିଁକି ? ଆଜି ଖଣ୍ଡେ ଫିତା କିଣିଥିଲେ କାଲି ତାକୁ ମୁଣ୍ଡରେ ବାନ୍ଧି ମେଳା ଦେଖିଯିବାକୁ କହୁଥିଲି ନା !

ରଜିବାର ମନ ହେଉଥାଏ ଫୁଲିର ସେଇ ଗୋଲଗାଲ ଦେହଟିକୁ ଦୁଇ ହାତରେ ଜାବୁଡ଼ି ଧରି କହନ୍ତା—ଛିଃ, ମୋ ସୁନାଟା, ଫୁଲି ତୁ ସିମିତି ମୁହଁ ଓହଳେଇବୁ ନାଇଁଟି ଲୋ । ଫୁଲିର ଗାଲଟି ଠିକ୍ ରହିଯାଇ ଥାନ୍ତା ରଜିବାର ଓଠ ପାଖରେ । ଶତ ସୁନେଇଙ୍କୁ ପଦାଘାତ କରି ସେ ଗଢ଼ନ୍ତା ତାର ଆଉ ଗୋଟିଏ ନକ୍ଷତ୍ର ସୁନେଲି ଦୁନିଆ !

ଏତେ ସୁନ୍ଦର ଚମ୍ପାଫୁଲ ଭିତରେ ଏପରି ଉତ୍କଟ କୀଟ ଅଛି ବୋଲି କିଏ ଜାଣିଥିଲା ?

ଗୋବିନ୍ଦା ଫୁଲିକି ଆପଣାର କରିବାକୁ ଅନେକ ପ୍ରକାର ଚେଷ୍ଟା କରି କରି ଥକିଲା । ତଥାପି ଫୁଲି ତା ଖାଲରେ ପଡ଼ିଲା ନାହିଁ । ଶେଷକୁ ତାକୁ ଗୋଟେ ବୁଦ୍ଧି ଦିଶିଲା—ଜାନଟରିଟି ବାବୁଙ୍କୁ ପଟାପଟି କରି କୌଣସି ପ୍ରକାରେ ମନାଇ ପାରିଲେ ଫୁଲି ହୁଅନ୍ତା ତାର । ରଜିବାଟା ଜାନଟରିଟି ବାବୁ ପାଖରୁ ବଳେ

## ❊ ଚଇସ୍ତର ❊

ବଳେ ଛୁଡ଼ି ବୋକଙ୍କୁ ବାନ୍ଧି ଦେଇ ପଳାନ୍ତି । କିଛି ନ ହେଲେ ଘଣ୍ଟାବା କେଞ୍ଚାଏ ପାଆନ୍ତି ତ । ଏଇ କଥା ମନେରଖି ଗୋବିନ୍ଦା ଡ଼ର ଭିଣ୍ଡି ତା ସଙ୍ଗରେ ଥାଏ । ଠିକ୍ ସେଇଦିନ କେଜାଣି କମିତି କାନଚରାଟି ବାବୁ ଗୋବିନ୍ଦାକୁ ମଜୁରି ଦେଲାବେଳେ ଏକୁଟିଆ ଦେଖି ପଚାରିଲେ—ହଇରେ ଗୋବିନ୍ଦ, ସ୍କୁଲ ଘରକୁ ଗଲାଣି ନା ଅଛୁ ? ଟିକିଏ ତାକୁ କହନ୍ତୁ ଆଜିକ ଆମ ବସାରେ କାମଦାମ କଣ ଟିକେ କରିଦେଇ ଯାଆନ୍ତା ।

ହଳିଆ ବଳଦ ଖୋଳଲା ଠାଇଁ, ଗୋବିନ୍ଦା ମଉକା ଦେଖି କହିଲା—ବାବୁ, କଣ ଗୋଟେ ଦରମା କରିଦେଲେ ସ୍କୁଲ କହୁଥିଲା, ତମ ବସାରେ ସବୁଦିନେ କାମ କରନ୍ତା, ବଗୁଣ୍ଠ ଗରିବ ଲୋକ । ନିଜେ ନ ଖଟିଲେ, ନ କଲେ ଗୁଜରାଣ ଚଳୁନାହିଁ । ଠିକା ମୂଲ ମଜୁରି ନିଅଣ୍ଟିଆ ହଉଚ ।

କେତେ ଦେଲେ ଚଳିବରେ ? କାନତରାଟି ବାବୁ ଉଙ୍କରେ ଚଙ୍କ ପଡ଼ିଲା ପରି ପଚାରିଲେ ।

ତମେ ସେ କଥା ବୁଝିଁ ବରୁର କହିବ ନା—ଗୋବିନ୍ଦା କହିଲା ।

ଆଚ୍ଛା, ପରବାୟୁ ନାହିଁ । ସେ ଯେତେବେଳେ ଯାହା ମାଗିବ, ଦିଆଯିବ । ତୁ ଯା ତାକୁ ଡ଼ାକି ଆଣିବୁ ।

ରୂପସାଗର ଭରା ପସରା ଭିତରେ ଚହଲା ଅଭିମାନରୁ ଚଳାଏ ପକାଇ ଫୁଲ ଗୁଳିଥାଏ ଏକା । ରେଳବନ୍ଧରୁ ତଳକୁ ଗଡ଼ିଗଲା ବେଳକୁ ପଛରୁ ଡାକ ଶୁଣି ଅନାଇ ଦେଲା ସେ । ଗୋବିନ୍ଦା ଛୁଟିଛି ଧଇଁ ସଇଁ ହୋଇ ।

କଅଣ କରେ ଗୋବିନ୍ଦାର ? ଏମିତି ଅଣନଶ୍ବାସିଆ ଧାଇଁଚି କାଇଁକି ?

## ❊ ପଞ୍ଚଦଶ ❊

ଗୋବିନ୍ଦା ଦମ୍ ନେଇ କହିଲା—ଚୋରି ପାଇଁ ଲୋ, ଝିମିନା ଆଜି ଆଖିରେ ଗୃହୁଁନୁ, ହେଲେ ମୋ ମନରେ ସେଥିଲାଗି ବଗ ଅହନା ନାହିଁ । ଆଲୋ, କାନଡଗଣ୍ଠି ବାବୁ ତତେ ଘରି ଜିଗର କରି କହିଚନ୍ତି ଯିବାକୁ । ତାଙ୍କର କଣ ଇମିତ ଗରଜ ପଡ଼ିଚ କେଜାଣି, କହିଲେ ଶହେଟଙ୍କା ପଡିଲେ ପଛେ ଦେବ, ଭୁ ଠିକଏ ଯାଆନ ଗୋବିନ୍ଦା, ଫୁଲିକି ଏଇ ଲଗେ ଡାକି ଆଣିବୁ । ମୁଁ ତ ସେଇଠୁ ଧାଇଁଚି ।

ଫୁଲିର ଅଭିମାନଭରା ମନ ଶହେଟଙ୍କାର ମୋହ ଏଡ଼ି ପାରିଲା ନାହିଁ । ଜାତି, ଧର୍ମ, ମାନ, ଅପମାନ—ଏ ସବୁରେ ଜଳାଞ୍ଜଳି ଦେଇ ପୋଷା ବଗୁଡ଼ି ପରି ସେ ଗୋବିନ୍ଦାର ଅନୁସରଣ କଲା, କାନଡଗଣ୍ଠି ବାବୁଙ୍କର ସାହାଯ୍ୟ ସହାନୁଭୂତି ଆଶାରେ । ଏ କଥା ବଗାବାର ଅଜଣା ରହିଗଲା ।

ସେ ଦିନ କାନଡଗଣ୍ଠି ବାବୁଙ୍କର ପିଲାଏ ନ ଥାନ୍ତି ବସାରେ । ଗୋବିନ୍ଦା ଫୁଲିକୁ ସାଥିରେ ନେଇ ପହଞ୍ଚାଇ ଦେଲା ସେଠି । ସୁବର୍ଣ୍ଣ ସୁଯୋଗ ମିଳିଗଲା ବାବୁଙ୍କୁ । ଫୁଲିର ଉପସ୍ଥିତିରେ ବିହ୍ୱଳ ହୋଇ କାନଡଗଣ୍ଠି ବାବୁ ଖାଲି କରିଦେଇଥିଲେ ଗୋଟା ଗୋଟା ବୋତଲ । ସେ ଦିନକାର ରାତିଟି ତାତି ଉଠିଥିଲା ନୂଆ ରାଜଧାନୀର ଗୁପ୍ତ ଉପରେ ଦୁଇଟି ଜୀବନ ରଙ୍ଗ ଭୂମିର ରଙ୍ଗିନ୍ ପଙ୍କ ପରିବର୍ତ୍ତନ କରି । ବାବୁଙ୍କ ଘରଜଗା ବାହାନା ଦେଇ ବିଚରା ଗୋବିନ୍ଦାଟା ରାତି ଗୋଟାକ ଯାକ ଫୁଙ୍ଗୁଳା ଦେହରେ ପଡ଼ି ରହିଥିଲା ଦାଣ୍ଡପଟ ବାରଣ୍ଡାରେ ।

କେତେ ହର୍ଷ ବିଷାଦର ଉଠାପଡ଼ା ଘଟଣା ବୁକୁରେ ଧରି ସେଦିନ ରାତିଟି ଅପସରି ଗଲା ଧରଣୀ ବକ୍ଷରୁ । ରଖିଗଲା ଗୋଟେ ଗୋଟେ ଦାଗ ଅଙ୍ଗେ ନଭେଳିଲା ଲୋକଙ୍କ ମନରେ ।

ଫୁଲର କଅଁଳ ତନୁପଲ୍ଲବ ଦୋହଲାଇ ବହିଗଲା ଏକ ଯୌବନର ଝଡ଼ । ରାଜବାର ଝାଳ ବୁହା ଧନରେ ପରିପୁଷ୍ଟ ଜଣକର ଅଙ୍ଗ ଲାଗିଗଲା ଧନୀକ ପୁଞ୍ଜିପତିର କାମରେ । ଏଇତ ଦୁନିଆର ଚାଲି ! ଲୋକ ଚାକଚକ୍ୟରେ ଭୁଲି ସବୁ ଦିନିଆଁକୁ ଆଡ଼େଇ ଦିଏ; ଦିନିକିଆକୁ ଆଦର ନିଏ । ଏ ସବୁ କେବଳ ପଇସାର କରାମତି । ପଇସାର ପାଦତଳେ ଖୁବ ଶକ୍ତିଶାଳୀ ସାମ୍ରାଜ୍ୟ, ଶାସନ ବି ମୁଣ୍ଡ ନୁଆଁଏ କାଳେ କାଳେ ।

ସକାଳ ହେବା ମାତ୍ରେ କାନତରାଟି ବାବୁଙ୍କର ବରାଦ ଚାଲିଲା ଗୋଟିକ ପରେ ଗୋଟିଏ । ଲୁଣ୍ଠା ମକୁଷିଆଙ୍କର ପେଟକଟା ଧନ ବିନା ସୁଧରେ ଲଗାଣ ହୋଇଗଲା ଭୁବନେଶ୍ୱରର କେତେ ମନୋହାରୀ ଦୋକାନରେ, ଶାଢ଼ୀ ଦୋକାନରେ । ମୋଟର ଗାଡ଼ି ଖା ଅଚଳ ହୋଇ ପଡ଼ିଥିଲା କେତେ ଦିନରୁ, ସେ ଖଣ୍ଡ ବି ମରାମତି ହୋଇଗଲା । ଅଳପର ଲୋକ ଫୁଲ ମୂଲିଆଣୀ ଆଖିର ବନ୍ଧ ପରେ ବନ୍ଧ ଟପି ଉଠିଲା କେଜାଣି କେତେ ଉଚ୍ଚକୁ—ଯେଉଁଠି ଠିଆ ହୋଇ ତଳକୁ ଚାହିଁଲେ ଏତେବଡ଼ ଧରାଟା ଗୋଟିଏ ସରିପର ଦିଶେ । ଜୀବନଟା ଧୂଆଁବାଣ ହୋଇ ଉଡ଼ିଯାଏ ଗୋଟେ ଫୁତ୍କାରରେ । ମୁହୂର୍ତ୍ତକର ମୋହରେ ପଡ଼ି ସେ ବୁଝି ପାରିଲା ନାହିଁ ଯେ ସେତେ ଉଚ୍ଚରୁ ଯେବେ ଛିଡ଼ିକି ପଡ଼େ ତେବେ ପରିଣାମ କଣ ହେବ । ରାଜବାର ସୁଖର ସଂସାରରେ ସେ ଏଇ ଯେଉଁ ନିଆଁ ଲଗାଇ ଦେଲା, ସେଥିରେ ରାଜବା ପୋଡ଼ି ମରିବ ନାହିଁ ଯେ ପୋଡ଼ିବ ଏକା ସେଇ ଫୁଲ ।

ସେ ଦିନ ରାତିଟା ଯାକ ରାଜବାର ଖାଲି ସପନ ଦେଖାରେ କଟିଥାଏ କି କଣ ଯେ କୁଆ କା କଲାମାତ୍ରେ ସେ ବିଛଣାରୁ ଭୁତଙ୍କ ପରି ଉଠିବସି ଟଙ୍କା ପାଞ୍ଚୋଟି ଖୋଜିବାରେ ଲାଗିଗଲା

ବେଳେବେଳେ ଲୋକଙ୍କୁ ତାଙ୍କ ପ୍ରିୟଜନଙ୍କ ଅପେକ୍ଷା ସେମାନଙ୍କୁ ଦେଇଥିବା ପ୍ରତିଶ୍ରୁତିର ମମତା ବେଶୀ ଲାଗେ । ଟଙ୍କା କେତୋଟି ପାଇଁ ରାଜୀବା ଚୋରି କଲା, ହାତ ସଫେଇ କଲା, ଯାହା କରିବ ବୋଲି ସେ ଭୁଲରେ କେବେ ହେଲେ କଳ୍ପନା କରି ନ ଥିଲା । ସେ ପରି କାମ କଲା—ତେବେ ?

ତେବେ ? ତେବେ—ଏ କଣ, ସେଇ ଫୁଲ ! ରାଜୀବାର ଅଖି ଫାଡ଼ ହୋଇଗଲା । ସେ ପାଞ୍ଚଟଙ୍କିଆ ନୋଟ ଛିନଖଣ୍ଡ ହାତ ମୁଠାରେ ଜାବୁଡ଼ି ଧରି ଚାହିଁଗଲା ଚାରି ଆଡ଼କୁ ପରସ୍ତେ । ତା ଚାରି ପାଖରେ ଚଳମାନ ଜନତା ମୁଖର, ଚଞ୍ଚଳ, ହୋଇ ଉଠିଛି ଆପଣାର ସ୍ୱାର୍ଥସିଦ୍ଧି ପନ୍ଥାରେ । ବାପ ପୁଅକୁ ଆଦର କରୁଛି ଜୀବନର ଶେଷକାଳରେ ପୁଅଠାରୁ ସେତିକ ସୁଧ ସମେତ ଆଦାୟ କରିବା ପାଇଁ, ଭାଇ ଭାଇକୁ ଖୋଜୁଛି ଆପଣାର ଅଭାବ ମୋଚନ କରିବା ପାଇଁ, ସ୍ୱାମୀ ସ୍ତ୍ରୀର ମନନେଉଛି ଠିକ୍ ଦେଢ଼ା ଦରରେ ସେତିକ ସ୍ତ୍ରୀଠାରୁ ଅସୁଲ କରିବା ପାଇଁ । କେବଳ ଏକା ସେଇ ଜଣେ, ରାଜୀବା, ଯେ କି ହରାଇଛି ଦୁନିଆରେ ତାର ବୋଲି ଯାହାକିଛି ସବୁ । ଆଜି ସେ କାଙ୍ଗାଳ, ସର୍ବହରାଙ୍କ ପରି ଦାଣ୍ଡ ମଝିରେ ଠିଆ ହୋଇ ଖୋଜୁଛି ନିଜକୁ । ଭେଟିନାହିଁର ସେଇ ବର୍ଷକ ଆଗର ରାଜୀବ ପାଖକୁ । ଆଖି ଆଗରେ ଦିଶି ଯାଉଛି ସୁନେଇ—ଆଖିରେ ତାର ଜମାଟ ବନ୍ଧା ଲୁହଧାର, ରଟି ପରେ ରଟି ଲେଖି ଚାଲିଛି । କିନ୍ତୁ ସବୁ ବୃଥା । ରାଜୀବାର ଗଣ୍ଡିଖଟା ଅର୍ଜନରେ ତିଆରି ବିଳାସର ସୌଧ ଉପରେ ଠିଆ ହୋଇ ଫୁଲ ମୂଲଆଣୀ ବିସ୍ତାଇ ଦେଇଛି ଭାନୁମତୀର କୁହୁକ ଜାଲ । ପ୍ରକୃତିର ସନ୍ତାନ ହୋଇ ରାଜୀବା ତାର ଶାସନ ବିରୁଦ୍ଧରେ ଅଭିଯାନ କରୁଛି । ଆପଣାର ମାଟିକୁ ଫିଙ୍ଗି ଫୋପାଡ଼ି ସେ

ଅନ୍ୟର ମାଟି ଖୋଳୁଛି···ନା, ନା ଏକାଳ ତାକୁ ଛୁଣ୍ଡାଇବାକୁ ପଡ଼ିବ ଏ ମୋହ ଭାଙ୍ଗିବାକୁ ହେବ । ସେଇଠୁ ସେଇ ସକଳରେ ଧାଇଁଲା ସେ ଖଣ୍ଡଗିରି ଆଡ଼େ ଏକ ମୁହାଁ ହୋଇ ।

ଫୁଲର ଆନନ୍ଦ କହିଲେ ନ ସରେ । ସେଇ ଆନନ୍ଦ ଭିତରେ ଛୁଞ୍ଚି ସୂତା ଭିଅପରି ଦଶିଯାଉଥାଏ ରଙ୍ଗବା କେତେ-ବେଳେ କିମିତି, ମନକୁ ଥରାଇ ଦେଉଥାଏ ଏକ ଅଜଣା ଆଶଙ୍କାରେ । ଯଦି ତାକୁ ଖୋଜି ଖୋଜି ରଙ୍ଗବାଁକ ଆସି ପହଞ୍ଚିଯାଏ ?

କି, ଆସୁ, ଆସିଲେ କଣ ହୋଇଯିବ ? କଣଟେ କରି ପକାଇବ ସେ ? ଫୁଲ ତ କଣ୍ଟ୍ରି ଲେଖାପଢ଼ି କରିଦେଇ ନାହିଁ ଯେ ସେଇ ରଙ୍ଗବା ଛଡ଼ା ଆଉ କାହାରି ସାଙ୍ଗରେ ସେ କୁଆଡ଼େ ଯିବନାହିଁ । ମୂଲିଆ ମୁଣ୍ଡ—ଯେଉଁଠି ମୂଲ ପାଇଲା ସେଠି ଲାଗିଲା । ଏମିତି ରଙ୍ଗବା ପୁଡ଼ ମହାରାଜାବା ହେଲେ ପାଟି ଫିଟାଇବାର ଯୁ ନାହିଁ ।

ଉଦସ୍ପୃତିର ହାଣ୍ଡି ଗୁମ୍ଫାକୁ ଲାଗି ଗୋଟିଏ ରାସ୍ତା ମେଞ୍ଚ ମୋଡ଼ି ହୋଇ ଜଙ୍ଗଲ କଡ଼ରେ ବୁଲି ଯାଇଛି । ବର୍ଷା ପାଣିରେ ଖୋଲିସରି ତଡ଼ି ପାହାଡ଼ ଉପରେ ସେଇ ଅଙ୍କାବଙ୍କା ରାସ୍ତାଟି ପାଦକୁ ଭାରି ମୁନାଏମ ଲାଗେ । ରାସ୍ତାର ଦୁଇ ପାଖରେ କେତେ କାଡିଳା ଜଙ୍ଗଲି ଫୁଲ ଗଛ ଡାଳ ଡେଉଁରାଇ ପାହାଡ଼ ଡିଙ୍ଗ ଉପରକୁ ମାଡ଼ି ଯାଇଛନ୍ତି । ତାଙ୍କ ଭିତରୁ ଗୋଟିକର ଡାଳ ଧରି ଠିଆ ହୋଇଥାଏ ଫୁଲି । ମୁଣ୍ଡ କୁଣ୍ଡାରେ ଖୋସା ହୋଇଥାଏ ଜଙ୍ଗଲି ଫୁଲର ଠାହିଆ । ବାସନାରେ ଚହଟି ଯାଉଥାଏ ସେ ଧାନ ମଳାକ । ଗବରେ ଫୁଲି ଉଠୁଥାଏ ନାକପୁଡ଼ା । ଟେ ଉପରେ ଝୁଲି ଟୋପି ଟୋପି ଲଖିରହି ଗଛ ଛୁଇଁବାଳ ଗୁପି-

ଟେଟାକି ହ୍ୱାନ ଲଭ ହେଲେ ମୁଁ ଚାଲାଇବ । ଗାଁରେ, ସାଈରେ ଆମେ କାହାର ଧାରଥିଲେ ସିନା ତା ପାଖରେ ମୁଣ୍ଡ ନୁଆଁଇବା ନଇଲେ ତାଙ୍କ କଥାରୁ ଆମକୁ ମିଳିବ କଣ ? ନାହିଁ ତ ତମେ ଯଦି ରାଜି ନ ହୁଅ, ତେବେ ତମ କଥା ତମେ ବୁଝ । ମୁଁ ମୋର ଗଲିଲି ।

ଆରେ କୁଆଡ଼େ ଗଲିଲୁ ? କହ ଦାସେ ଜଭ ହେଲଟାକୁ ବାଉଳାରେ ଦାଣ୍ଡ ମଝିକ ଫୋପାଡ଼ି ଦେଇ ଅରକ୍ଷିତ ପାଖକୁ ଧାଇଁ ଆସିଲେ । ତୁ କଣ ବାପୁ ହେଲୁ ଅରକ୍ଷିତ ? କରେ ତୁ ନ ହୋଇ କଣ ଏ ଗାଁ ସାହଆ ହେବେ ? ରାମ ବୋଲ, ତୁ ଆଜି ଯାଇଁ ଝିଅଟ ସେ ସୁନାକୁ ନେଇ ଆସିଲୁ । ଆରେ ମୋରେ ବାପ୍‌ରେ, ବାପ୍‌ରେ ।

ସେଇ ମୁହୂର୍ତ୍ତରେ ଦାସବୁଢ଼ାଙ୍କ ଟୋପର ଖଂଜା ଶଗଡ଼ରେ ବଳଦ ଯୋଚା ହେଲେ । ଅରକ୍ଷିତ ପାଞ୍ଚଣ ଖଣ୍ଡିକ ଧରି ଶଗଡ଼ ଝଙ୍ଗ ଉପରକୁ କୁଦି ପଡ଼ିଲା । ବାଟଯାକ ଭାବୁ ଥାଏ, ସୁନେଈ ହେବେ ରାଜାବା କଥା ପଚ୍ଛରେ ତେବେ ଅରକ୍ଷିତ କଣ କହି ତାକୁ ବୋଧ କରିବ । ବନେଶ୍ୱର ନୂଆ ରାଜଧାମରେ ତିନଦିନ କାଳ ଅଦକନ୍ଦ ବୁଲି ରାଜାବାକୁ ଖୋଜିଛି ସେ, ହେଲେ ତାର ଚିହ୍ନ ବର୍ତ୍ତିବ ମିଳିଲା ନାହିଁ । ଯାହାକୁ ପଚାରିଲେ ସେ ମଥା ହଲାଇ ଦେଇ ଚାଲିଯାଏ । କେବଳ ସେଇ କୁଲୀ ଜଣକ କଏସେ କହିଲା—ହଁ, ନାଁ ରାଜାବା ବୋଲି ଜଣେ କଏ ସେ କେଉଁ ଫଂଜାବ କାନଟ୍ରାକ୍ଟି ପାଖରେ କାମ କରୁଥିଲା, କୁଆଡ଼େ ଗଲା କେଜାଣି । ଅରକ୍ଷିତର ଫେରି ଆସିବା ଛଡ଼ା ଆଉ କିଛି ଉପାୟ ନ ଥିଲା । ସେ ଯାହା-ହେଉ, ସୁନେଈକ କଥା କହିଲେ ସେ କଣ ବାକି ରଖିବ ! ତାକୁ ଥାକ ଦେଇ କହିବାକୁ ପଡ଼ିବ । ଯେତେବେ ନ ପଚାରିଲା ତ

ନାହିଁ, ଯେବେ ପଶୁରେ ଅର ତ କହିବ—ସ୍ୱାଣବା ଅଛୁଟେଲା
ସୁନା, ସେ ଭୁବନେଶ୍ୱରରେ ଜଣେ ବଡ଼ ହାକିମଙ୍କ ପାଖରେ
ନଉକରୀ କରୁଛି । ଛୁଟି ନ ମିଳିବାରୁ ଆସି ପାରୁ ନ ଥିଲା ।
ତୋ ଭଳ ଗୁଡ଼ାକ ସେ ଜମାରୁ ପାଇ ନାହିଁ । ପାଇଥିଲେ ସେ
କଣ ଏମିତି ଥୟ ହୋଇ ବସିଥାନ୍ତା ! ମୋଠୁଁ ତୋ ହାଲ
ହକିକତ ଶୁଣି ସେ କାନ୍ଦି ପକେଇଲା; କହିଲା—ଅର ମତ
ତେମେ ଯାଅକ, ସୁନେଇର ଖବର ଅନ୍ତର ଠିକଏ ଦେଖା ଶୁଣା
କରୁଥିବ । ମୁଁ ବାବୁଙ୍କୁ କହି ଦିମାସ ଛୁଟି ନେଇ ଘରକୁ ଯିବ ।

ବିଛଣାରୁ ଉଠି ବସିବା ଶକ୍ତି ନ ଥିଲା ସୁନେଇର ।
ଅରକ୍ଷିତ ଡାକରେ ସେ ଘୁଷୁରି ଘୁଷୁରି ବହୁକଷ୍ଟରେ ଦାଣ୍ଡଦରଜା
ଖୋଲିଲା । ଆଖି ଆଗରେ ଭାବନାର ଜୀବନ୍ତ ବସ୍ତୁକୁ ଦେଖିଲେ
ଲୋକ ଯାହା ହୁଏ ସୁନେଇର ଅବସ୍ଥା ତାଠୁଁ ଆହୁରି ବଳିଗଲା
ଅରକ୍ଷିତକୁ ଦେଖି । ଯେତେ ଉଚ୍ଚ ଆଶା ତାର ପଣ୍ଡ ହୋଇଗଲା ।
ସେଇ ଆଶାରେ ସେ ସିନା ପାନବଂଶର ମାଟି କାମୁଡ଼ି ଏତେ ଦିନ
ଯାଏଁ ପଡ଼ି ରହିଥିଲା ସେ ଘରେ । ଅରକ୍ଷିତ ଯାଇଛି, ସାଙ୍ଗରେ
ଗଙ୍ଗବାକୁ ଧରି ଭେଟିନେଇ ଗାଁ କୁ ଫେରି ଆସିବ ।

କିରେ ବାପା ଅରକ୍ଷିତ, କାହିଁକି ସେ ?

ଅରକ୍ଷିତର ପାଟି ଝାଳ ମାରିଗଲା । ତଥାପି ମନରେ
ସାହସ ବାନ୍ଧି ସେ ସୁନେଇର ଆଶା-ଗଛଟିକୁ ଉପୁଡ଼ି ପକେଇ ତେଣି
ଦେଲା ଆଜି କେତେ ଦିନ କାଳି । ହେଲେ ସୁନେଇ ସେ ଚୋଟକୁ
ଧରି ରଖିବା ଶକ୍ତି ପାଇଲା ନାହିଁ । ସେଇ ମୁହୂର୍ତ୍ତେ ହାତ ପିଠ ଢଳି
ପଡ଼ିଲା ଭୂଇଁ ଉପରେ । ତାର ଚେତା ବୁଡ଼ିଗଲା ।

ଭୁବନେଶ୍ୱର ମାର୍କେଟ ପାଖରେ ଝାଟିକୁ ଝାଟିଆ ଉପରେ ପଡ଼ି ଗାଣ୍ଡିରା
ଶୁବୁଥାଏ କେତେ ଅଣ୍ଡିର କେତେ କଥା ଅଫିସର ବାବୁଙ୍କ ପ୍ରତି

ଭକ୍ତିରେ ତାର ହୃଦୟ ଉଜ୍ଜ୍ୱଳ ଉଠୁଥାଏ । ଆହା,ମଣିଷ ରୂପରେ ଦେବତା ଜଣେ ସେ । ଭଗବାନ ତାଙ୍କର ଅଧିକରୁ ଅଧିକ କରନ୍ତୁ । ସେ ଦିନର ଖଣ୍ଡଗିରି ଘଟଣା ମନେ ପଡ଼ିଯାଉଥାଏ ତାର । ଛାତି କୋରିପକାଉଥାଏ । ତାର ସାଙ୍ଗରେ ଯୋଡ଼ି ହୋଇ ବଢ଼ି ଯାଉଥାଏ ଫୁଲ । ଦୁନିଆରେ ଏମିତି ଲୋକ ଫେର୍ ବଂଚି ରହନ୍ତିତ ! କେତେ ...ଲ ନ କରନ୍ତି ରାଜୀବ ! ଝାଲବୁହା କମେଇ ତାର କଟ ନ କଲନ୍ତି ସେ ! ପେଟକୁ ଖାଉଥାନ୍ତା ହେଲେ—ଗୁଡ଼ । ଭୁଲି ଯିବାକୁ ଯେତେ ଚେଷ୍ଟା କଲେ ବି ଭୁଲି ହେଉ ନାହିଁ ମନରୁ

ଡାକ୍ତର ବାବୁତ ସେଇ ମଣିଷରୁ ଜଣେ । ସେ ଯଦି ସେ ଦିନ ନ ଗୁହାଁଇ ଥାଆନ୍ତେ ତେବେ ରାଜୀବର ପଥ୍ୟ ବି ମିଳି ନ ଥାନ୍ତା । ତାଙ୍କରି କୃପାରୁ ରାଜୀବ ଆଜି ବାରପଣ ଭଲ ହୋଇ ସାରିଲାଣି । ଖାଲି ମୁଣ୍ଡରୁ ପଟିଟା ଖୋଲା ହେଲେ ସେ ଖଲାସ ,ଡାକ୍ତର ବାବୁ ଖଲାସ୍ , ସମସ୍ତେ ଖଲାସ୍ । ଆଜି ଡାକ୍ତର ବାବୁ ଦେଖିବାକୁ ଆସି କହିଗଲେ ଯେ ଆଉ ଆଠ ଦଶ ଦିନ ପରେ ତା ମୁଣ୍ଡର ପଟି ଖୋଲା ହେବ ।

ରାଜୀବକୁ ବେଶୀ ଆଚମ୍ବିତ ଲାଗେ ଡାକ୍ତର ବାବୁଙ୍କ ବୂଢ଼ୀମାଙ୍କୁ ଦେଖିଲେ । ବଚନ ତାଙ୍କର କି ମଧୁର । ବୂଢ଼ୀ ଶତଧା କରି ତାକୁ ଖଣ୍ଡିଆ ବୋଲି ଡାକନ୍ତି । କେତେ କଥା 'ପଚାରନ୍ତି , ହଇରେ ଖଣ୍ଡିଆ, ତୁ ଭଲ ହେଲେ ଅମ ପାଖରେ ରହିବୁ ନା ? ଆଉ କାହିଁ କି ଗୁଣ୍ଡେ ଏଣେ ତେଣେ ବୁଲିବୁରେ ' ଦୁନିଆ ଲୋକଙ୍କ ମାଡ଼ରେ ପଡ଼ି ପାରିବ ନାହିଁ । ହାତି,ଘୋଡ଼ାର ଲୋଭ ଦେଖାଇ ପେଜକାଳି ବଜାଇ ଦେବେ । ଆମର ମାଟରେ ଘର ପୁଅ ହୋଇ ରହିବୁ, ଖାଇବୁ,ପିଇବୁ । ଆଉ ଚିନ୍ତା ବୋଲି କଣ କିଛି ନାହିଁ ।

## ✳ ଛପ୍ପାଅଶୀ ✳

ରାଜାବା କନ୍ଥୁ କହିପାରେ ନାହିଁ । ଆଖିର ଚୃହାଣିରେ ସମ୍ମତି ଜଣାଏ ।

ନୂଆ ଜୀବନ ସପନ ଲହଡ଼ି ଉଠେ ଦେଖାଦିଏ ଭେଟନଈ ଗାଁ । ତା ର କୋଳର ନଦୀନାଳ, ବଣବୁଦା, ଗଛବୃଛ, ବାଲିବାଡ଼ି ଆଉ ସବୁର ମଝିରେ ଗ୍ରାମଦେବତୀର କଳାମୁଗୁନି ପ୍ରତିମା ମୂନେଇ । ଯେମିତି ଗୃହିଁ ରହିଛି କେତେ ଦୂରକୁ, ଯେଉଁଠି ଗେଣ୍ଡାଳିଆର ଚକାଭଉଁରୀ ଦାଗ ଚାଣିଦିଏ ଥରକୁଥର—ଆଖିରୁ ପାଣି ନିଗିଡ଼ି ପଡ଼େ ଥପ୍‌ଥପ୍—ତୋଳା ଖୋସି ହୋଇଯାଏ ।

ପିଲାଏ ଖଡ଼ି ଧରି ଭୂଇଁ ଉପରେ ଅ ଆ ମଡ଼ାଇଲା ପରି ରାଜାବା ମନରେ ସେଇ ଗୋଟିଏ ଆଶା କେତେ ପ୍ରଛାରେ, କେତେ ଭଙ୍ଗିମାରେ ଦେଇଁ ଉଠୁଥାଏ । ସେ ଡାକ୍ତର ବାବୁଙ୍କ ବୁଢ଼ୀ ମାଙ୍କୁ ଧର୍ମ ମା କରିବ । ବେଳଉଣ୍ଡି ତାଙ୍କର ଆଗରେ ଖୋଲି ଦେବ ତା ମନ ପେଡ଼ି—ମା, ମୁଁ ଟିକିଏ ଗାଁକୁ ଯାଆନ୍ତି···

କାହିଁକି ମିବୁରେ, କିଏ ତୋର ସେଠି ଅଛି ?

ସେଇଠୁ କଣ ବୋଲି କହିବ ରାଜାବା ? ହଁ ମା, ସେଠି ଅଛି ମୋର ହୋଇ ଜଣେ । ସେ···ସେ···

ରାଜାବାର ଭାବନାରେ ବାଧା ଦେଇ ଘର ଭିତରକୁ ପଶି ଆସିଲେ ଡାକ୍ତର ବାବୁଙ୍କ ମା ବୁଢ଼ୀ । ବୁଢ଼ୀଙ୍କ ଅଣ୍ଟା ଲଇଁ ଚାଲୁଣି ବୟସର ଭାରରେ । ବାଡ଼ି ଖଣ୍ଡିକ ଉପରେ ଭରା ଦେଇ ବୁଢ଼ୀ କେତେବେଳେ କମ୍ପନ୍ତି ଏପାଖ ସେପାଖ ହୁଅନ୍ତି । କହନ୍ତି ବାଆ, ପୁଅ ତ କହୁଥିଲା ତୁ ଭଲ ହୋଇ ଗଲୁଣି ବୋଲି, ଏତେବେଳେ ପଡ଼ିଚୁ କିଆଁ ? ଉଠି ବସ, ଟିକିଏ ଚଲ ବୁଲ କର—କହି ବୁଢ଼ୀ ରାଜାବା ପାଖରେ ବସି ପଡ଼ିଲେ ।

ଏଇତ ବନ୍ଧନ—ସଂସାରର ମାୟା । ରାଜାବା ଆଖିରୁ ଝରି ପଡ଼ିଲା ଦୁଇଧାର ଲୁହ ଆତ୍ମସନ୍ତୋଷରେ । ମଣିଷ ବୁଝିପାରେ ନାହିଁ; ସୃଜନ ଭେଦରେ ଗୁଡ଼ାଏ ନାମ କରଣ କରିପକାଏ – ମା, ଭଉଣି, ସ୍ତ୍ରୀ, ଆଉ ଯାହା ସବୁ ! ରାଜାବାଙ୍କୁ ମାଡ଼ ମାଡ଼ି ପଡ଼ିଲା । ତା ଭିତରେ ଆତ୍ମ ବିଶ୍ୱାସ ଜମାଟ ବାନ୍ଧି ଗଲା—ମା ସେ, କହୁଚନ୍ତି, ବସିବ ନାଇଁ କାହିଁକି ?

ଆରେ ଖଣ୍ଡିଆ, ତୁ ତ କହିଲୁ ନାଇଁ ମତେ, ସେ ଦିନ ଯାହା ପଚାରିଥିଲି ? ବୁଢ଼ୀ ମଥା ଥରାଇ ପଚାରିଲେ ରାଜାବାଙ୍କୁ ।

କଣ ମା ? କହିଦେଇ ଚମକି ପଡ଼ିଲା ରାଜାବା । ଯେଉଁ ମା ପଦଟି ତୁଣ୍ଡରେ ଧରିବା ଆଗରୁ ସେ ଏତେ କଳ୍ପନା ଜଳ୍ପନା କରିଥିଲା, ତାକୁ ଏତେ ବେଗି କହି ପକାଇ ଜିଭ କାମୁଡ଼ି ରହିଗଲା ସେ ।

ଆରେ, ମୋ ପାଖରେ ରହିବା କଥା ପଚାରିଥିଲି ପରା । ଭୁଲି ମନୁଆଟା ଭୁଲିଗଲୁ କିରେ ?

ଜନ୍ମ ମାଟିର ମୋହରେ ରାଜାବା ବିଭୋର ହୋଇ ଯାଇ-ଥାଏ । ଆଉ ସେ ସମ୍ଭାଳି ହୋଇ ରହିପାରିଲା ନାହିଁ । ବୁଢ଼ୀଙ୍କ ହାତ ଉପରେ ମଥା ନୁଆଇଁ କହି ପକାଇଲା ତାର ବୁକୁ ସାଇତା ହକଲିଆ କଥା କେତେ ପଦ—ହଁ ମା, ମୁଁ ରହିବି । ତମର ପାଦତଳେ ପଡ଼ି ରହିବି, ଜୀବନ ସାରା । ଖାଲି ଗୋଟିଏ ମାଗୁଣି ମୋର । ଅରକ୍ଷ ବୋଲି, ଅଖୋଜା ବୋଲି ଯଦି ଏ ଗରିବକୁ ଆଶ୍ରୟ ଆନ ଦେଲ, ତେବେ ମୋର ଏଇ ସାମାନ୍ୟ ମାଗୁଣିଟିକୁ ଗୋଡ଼ରେ ଠେଲି ଦେବ ନାହିଁ । ମୋର ଏ ମହୀ ମଣ୍ଡଳରେ ଜଣକ ଛଡ଼ା ଦୁଇ ବୋଲି କେହି ନାହିଁ । ତମେ ଦୟା କଲେ ତାକୁଇ ଥରେ ଦେଖି ଆସନ୍ତି । ତାକୁ ଥାଇତ କରି ଦେଇ ମୁଁ

ନିଚ୍ଛନ୍ତ ଦୁଃଅନ୍ତ । ବାପ ଜେମେଇ ଜମି ବି ଗୁଣ୍ଡୁ ବନ୍ଧା ପକାଇ ପଳାଇ ଆସିଥିଲେ ଅର ବାକୁ । କୋଉଁ କାଳରୁ, କୋଉ ଯୁଗରୁ ତାକୁ ଏକୁଟିଆ ଗାଁରେ ଛାଡ଼ିଦେଇ ଆସିଛ । ଏଥିକୁ ନେମେ ମୋର ଆଶା ଭରସା ।

ସାନବାଉ କହିବା ଭଙ୍ଗୀ ବୁଢ଼ୀଙ୍କ ଆଖିରୁ ରକ୍ତ ଖସାଇ ପକାଇଲା ଲୁହ ଛଳରେ । ସେ ଆଖି ପୋଛି କହିଲେ, କାହାକୁ ସେ ଜଣକ ବୋଲି କହୁଚୁରେ ଝିଅ, ତୋ ଘରଯା ?

ସାନବା ମଥାଟେକ ଅନାଇଁ ରହିଲା ଏକ ଲୟରେ ବୁଢ଼ୀଙ୍କ ମୁହଁକୁ । ଉତ୍ତର ଦେବାକୁ ତା ପାଟିରେ ଭାଷା ନ ଥିଲା ।

× × ×

ଦୁନିଆକୁ ସାତରଙ୍କଠା, ପୋଲୁଅ ଘଣ୍ଟା କରି ପରଖିବା ପାଇଁ ପୁଣି ଥରେ ଫେରି ଆସିଛି ଶ୍ରାବଣ । ଖୋଜିଲା, ନ ଖୋଜିଲା ସବୁଲୋକଙ୍କ ପାଇଁ ଆଣି ଦେଇଛି ସବୁଜ କ୍ଷେତର ମନଲୋଭା ଆକର୍ଷଣ । ଦଶଦିଗ ପ୍ରକୃତିର ଆହ୍ୱାନ ଗୁରୁଆଡ଼େ ଖେଳି ବୁଲୁଛି ସ୍ୱପ୍ନ ଭ୍ରମର ଯୁଗର ମଧୁ ଛନ୍ଦରେ ।

ଅରକ୍ଷିତର ଧାନ ରେଣେ ନାହିଁ । ଏଇ କେତେକ ଦିନ ହେଲା ତା ମନରେ ଘୋଟିଯାଇଛି ଗୋଟେ ବଡ଼ ଧରଣର ଦୁରାଶା, ବିମର୍ଷ ଭାବ । ଏଇମିତି କଷ୍ଟମିଛ କହି ସେ ଆଉ କେତେଦିନ ସୁନେଇକୁ ଭୁଲାଇ ରଖିବ ? ଗାଁ ଲୋକଙ୍କ ଟାହୁଲି ସହି ନ ପାରି ଦାସବୁଡ଼ା ତୀର୍ଥ କରିବା ନାଁରେ କେଉଁଠି ଘର ଛାଡ଼ିଲେଣି । ସୁନେଇ କୋଳରୁ ଝିଅ ଟିଅଟି ଗୋଟିଣୀ ମାରୁଛି ଟମ ବଦାର ନଷ୍ଟାନ୍ତ ହୋଇ ଯାଉଛି । ଅରକ୍ଷିତ ଧାନ ବକ ଅବା କେତେ ଦିନ ଚଳାଇବ ? ତଥାପି ସାନବା ଫେରିଲା ନାହିଁ । ଦୁହିଁ ମୁହିଁ ଆସି କର୍ଦ୍ଦମ ଉପରେ ଧରିଲା । ଆଉ କେତେଟା ଦିନ ଗଲେ ହେବ ଚତଉ ଅମାସିଆ ।

## ❊ ଅଶାନବେ ❊

ସେଦିନ ଏମିତି ଅଡୁଆ ତଡୁଆ ଘଟନାରୁ ବୋଟେ ମନରେ ଭକ୍ତିକରି ଅରକ୍ଷିତ ବସିଥାଏ ତାଙ୍କ ଘର ଦାଣ୍ଡ ଦୁଆର ମୁହଁ ବନ୍ଧ ଉପରେ । ଝଡ଼ ପାଗ ଯୋଗୁଁ ଦିନ ବାରି ହେଉନଥାଏ । କେଜାଣି କେଉଁ ଦେବତାର ଅନୁଗ୍ରହରୁ ଡାକ ପିଅନ ଖଣ୍ଡେ ଚିଠି ତା ହାତକୁ ବଢ଼ାଇ ଦେଇଗଲା । ଅରକ୍ଷିତ ବଡ଼ ଆଗ୍ରହରେ ଚିଠି ଖଣ୍ଡି ପଢ଼ିପକାଇଲା ଦେଇଛନ୍ତି ରାଜୀବ । କୋଠି ଦପ୍ତର ବନ୍ଦ ପକାଇ ଲେଖିଛନ୍ତି ଚିତଉ ଅମାସିଆ ଦିନେ ଥାଇ ସେ ଗାଁକୁ ଫେରିବ ବୋଲି । ଅରକ୍ଷିତ ଆନନ୍ଦ ମନରେ ସେ ଖଣ୍ଡ ହାତରେ ଧରି ଘର ଭିତରକୁ ପଶିଗଲା । ସୁନେଇ ଆଗରେ ଚିଠି ଖଣ୍ଡିକ ପଢ଼ି ଶୁଣାଇ ଦେଲା, ହେଲେ ଜାଣି ପାରିଲା ନାହିଁ ସୁନେଇର ପେଟ ଭିତର କଥା ।

ସେଇ ଚିଠି ଖଣ୍ଡିକ ପାଇବା ସୁଯୋଗ, କାଳର ଗତି ସଙ୍ଗେ ସଙ୍ଗେ କ୍ରମେ ଦୁର୍ଯୋଗରେ ପରିଣତ ହେଲା । ଦିନେ ସକାଳୁ ଉଠି ସୁନେଇ ଜିଦ୍ ଧରିଲା ତା ଘରକୁ ଯିବାକୁ । ଅରକ୍ଷିତ ବହୁତ ବୁଝାଇଲେ ମଧ୍ୟ ସେ କିଛି ଶୁଣିଲା ନାହିଁ । ଶେଷକୁ ବାଧ୍ୟହୋଇ ସେ ସୁନେଇକୁ ନେଇ ରାଜୀବ ଖଞ୍ଜାରେ ରାତିବିକାଳି ଛାଡ଼ିଦେଇ ଆସିଲା । ଚିତଉ ଅମାସିଆ ସେ ଦିନକୁ ଥାଏ ମୋଟେ ଗୁରୁଦିନ । ସେଇ ରାତିଟାରେ ଆଖିରୁ ଲୁହ ପୋଛି ଫେରି ଆସିଥିଲା ଅରକ୍ଷିତ ତା ନିଜ ଘରକୁ ।

ଦୁଇଦିନରୁ ଶ୍ରାବଣର ମେଘ ଲଗାଇ ଦେଇଥାଏ ଚିତଉଅମାସିଆ ଝଡ଼ି । ଅହୋରାତ୍ର ଅବିରାମ ବର୍ଷା । ଭେଟନଈ ଗାଁସାରା ଆଣ୍ଠୁଏ ପାଣିର ସୁଅ । ସୁନେଇ କୋଳର ଝିଅଟିର ଦେହ ସୁଖ ନ ଥାଏ । ଜରଟା ହାଲପ ଲାଗି ତାକୁ ହୋଇଥାଏ ଶର୍ଦ୍ଦିଜର । ତାକୁ କୋଳରେ ଧରି ସୁନେଇ ବସିଥାଏ ଘରଟି ଭିତରେ କାନ୍ଥକୁ

ଆଉଜି । କେବଳ ତାର ଲାଗି ଯାବତ ଦୁଃଖ, ଗଞ୍ଜଣା ସବୁ ପଡ଼ି ରହୁଥାଏ ସାଙ୍ଗବା ବାଟକୁ ଗ୍ଳହିଁ । ରାତି ପାହୁଗଲେ ଆସିବ ସାଙ୍ଗବାର କଣ୍ଠଦଆ ହନଟି । ସୁନେଇର ଗୁଡି ପଞ୍ଜରା ଦୋହଲାଇ ବାହାର ଯାଉଥାଏ ଗୋଟାକୁ ଗୋଟା ଦମକା ନିଃଶ୍ୱାସ ।

ସେ ରାତିଟିଯାକ ସୁନେଇ ଆଖିରେ ପଲକ ପଡ଼ିନଥାଏ । ସକାଳ ହେଲା ମାନେ ବରଷା ପାଣିରେ ଦରତିନ୍ତା ହୋଇ ପହଞ୍ଚିଗଲା ଅରକ୍ଷିତ । କାଖତଳୁ ପୁଡ଼ିଆଟିଏ କାଢ଼ି ସୁନେଇ ହାତକୁ ବଢ଼ାଇ ଦେଲା ସେ କାଗଜ ଖଣ୍ଡେ—ନେଲୋ ସୁନା, ଏ ଜମି ବନ୍ଧକ ତମସୁକଟା ସାଙ୍ଗବା ଆସିଲେ ଦେଇଦେବୁ ତା ବାପ ଜମେଇ ଜମି ସେ—ତାକୁ ଆମେ ମାଡ଼ିବସିଲେ ଆମକୁ ଧର୍ମ ସହିବ ନା ! କହିବୁ ତାକୁ, ଆମ ଘରଦୁଆର ତାକୁ ଲାଗିଲା ମୁଁ ଯାଉଛି ବାପାଙ୍କ ଖବର ବୁଝିବାକୁ—କୁଆଡ଼େ ଗଲେ, କଣ ହେଲା କଣ ନାହିଁ, କହି ବିଜୁଳି ବେଗରେ ସେ ଥାନ ଛାଡ଼ି ପଳାଇଗଲା ଅରକ୍ଷିତ । ତା ଜାଗାରେ ପଡ଼ିରହିଲା ଗୃହ କାଠ ପେଟ୍ଟାଟା

ସୁନେଇ ସେଇମିତି ବସିଥାଏ କାନ୍ଥକୁ ଆଉଜି । ହାତ ମୁଠାରେ ଥାଏ ଜମି ବନ୍ଧକ ତମସୁକ ଖଣ୍ଡ । ପାଖରେ ପଡ଼ିଥାଏ ସାଙ୍ଗବାର ଚଠି ଖଣ୍ଡିକ । କୋଳରେ ଛୁଆଟା କାନ୍ଦି କାନ୍ଦି କଳାକାଠ ପଡ଼ିଯାଇଥାଏ । ସୁନେଇ ଆଖିରେ ପଲକ ନାହିଁ କି ପାଟିରେ କଥା ନାହିଁ ।

ବାହାରେ ମେଘ ବରଷୁଥାଏ ଭୁହାକୁ ଭୁହା ସେହିପରି ଅପଲକ, ସୁନେଇ ସାଥିରେ ବାଦ ଲଗାଇ । ମେଘ ଅନ୍ଧାରି ସାଙ୍ଗକୁ ହଜ ଅନ୍ଧାର ମିଶି କାଳଅଭୂତ ପାଲଟି ଯାଇଥାଏ ଯୁଆଡ଼େ ଗ୍ଳହିଁ ଖାଲି ହାଣ୍ଡିକଳା ଘର ଅନ୍ଧାର । ସେଇ ଅନ୍ଧାର

ଠେଲ . ଧପଡ଼ ଥାଏ ରଞ୍ଜିବା । ମୁଣ୍ଡରେ ମୁଡ଼େଇଥାଏ ଗୋଟେ ଶକ୍ତ ବୋଝ । ତା ଉପରେ ନୂଆ ଛତାଖଣ୍ଡେ ଟାଣୁଆ ଟାଙ୍କୁ ମେଲାଇ ପାଣି ପବନ ସାଙ୍ଗରେ ଲଢ଼ା ଟେର ଲଗାଇଥାଏ ।

ଗାଁ ଦାଣ୍ଡରେ ଆଣ୍ଠୁଏ ପାଣି । ଖାଲ ଢ଼ିପ ବାରି ହେଉ ନାହିଁ । ଭାବନା ପରେ ଭାବନା ତେଉ ଉଠି ମନଟା ଭିତର ଘାଣ୍ଟି ପକାଉଅଛୁ ରଞ୍ଜିବାର । ସୁନେଇର କଣଟାଏ ହୋଇଥିବ, ଝିଅଟିଏ ନା ପୁଅଟିଏ । ଅରକ୍ଷିତଆଟା ବନବଣ ବସା ବାନ୍ଧିଥିବ ସୁନେଇ ପାଖରେ । ବାନ୍ଧୁପଛେ, ଉପକାରୀ ଲୋକଟା । ଟେକା ଟେକ କରି କମିତି ଦାସ ବୁଲାଠୁ ଜମି ବିଗୁଣ୍ଠ ମୁକୁଳାଇବ ଏଇମିତି କେତେ ଭାବନା ।

ଆଖି ଆଗରେ ରଞ୍ଜିବାର ଘର, ବାପ ଗୋସାପଙ୍କ ଅରଜିଲା ମାଟି । ଏଇଠି ରଞ୍ଜିବା ଜନ୍ମ ହୋଇଥିଲା । ପହଣ୍ଡ ଚାଲ କାଦୁଅ ଟିକେ ମଥାରେ ମାରି ରଞ୍ଜିବା ଉଠି ଆସିଲା ଉପରକୁ । ଛତା ବନ୍ଦକଲା, ମୁଣ୍ଡରୁ ବୋଝ ଓହ୍ଲାଇ ତଳେ ଥୋଇଲା । ଘର ଭିତରକୁ କାନେଇଲା କିଛି ସୋର ଶବ୍ଦ ନାହିଁ । ମା ଝୁଅ ଦୁହେଁ ବୋଧହୁଏ ଶୋଇ ଯାଇଛନ୍ତି । କଣ ବୋଲି ଡ଼ାକିବ ସେ ? ସୁନେଇ ନାଁ ଧରି ଡ଼ାକିବ୍ ତ !

ଡ଼ାକିଲା—ସୁନେଇ କିଲୋ, ସୁନା···ଲୋ ସୁନା !

କିଛି ଜବାବ ନାହିଁ । ଦାଣ୍ଡ କବାଟରେ ଠକ୍ ଠକ୍ କରିବ ବୋଲି ହାତ ବଢ଼ାଇଲା ବେଳକୁ ଦେଖିଲା କବାଟଟା ଠିଆ ମେଲା । ଭାବିଲା ସୁନେଇ ଯା ଭିତରେ କେତେବେଳୁ ଆସି କବାଟ ଫିଟାଇ ଦେଇ ଗଲାଣି; ଅଭିମାନ କରି ଜବାବ ଦେଲାନାହିଁ ।

✻ ବସ୍ତ୍ରାନବେ ✻

ଘର ଭିତରେ ନିଝୁମ ଅନ୍ଧାର । ଡାକି ଡାକି ଥକିଗଲା ରାଜିବା—କେଲୋ ମୁନା ଟିକିଏ ଡିବିରିଟାକୁ ଲଗାଇ ଦେ ହେଲେ, ଅନ୍ଧାରରେ ଆଖିକି କିଛି ଦିଶୁନାହିଁ ।

ସୁନେଇ ଅଭିମାନ କରିଥାଏ ତାର ଆପଣା କପାଳ ଉପରେ । ଅରକ୍ଷିତ ଗଲାବେଳରୁ ସେଇମିତି କାନ୍ଥକୁ ଆଉଜି ସେ ବସିଛି···ବସିଛି । ଡୋଳା ଦିଓଟି ସେଇମିତି ଅପଲକ ରହିଛି, ସତେ ଅବା କେଉଁ ଜନ୍ମ ଜନ୍ମାନ୍ତର ପାଇଁ ଚାହିଁ ରହିଛି କାହାର ଆସିବା ବାଟକୁ । କୋଳରେ ତାର ଗେଣ୍ଡିଟିଆ ଝିଅଟି ଶୁଆଧିର ରହି ଯାଇଛି କେତେବେଳରୁ ଦେହ ହାତ କାଠ ହୋଇଗଲାଣି ।

ରାଜିବା କଷ୍ଟକଷ୍ଟରେ ଦିଆସିଲି ମାରି ଡିବିରିଟାକୁ ଜାଳି ଘରଭିତରକୁ ଚାହିଁଦେଲା, ବସିଛି ସୁନେଇର ପ୍ରାଣ କାନ୍ଥକୁ ଆଉଜି; କୋଉଠି ଆଡ଼ରେ ଜଳ ଜଳ କରି ଚାହିଁଛି, ଅଥଚ ଜବାବ ହେଉନାହିଁ ।

ବଡ଼ ଆଗ୍ରହରେ, ବଡ଼ ଶରଧାରେ ରାଜିବା ଯାଇଁ ବସି ପଡ଼ିଲା ମା ଝିଅଙ୍କ ପାଖରେ । ଆଖିରେ ତାର ଫୁଟି ଉଠୁଥାଏ ନିନ୍ଦା ଭୟ ଲାଜ ।

ବାହାରେ ଥରି ଉଠୁଥାଏ ଧାରାଶ୍ରାବଣ ରାଜିବାକୁ ଉପହାସ କରି, ତାରି ଆଖିର ଲୁହଧାର ସଙ୍ଗେ ତାଳ ପକାଇ—ଝିପରି ଝିପ୍···ଝିପରି ଝିପ୍········ ।